ଲୋକସେବା ଭବନ କନ୍‌ଭେନସନ ସେଣ୍ଟରଠାରେ ମିଶନ ଶକ୍ତି ବିଭାଗ ପକ୍ଷରୁ ଆୟୋଜିତ ଏହି ସମ୍ମିଳନୀରେ ଦେଶର ୨୫ଟି ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳରୁ ଲକ୍ଷପତି ଦିଦି ଓ ସରକାରୀ ଅଧିକାରୀମାନେ ଯୋଗ ଦେଇଛନ୍ତି। ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି, ଉକ୍ତ ସମ୍ମିଳନୀ କେବଳ ଆମ ପାଇଁ ଉପଲବ୍ଧିର ଉତ୍ସବ ନୁହେଁ ବରଂ ଏହା ଆମ ମହିଳା ନେତୃତ୍ୱ ପ୍ରତି ସଂକଳ୍ପ। ପ୍ରଧାନମନ୍ତ୍ରୀ ମହିଳାଙ୍କ ରାଜନୈତିକ, ସାମାଜିକ ଏବଂ ଅର୍ଥନୈତିକ ସ୍ୱତନ୍ତ୍ରତା ପାଇଁ ଅନେକ ପଦକ୍ଷେପ ଗ୍ରହଣ କରିଛନ୍ତି। ରାଜନୈତିକ କ୍ଷେତ୍ରରେ ମହିଳାଙ୍କ ପ୍ରତିନିଧିତ୍ୱ ପାଇଁ ନାରୀଶକ୍ତି ବନ୍ଦନ ଅଧିନିୟମ ସଂସଦରେ ପାରିତ ହୋଇଛି। ଏହା ମାଧ୍ୟମରେ ଆଗାମୀ ନିର୍ବାଚନରେ ଅତି କମ୍‌ରେ ୩୩% ମହିଳା ଲୋକ ସଭା ଓ ବିଧାନସଭାକୁ ନିର୍ବାଚିତ ହୋଇ ଆସିବେ। ଓଡ଼ିଶା ଲକ୍ଷପତି ଦିଦି ମିଶନକୁ ପ୍ରତିବଦ୍ଧତାର ସହ କାର୍ଯ୍ୟକାରୀ କରିଛି। ପ୍ରାୟ ୧୭ ଲକ୍ଷ ମହିଳାଙ୍କୁ ଲକ୍ଷପତି ଦିଦି ଭାବେ ଗଢ଼ି ଆଜି ଓଡ଼ିଶା ଭାରତବର୍ଷରେ ପ୍ରଥମ ସ୍ଥାନ ଅଧିକାର କରିଛି। ଏହି ସଫଳତା ଆମ ସ୍ୱୟଂ ସହାୟକ ଗୋଷ୍ଠୀ ମହିଳାଙ୍କ ନିଷ୍ଠା, ମିଶନ ଶକ୍ତି ଏବଂ ଓଡ଼ିଶା ଜୀବିକା ମିଶନର ଆନ୍ତରିକତା ଓ ତୃଣମୂଳ ସ୍ତରରେ ଦକ୍ଷତାପୂର୍ଣ୍ଣ କାର୍ଯ୍ୟର ଫଳସ୍ୱରୂପ ଆମକୁ ମିଳିଛି ବୋଲି ସେ କହିଛନ୍ତି। ମୁଖ୍ୟମନ୍ତ୍ରୀ ଶ୍ରେଷ୍ଠ ଲକ୍ଷପତି ଦିଦି ଭାବରେ ଦେବଗଡ଼ ଜିଲାର ଶକୁନ୍ତଳା ଧଳ, ଗଜପତି ଜିଲାର ସୁଲମୀ ଦଳବେହେରା ଏବଂ କେନ୍ଦ୍ରାପଡ଼ା ଜିଲାର ମମତା ନାଥଶର୍ମାଙ୍କୁ ପୁରସ୍କୃତ କରିଛନ୍ତି। ଜିଲାରେ ୯୮% ଲକ୍ଷପତି ଦିଦି ସୃଷ୍ଟିକରି ପ୍ରଥମ ସ୍ଥାନ ଅଧିକାର କରିଥିବା ନୟାଗଡ଼ ଜିଲା ଏବଂ ୯୭% ଲକ୍ଷପତି ଦିଦି ସୃଷ୍ଟି କରି ୨ୟ ସ୍ଥାନ ଅଧିକାର କରିଥିବା କେନ୍ଦ୍ରାପଡ଼ା, କଟକ, ଭଦ୍ରକ, ଜଗତ୍‌ସିଂହପୁର ଜିଲାକୁ ମୁଖ୍ୟମନ୍ତ୍ରୀ ପୁରସ୍କୃତ କରିଛନ୍ତି। କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ଲକ୍ଷପତି ଦିଦିଙ୍କ ଉପରେ ପର୍ଯ୍ୟବସିତ ଏକ ଭିଡିଓ, ଏକ କଫି ଟେବୁଲ ବୁକ୍ ଓ ବୁକ୍‌ଲେଟ୍ ଉନ୍ମୋଚନ କରିଥିଲେ ।

ଏହି ଅବସରରେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଉଦ୍‌ବୋଧନଦେଇ କହିଛନ୍ତି, ଲକ୍ଷପତି ଦିଦି ଯୋଜନା କେବଳ ଏକ କାର୍ଯ୍ୟକ୍ରମ ନୁହେଁ, ଏହା ଏକ ଆନ୍ଦୋଳନ; ଯାହା ମହିଳାମାନଙ୍କୁ ଘର ଚାରିକାନ୍ଥ ମଧ୍ୟରୁ ବାହାରକରି ବିକାଶ ସ୍ରୋତରେ ଯୋଡୁଛି। ଲକ୍ଷପତି ଦିଦି ସୃଷ୍ଟି କରାଇବାରେ ଓଡ଼ିଶା ଲଗାତର ଭାବେ ୧ ନମ୍ବର ସ୍ଥାନରେ ରହିଛି। ଏହା ଆମ ପାଇଁ ବଡ଼ ଉପଲବ୍ଧି। ଏହି କାର୍ଯ୍ୟକ୍ରମ ବଳରେ ବର୍ତ୍ତମାନ ଗ୍ରାମାଞ୍ଚଳର ମହିଳାମାନେ କେବଳ ନିଜ ପାଇଁ ରୋଜଗାର କରୁନାହାନ୍ତି, ଅନ୍ୟମାନଙ୍କ ପାଇଁ ଉଦାହରଣ ମଧ୍ୟ ହୋଇଥିବା ସେ କହିଛନ୍ତି। ଏ ହି କାର୍ଯ୍ୟକ୍ରମରେ ମିଶନ ଶକ୍ତି ବିଭାଗର କମିଶନର ତଥା ଶାସନ ସଚିବ ଶାଳିନୀ ପଣ୍ଡିତ ସ୍ୱାଗତ ଭାଷଣ ଏବଂ ନିର୍ଦ୍ଦେଶିକା ମୋନିକା ପ୍ରିୟଦର୍ଶିନୀ ଧନ୍ୟବାଦ ଅର୍ପଣ କରିଥିଲେ।

# ପିକ୍‌ଅପ୍ ଭ୍ୟାନ୍ ଧକ୍କାରେ ୨ ମୃତ



ଉତ୍ତ୍ୟକ୍ତ ଲୋକେ ପିକ୍‌ଅପ୍ ଭ୍ୟାନ ପୋଡ଼ିଦେଉଛନ୍ତି।

- **ପିକ୍‌ଅପ୍ ଭ୍ୟାନ୍ ଜାଳି ରାସ୍ତା ଅବରୋଧ**
- **ପୋଲିସ-ଉତ୍ତ୍ୟକ୍ତ ଲୋକେ ମୁହାଁମୁହିଁ**

**ଝାରସୁଗୁଡ଼ା, ୨୯।୫(ଆଶିଷ ରଞ୍ଜନ ଦାଶ)**

ଝାରସୁଗୁଡ଼ା ଜିଲା ବଡ଼ମାଲ-ରାଉରକେଲା ବିଜୁ ଏକ୍ସପ୍ରେସ୍ ୱେର ସାରସମାଲଠାରେ ଗୁରୁବାର ପୂର୍ବାହ୍ନ ୧୧ଟାରେ ପିକ୍‌ଅପ୍ ଭ୍ୟାନ୍ ଧକ୍କାରେ ୨ ଜଣଙ୍କ ମୃତ୍ୟୁ ଘଟିଛି। ସେମାନେ ହେଲେ ଝାରସୁଗୁଡ଼ାର ଅଜିତ୍ ସିଂ(୬୦) ଓ ତାଙ୍କ ସମ୍ପର୍କୀୟ ଅଶୋକ ହିନ୍ଦୁଜା(୬୮)। ଦୁର୍ଘଟଣାକୁ ନେଇ ଘଟଣାସ୍ଥଳରେ ଉତ୍ତେଜନା ପ୍ରକାଶ ପାଇଥିଲା। ଉତ୍ତ୍ୟକ୍ତ ଲୋକମାନେ ଦୁର୍ଘଟଣା ଘଟାଇଥିବା ପିକ୍‌ଅପ୍ ଭ୍ୟାନ୍ ଜାଳିଦେବା ସହ ଚାଳକଙ୍କୁ ଆକ୍ରମଣ କରିଥିଲେ। ଏଥିସହ ମୃତକଙ୍କ ପରିବାରକୁ କ୍ଷତିପୂରଣ ପ୍ରଦାନ ଦାବିରେ ଘଟଣାସ୍ଥଳରେ ରାସ୍ତା ଅବରୋଧ କରିଥିଲେ। ଖବରପାଇ ଝାରସୁଗୁଡ଼ା ସଦର ଥାନା ପୋଲିସ ପହଞ୍ଚି ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାଶୁଝା କରିବାବେଳେ ଉଭୟ ପକ୍ଷ ମଧ୍ୟରେ ମୁହାଁମୁହିଁ ହୋଇଥିଲା।

ସୂଚନା ଅନୁଯାୟୀ, ଅଜିତ୍ ଓ ଅଶୋକ ଏକ ସ୍କୁଟି(ନଂ.ଓଡ଼ି୧୬କେ-୧୭୭୭)ରେ ସମ୍ବଲପୁର ଅଭିମୁଖେ ଯାଉଥିବାବେଳେ ପଛପଟୁ ପିକ୍‌ଅପ୍ ଭ୍ୟାନ୍ (ନଂ.ଓଡି୨୩ଇ-୮୧୫୫) ସେମାନଙ୍କୁ ଧକ୍କା ଦେଇଥିଲା। ଫଳରେ ସେମାନେ ରାସ୍ତାରେ ଛିଟିକି ପଡିବାରୁ ଘଟଣାସ୍ଥଳରେ ସେମାନଙ୍କ ମୃତ୍ୟୁ ଘଟିଥିଲା। ଏହାପରେ ଉତ୍ତେଜନା ପ୍ରକାଶ ପାଇବା ସହ ଲୋକମାନେ ରାସ୍ତା ଅବରୋଧ କରିଥିଲେ। ଫଳରେ ରାସ୍ତାର ଉଭୟ ପାର୍ଶ୍ୱରେ ଯାନବାହନ ଅଟକି ରହିଥିଲା। ପୋଲିସ ପହଞ୍ଚି ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାଶୁଝା କରିବାବେଳେ ଉଭୟ ପକ୍ଷ ମୁହାଁମୁହିଁ ହୋଇଥିବା ଦେଖିବାକୁ ମିଳିଥିଲା। ଖବରପାଇ ଅତିରିକ୍ତ ଏସ୍‌ପି ମଧୁସିକ୍ତା ମିଶ୍ର, ଝାରସୁଗୁଡ଼ା ଏସ୍‌ଡିପିଓ ଉମାଶଙ୍କର ସିଂ ପହଞ୍ଚି ଲୋକମାନଙ୍କୁ ବୁଝାଶୁଝା କରିବା ପରେ ଅପରାହ୍ନ ପ୍ରାୟ ୧ଟାରେ ରାସ୍ତା ଅବରୋଧ ହଟିବା ସହ ପରିସ୍ଥିତି ଶାନ୍ତ ହୋଇଥିଲା। ଅପରପକ୍ଷରେ ସ୍ଥାନୀୟ ଅଗ୍ନିଶମ କର୍ମଚାରୀ ପହଞ୍ଚି ପିକ୍‌ଅପ୍ ଭ୍ୟାନ୍‌ରୁ ନିଆଁ ଲିଭାଇଥିଲେ। ପରେ ପୋଲିସ ଝାରସୁଗୁଡ଼ା ମୁଖ୍ୟ ଡାକ୍ତରଖାନାରେ ମୃତଦେହ ଦ୍ୱୟକୁ ବ୍ୟବଚ୍ଛେଦ କରାଇ ସେମାନଙ୍କ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଏନେଇ ଥାନାରେ ଏକ ମାମଲା(ନଂ.୨୧୪/୨୫) ରୁଜୁ ହୋଇଛି। ସୂଚନାଯୋଗ୍ୟ, ଏହି ବିଜୁ ଏକ୍ସପ୍ରେସ୍ ୱେର ବିଭିନ୍ନ ସ୍ଥାନରେ ଅଧିକାଂଶ ସମୟ ଦୁର୍ଘଟଣା ଘଟୁଛି। ଏଥିରେ ଅନେକ ମୃତାହତ ହେଉଛନ୍ତି। ଏନେଇ ଧରିତ୍ରୀରେ ଖବର ପ୍ରକାଶ ପାଇଥିଲେ ମଧ୍ୟ ଜିଲା ପ୍ରଶାସନ ଏ ଦିଗରେ ପଦକ୍ଷେପ ନ ନେବାରୁ ସ୍ଥାନୀୟ ଅଞ୍ଚଳବାସୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି।

# ସତ୍ୟବାଦୀରୁ ଆରମ୍ଭ ହେଲା ବିକଶିତ କୃଷି ସଂକଳ୍ପ ଅଭିଯାନ

**ଭୁବନେଶ୍ୱର/ସାକ୍ଷୀଗୋପାଳ,୨୯।୫(ସୁନିତ୍ ମିଶ୍ର/ ପ୍ରଶାନ୍ତ କୁମାର ବାରିକ/ କିଶୋର ମହାପାତ୍ର)**



ସତ୍ୟବାଦୀ କୃଷି ବିଜ୍ଞାନକେନ୍ଦ୍ରଠାରେ ଗୁରୁବାର ଅନୁଷ୍ଠିତ ବିକଶିତ କୃଷି ସଂକଳ୍ପ ଅଭିଯାନ କାର୍ଯ୍ୟକ୍ରମରେ କେନ୍ଦ୍ର ମନ୍ତ୍ରୀ ଶିବରାଜ ସିଂ ଚୌହାନ, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏବଂ ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂଦେଓ।

**୧୫ ଦିନ ଦେଶବ୍ୟାପୀ ଚାଲୁରହିବ ଏହି ଅଭିଯାନ**

- ଧାନରେ କୁଇଣ୍ଟାଲ ପିଛା ୮୦୦ ଟଙ୍କା ସହାୟତା ଦେଇ ସାରା ଭାରତ ପାଇଁ ଉଦାହରଣ ସୃଷ୍ଟି କରିଛି ଓଡ଼ିଶା: କେନ୍ଦ୍ରମନ୍ତ୍ରୀ
- ଚାଷୀମାନଙ୍କୁ ସମାଜର ଆର୍ଥିକ ମୁଖ୍ୟସ୍ରୋତରେ ସାମିଲ କରିବାକୁ ଏକ ଐତିହାସିକ ପଦକ୍ଷେପ: ମୁଖ୍ୟମନ୍ତ୍ରୀ

ଭାରତ ସରକାରଙ୍କ କୃଷି ଏବଂ କୃଷକ କଲ୍ୟାଣ ମନ୍ତ୍ରଣାଳୟ ପକ୍ଷରୁ ଗୁରୁବାର ପୁରୀର ସାକ୍ଷୀଗୋପାଳସ୍ଥିତ କୃଷି ବିଜ୍ଞାନ କେନ୍ଦ୍ରଠାରେ ବିକଶିତ କୃଷି ସଂକଳ୍ପ ଅଭିଯାନ ଆରମ୍ଭ ହୋଇଛି। କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ କେନ୍ଦ୍ର କୃଷିମନ୍ତ୍ରୀ ଶିବରାଜ ସିଂ ଚୌହାନ ଓ ମୁଖ୍ୟମନ୍ତ୍ରୀ ମୋହନଚରଣ ମାଝୀ ଯୋଗଦେଇ ଏହି ଜାତୀୟ କାର୍ଯ୍ୟକ୍ରମକୁ 'ଏକ ପେଡ୍ ମା' କେ ନାମ' ଅଭିଯାନ ଆଧାରରେ ଗଛ ଲଗାଇ ଉଦ୍‌ଘାଟନ କରିଛନ୍ତି। ଆସନ୍ତା ୧୫ ଦିନ ଅର୍ଥାତ୍ ଜୁନ୍ ୧୨ତାରିଖ ପର୍ଯ୍ୟନ୍ତ ଚାଲିବାକୁ ଥିବା ଏହି ଅଭିଯାନରେ ପ୍ରାୟ ୧.୫ କୋଟି ଚାଷୀଙ୍କ ସହିତ ସରକାର ସିଧାସଳଖ ଭେଟି ସେମାନଙ୍କୁ ନୂତନ କୃଷି ଜ୍ଞାନ କୌଶଳ ଓ ପ୍ରଯୁକ୍ତିବିଦ୍ୟା ବିଷୟରେ ଅବଗତ କରାଇବେ। କୃଷକମାନଙ୍କ ମଧ୍ୟରେ ଆଧୁନିକ ପ୍ରଯୁକ୍ତିବିଦ୍ୟା ଏବଂ ନୂତନ ବିହନ କିସମ ବିଷୟରେ ସଚେତନତା ସୃଷ୍ଟି କରିବା ପାଇଁ ଗୁରୁବାରଠାରୁ ଦେଶବ୍ୟାପୀ ଆରମ୍ଭ ହୋଇଥିବା 'ବିକଶିତ କୃଷି ସଂକଳ୍ପ ଅଭିଯାନ' ଭାରତ ସରକାରଙ୍କ ଏକ ଯୁଗାନ୍ତକାରୀ ପଦକ୍ଷେପ ବୋଲି କେନ୍ଦ୍ରମନ୍ତ୍ରୀ ଚୌହାନ କହିଛନ୍ତି।

ଏହି କାର୍ଯ୍ୟକ୍ରମ ଅନ୍ତର୍ଗତ ପ୍ରତ୍ୟେକ ଜିଲାସ୍ତରରେ ୩ଟି ଦଳ ଗଠନ କରାଯାଇ କୃଷି, ଉଦ୍ୟାନ କୃଷି ଓ ମୃତ୍ତିକା ସଂରକ୍ଷଣ ସମ୍ବନ୍ଧୀୟ ବିଷୟବସ୍ତୁଗୁଡ଼ିକୁ କୃଷି ବିଜ୍ଞାନ କେନ୍ଦ୍ରର ବୈଜ୍ଞାନିକ ଓ ବିଭାଗୀୟ ଅଧିକାରୀମାନେ ମିଳିତ ଭାବରେ ଗ୍ରାମୀଣ କୃଷକଙ୍କୁ ଏ ବିଷୟରେ ବୁଝାଇବେ। ପ୍ରତ୍ୟେକ ଦଳ, ଦୈନିକ ୨ଟି ଗାଁ ଗସ୍ତ କରି ପ୍ରତ୍ୟେକ ଗାଁରେ ୨୫୦ ଜଣ ଚାଷୀଙ୍କୁ ଭେଟି ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କର କୃଷକ କଲ୍ୟାଣ ଯୋଜନାଗୁଡ଼ିକୁ ବୁଝାଇବା ସହ ବିଭିନ୍ନ କାର୍ଯ୍ୟକ୍ରମ, ପଦକ୍ଷେପ ଏବଂ ନୂତନ ଜ୍ଞାନକୌଶଳର ପ୍ରୟୋଗାତ୍ମକ ଦିଗଗୁଡ଼ିକ ଉପରେ ଚାଷୀଭାଇ ଓ ଭଉଣୀମାନଙ୍କ ସହ ଆଲୋଚନା କରିବେ। ଗବେଷଣାଲବ୍ଧ କୃଷି ସୂଚନା କିପରି ଭାବରେ ଚାଷୀ ଭାଇ ଭଉଣୀମାନଙ୍କ ନିକଟରେ ପହଞ୍ଚିବ, ସେ ବିଷୟରେ ପଦକ୍ଷେପମାନ ନିଆଯିବ। ବିଶେଷ କରି ମୃତ୍ତିକାର ସ୍ୱାସ୍ଥ୍ୟ ପରୀକ୍ଷା, ମୃତ୍ତିକା ସ୍ୱାସ୍ଥ୍ୟକାର୍ଡର ବ୍ୟବହାରିତା, ସାର ପରିଚାଳନା, ଜଳବାୟୁ ପ୍ରତିରୋଧ କୃଷି ଇତ୍ୟାଦି ବିଷୟରେ ଚାଷୀଙ୍କୁ ଅବଗତ କରାଯିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

କାର୍ଯ୍ୟକ୍ରମରେ କେନ୍ଦ୍ରମନ୍ତ୍ରୀ ଚୌହାନ କହିଛନ୍ତି, ଓଡ଼ିଶା ଏବେ ସାରା ଭାରତ ପାଇଁ ଏକ ଉଦାହରଣ ସୃଷ୍ଟି କରିଛି। ସମୃଦ୍ଧ କୃଷକ ଯୋଜନା ମାଧ୍ୟମରେ ସରକାର ଚାଷୀଙ୍କଠାରୁ ଧାନ କୁଇଣ୍ଟାଲ ପିଛା ୩୧୦୦ ଟଙ୍କାରେ କ୍ରୟ କରୁଛନ୍ତି, ଯାହାକି ଧାନର ସର୍ବନିମ୍ନ ସହାୟକ ମୂଲ୍ୟଠାରୁ ୮୦୦ ଟଙ୍କା ଅଧିକ। ଏହା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ କାରଣ ଚାଷୀର ଆୟ ବଢିଲେ ଦେଶର ଆୟ ବଢ଼େ। କେବଳ ଚାଷ କ୍ଷେତ୍ର ନୁହେଁ, ସୁଭଦ୍ରା ଭଳି ଯୋଜନା ଯୋଗୁ ରାଜ୍ୟର ଅନେକ ମହିଳା ଲାଭାନ୍ୱିତ ହୋଇପାରିଛନ୍ତି। ମହିଳାଙ୍କ ସଶକ୍ତୀକରଣ କଥା ହେଉ ଅବା କୃଷିର ଭିତ୍ତିଭୂମି ବିକାଶ, ସବୁଥିରେ ଓଡ଼ିଶା ସାରା ବିଶ୍ୱରେ ଦୃଷ୍ଟାନ୍ତ ହେବ, ଏହା ଆମର ବିଶ୍ୱାସ ବୋଲି କେନ୍ଦ୍ର କୃଷି ମନ୍ତ୍ରୀ କହିଥିଲେ।

ଏହି ଅବସରରେ ଉପମୁଖ୍ୟମନ୍ତ୍ରୀ ତଥା କୃଷି ଓ କୃଷକ ସଶକ୍ତୀକରଣ ମନ୍ତ୍ରୀ କନକ ବର୍ଦ୍ଧନ ସିଂଦେଓ କହିଛନ୍ତି, 'ବିକଶିତ କୃଷି ସଂକଳ୍ପ ଅଭିଯାନ' ଏକ ସ୍ୱତନ୍ତ୍ର ମାଧ୍ୟମ, କୃଷକଙ୍କୁ ଯାନ୍ତ୍ରିକ ସଶକ୍ତ କରାଇବା ପାଇଁ ଏହି ଅଭିଯାନ, ଓଡ଼ିଶାରୁ ଆରମ୍ଭ ହୋଇଛି ଏବଂ ଏହାର ଉପଲବ୍ଧତା ଓଡ଼ିଶାର କୃଷକଙ୍କ ନିକଟରେ ପହଞ୍ଚିବ। କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ପିପିଲି ବିଧାୟକ ଆଶ୍ରିତ ପଟ୍ଟନାୟକ, ସତ୍ୟବାଦୀ ବିଧାୟକ ଓମ୍ ପ୍ରକାଶ ମିଶ୍ର, ବ୍ରହ୍ମଗିରି ବିଧାୟିକା ଉପାସନା ମହାପାତ୍ର, କୃଷି ଏବଂ କୃଷକ ସଶକ୍ତୀକରଣ ବିଭାଗ ପ୍ରମୁଖ ଶାସନ ସଚିବ ଅରବିନ୍ଦ କୁମାର ପାଢ଼ୀ ଏବଂ ଓୟୁଏଟିର କୁଳପତି ପ୍ରଫେସର ପ୍ରଭାତ କୁମାର ରାଉଳ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ସାକ୍ଷୀଗୋପାଳ କୃଷି ବିଜ୍ଞାନ କେନ୍ଦ୍ର ପରିସରରେ ନବନିର୍ମିତ ଅଡିଟୋରିଅମକୁ ଅତିଥିମାନେ ଉଦ୍‌ଘାଟନ କରିଥିଲେ।

# ଉତ୍ତେଜନା, ୪୦ଲକ୍ଷ କ୍ଷତିପୂରଣ ଦାବି



ପୋଲିସ ଅଧିକାରୀ ପହଞ୍ଚି ତଦନ୍ତ କରୁଛନ୍ତି।

**ଢାଙ୍କୁଣି ବିହୀନ ପାଣିଟାଙ୍କିରେ ପଡ଼ି ନାବାଳିକା ମୃତ୍ୟୁ ଘଟଣା**

**ରାଉରକେଲା,୨୯।୫(ସଙ୍ଗୀତା ଜେନା)**

ରାଉରକେଲା ଛେଣ୍ଡ ଥାନା ଆଫୋର୍ଡେବଲ୍ ଅର୍ବାନ ହାଉସିଂ କମ୍ପ୍ଲେକ୍ସରେ ଥିବା ଏକ ଢାଙ୍କୁଣି ବିହୀନ ପାଣିଟାଙ୍କିରେ ପଡି ବୁଧବାର ରାତିରେ ଜଣେ ନାବାଳିକାଙ୍କ ମୃତ୍ୟୁ ଘଟିଥିଲା। ସେହେଲେ ବିଦ୍ୟୁତବସ୍ତି ନିବାସୀ ରୋହିତ ବଡ଼ାଇଙ୍କ ଏକ ମାତ୍ର ଝିଅ ସାରୁନ୍(୭)। ଏ ନେଇ ଥାନାରେ ଏକ ମାମଲା(ନଂ.୧୩/୨୫) ରୁଜୁ ହୋଇଛି। ପ୍ରଶାସନର ଅବହେଳା ଯୋଗୁ ଏପରି ଘଟଣା ଘଟିଥିବା ଅଭିଯୋଗ କରି ଗୁରୁବାର ମୃତାଙ୍କ ପରିବାର ଓ ସ୍ଥାନୀୟ ଲୋକ ୪୦ଲକ୍ଷ ଟଙ୍କା କ୍ଷତିପୂରଣ ଦେବାକୁ ଦାବି କରିଛନ୍ତି। ଏହାକୁ ନେଇ ପୂର୍ବାହ୍ନ ୧୧ଟାରେ ଉକ୍ତ କମ୍ପ୍ଲେକ୍ସରେ ଉତ୍ତେଜନା ଦେଖାଯାଇଥିଲା। ଖବର ପାଇ ଘଟଣାସ୍ଥଳକୁ ରାଉରକେଲା ମହାନଗର ନିଗମ ଅଧିକାରୀମାନେ ପହଞ୍ଚି ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାଶୁଝା କରିଥିଲେ।

ମିଳିଥିବା ସୂଚନା ଅନୁଯାୟୀ, ରାଉରକେଲାରେ ଗରିବ ଭୂମିହୀନଙ୍କ ପାଇଁ ଆଫୋର୍ଡେବଲ୍ ଅର୍ବାନ ହାଉସିଂ କମ୍ପ୍ଲେକ୍ସ ଛେଣ୍ଡରେ ନିର୍ମାଣ କରାଯାଇଛି। ମେ ୬ ତାରିଖରେ ବିଦ୍ୟୁତ୍ କଲୋନୀରେ ରହୁଥିବା ରୋହିତଙ୍କ ପରିବାରକୁ ଏହି ନୂତନ ଘର ମିଳିଥିଲା। ସେଠାରେ ସେ ପରିବାର ସହ ରହୁଥିଲେ। ବୁଧବାର ସନ୍ଧ୍ୟାରେ ସାରୁନ୍ ତାଙ୍କ ସାଙ୍ଗମାନଙ୍କ ସହ ବିଲଡିଂ ନିକଟସ୍ଥ ଖୋଲା ପଡ଼ିଆରେ ଖେଳୁଥିଲେ। ଖେଳ ସାରି ସମସ୍ତେ ଘରକୁ ଫେରି ଯାଇଥିବା ବେଳେ ସାରୁନ୍ ଘରକୁ ଫେରି ନ ଥିଲେ। ତାଙ୍କ ମାତାପିତା ବହୁ ଖୋଜାଖୋଜି ପରେ ବି ତାଙ୍କୁ ପାଇ ନ ଥିଲେ। ରାତି ପ୍ରାୟ ୧୧ଟାରେ ସ୍ଥାନୀୟ ଲୋକେ ଏକ ପାଣିଟାଙ୍କି ନିକଟରେ ଏକ ଛୋଟ ପିଲାର ଚପଲ ପଡ଼ିଥିବା ଦେଖିଥିଲେ। ପାଣି ଟାଙ୍କି ଭିତରକୁ ଅବଲୋକନ ପରେ ଏକ ଛୋଟ ପିଲା ଭାସମାନ ଅବସ୍ଥାରେ ଥିବା ଦେଖିଥିଲେ। ବାହାରକୁ ଆଣିଲା ପରେ ଏହା ସରୁନ୍‌ଙ୍କର ବୋଲି ଚିହ୍ନଟ କରାଯାଇଥିଲା। ତାଙ୍କୁ ତୁରନ୍ତ ରାଉରକେଲା ସରକାରୀ ଡାକ୍ତରଖାନା ନିଆଯାଇଥିଲା। ହେଲେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।




# ଶୀତଳଷଷ୍ଠୀ ପାଇଁ ୫୦ ଲକ୍ଷର ଅନୁଦାନ ଘୋଷଣାକଲେ ମୁଖ୍ୟମନ୍ତ୍ରୀ

**ଭୁବନେଶ୍ୱର, ୨୯।୫(ସୁନିତ୍ ମିଶ୍ର)**

ଶୀତଳଷଷ୍ଠୀର ଅଧିକ ପ୍ରଚାରପ୍ରସାର ପାଇଁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ନିଜସ୍ୱ ପାଣ୍ଠିରୁ ଗୁରୁବାର ୫୦ ଲକ୍ଷ ଟଙ୍କାର ଅନୁଦାନ ପ୍ରଦାନ ଲାଗି ଘୋଷଣା କରିଛନ୍ତି। ମୁଖ୍ୟମନ୍ତ୍ରୀ ତାଙ୍କ ଏକ୍ସ ଆକାଉଣ୍ଟରେ ଉଲ୍ଲେଖ କରିଛନ୍ତି, ଶୀତଳଷଷ୍ଠୀ ଯାତ୍ରା ଆମ ସଂସ୍କୃତି, ପରମ୍ପରାର ଅନନ୍ୟ ବାର୍ତ୍ତାବହ। ଦେବ ଦେବ ମହାଦେବ ଓ ମାତା ପାର୍ବତୀଙ୍କ ବିବାହ ଉତ୍ସବ ଐତିହସମ୍ପନ୍ନ ଶୀତଳଷଷ୍ଠୀ ଯାତ୍ରାକୁ ଅଧିକ ଭବ୍ୟ କରିବା ଲାଗି ଉକ୍ତ ଆର୍ଥିକ ଅନୁଦାନ ଘୋଷଣା କରିଛନ୍ତି।




# ଭୁବନେଶ୍ୱରରେ ସରକାର ଭଡ଼ାରେ ଯୋଗାଇଦେବେ ଘର: ନଗର ଉନ୍ନୟନ ମନ୍ତ୍ରୀ

**ଭୁବନେଶ୍ୱର, ୨୯।୫(ସୁନିତ୍ ମିଶ୍ର)**

ବର୍ତ୍ତମାନ ସମୟରେ ଭୁବନେଶ୍ୱରରେ କୋଟିଏ ଟଙ୍କା ତଳକୁ ଘର ମିଳିବ ନାହିଁ। ତେଣୁ କିଭଳି ସୁଲଭ ଦରରେ ଘର ନିର୍ମାଣକରି ଲୋକଙ୍କୁ ଦିଆଯାଇପାରିବ ସେନେଇ ସରକାର ଯୋଜନା କରୁଛନ୍ତି। ସରକାର ଏମ୍‌ଆଇଜି, ଏଲ୍‌ଆଇଜି-୧, ଏଲ୍‌ଆଇଜି-୨ ଏହିଭଳି ବିଭିନ୍ନ ପ୍ରକାର ଘର ନିର୍ମାଣ କରିବେ। ୧୫ ଲକ୍ଷ ଟଙ୍କାରୁ ଆରମ୍ଭକରି ୫୦ ଲକ୍ଷ ପର୍ଯ୍ୟନ୍ତ ବିଭିନ୍ନ ଦରରେ ଘର ନିର୍ମାଣ କରାଯିବ। ଛୋଟ ଛୋଟ ଭଲ ଘର ନିର୍ମାଣକରି ଆବଶ୍ୟକତା ଥିବା ସାଧାରଣ ଲୋକଙ୍କୁ ଯେପରି ଦିଆଯାଇପାରିବ ସେନେଇ ଚେଷ୍ଟା ଚାଲିଛି। ଏଥିଲାଗି କେଉଁମାନେ ଘର ପାଇବେ ତା'ର କ୍ରାଇଟେରିଆ ସ୍ଥିର କରାଯିବ। ଲଟେରି ମାଧ୍ୟମରେ ଘର ଦିଆଯିବ। ବସ୍ତି ଯେପରି ଆଉ ସୃଷ୍ଟି ନ ହେବ ଏହା ହେଉଛି ସରକାରଙ୍କ ମୁଖ୍ୟ ଲକ୍ଷ୍ୟ । ଅଭାବୀ ଲୋକମାନେ ସହରରେ ରହିବାକୁ ଆସିବେ ହେଲେ ସେମାନଙ୍କ ପାଇଁ କିଛି ସୁବିଧା ନାହିଁ। ସେମାନଙ୍କ ରହିବା ବ୍ୟବସ୍ଥା କରାଯିବା ସଙ୍ଗେ ସଙ୍ଗେ ସରକାର ଭଡ଼ାଘର ତିଆରି କରିବେ ବୋଲି ଗୁରୁବାର ଗୃହ ଓ ନଗର ଉନ୍ନୟନ ମନ୍ତ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ର କହିଛନ୍ତି।

ଗଣମାଧ୍ୟମକୁ ସୂଚନା ଦେଇ କୃଷ୍ଣଚନ୍ଦ୍ର କହିଛନ୍ତି, କୋଅପରେଟିଭ ବ୍ୟାଙ୍କ ସହ ମିଳିତ ଭାବେ ୧୫ରୁ ୫୦ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଘର ନିର୍ମାଣ କରାଯିବ। କୋଅପରେଟିଭ ବ୍ୟାଙ୍କ ଉକ୍ତ ଘରଗୁଡ଼ିକର ରକ୍ଷଣାବେକ୍ଷଣ ସହିତ ଇଏମ୍‌ଆଇ ଟଙ୍କା ଆଦାୟ ଦାୟିତ୍ୱ ନେବ। ଏହି ବ୍ୟବସ୍ଥା ଦ୍ୱାରା ଅଧିକରୁ ଅଧିକ ଘର ନିର୍ମାଣ କରାଯାଇପାରିବ। ସେହିପରି ସହର ଏବେ ଜନଗହଳିପୂର୍ଣ୍ଣ ହୋଇଯାଉଥିବାରୁ ଭୁବନେଶ୍ୱର ବାହାରକୁ ଯିବାକୁ ଚାହୁଁଛୁ। ଭୁବନେଶ୍ୱର-କଟକରେ ରାଜ୍ୟ ସରକାର ଟିପି ସ୍କିମ୍‌କୁ ଗୁରୁତର ସହ ଚଳାଇଛନ୍ତି। ପୁରୀରେ ମଧ୍ୟ ଏହି ସ୍କିମ୍ କରାଯିବ। ଉକ୍ତ ଘର ସବୁ ନିର୍ମାଣ ଲାଗି ବଡ଼ ବଡ଼ କମ୍ପାନୀକୁ ଟେଣ୍ଡର ପାଇଁ ଡକାଯିବ। ସବୁ ସହରକୁ ବଡ଼ କରିବା ପାଇଁ ଲକ୍ଷ୍ୟ ରଖାଯାଇଛି ବୋଲି ମନ୍ତ୍ରୀ କହିଛନ୍ତି।

# ଜୁଲାଇ ୨୦ରେ ସ୍ପେଶାଲ ଓଟିଇଟି

**କଟକ,୨୯।୫(କାର୍ତ୍ତିକ ସାହୁ)**

ଓଡ଼ିଶା ମାଧ୍ୟମିକ ଶିକ୍ଷା ପରିଷଦ (ବୋର୍ଡ) ଦ୍ୱାରା ପରିଚାଳିତ ଚାକିରିରେ ଥିବା ଶିକ୍ଷୟିତ୍ରୀ, ଶିକ୍ଷକମାନଙ୍କ ନିମନ୍ତେ ଉଦ୍ଦିଷ୍ଟ ସ୍ପେଶାଲ ଓଡ଼ିଶା ଟିଚର୍ସ ଏଲିଜିବିଲିଟି ଟେଷ୍ଟ (ଓଟିଇଟି) ଆସନ୍ତା ଜୁଲାଇ ୨୦ ତାରିଖ ରବିବାରରେ ଅନୁଷ୍ଠିତ ହେବ। ଉକ୍ତ ଦିନ ୧ମ ସିଟିଂ ସକାଳ ୯ଟାରୁ ପୂର୍ବାହ୍ନ ସାଢ଼େ ୧୧ଟାରେ ପେପର-୧ ଓ ୨ୟ ସିଟିଂ ଅପରାହ୍ନ ୨ଟାରୁ ଅପରାହ୍ନ ୪.୩୦ ଯାଏ ପେପର-୨ର ପରୀକ୍ଷା ହେବ। ଅନ୍‌ଲାଇନ ଜରିଆରେ ବୋର୍ଡ ୱେବସାଇଟ୍‌ରୁ ପରୀକ୍ଷାର୍ଥୀମାନେ ସେମାନଙ୍କ ଆଡ୍‌ମିଟ୍ କାର୍ଡ ଡାଉନଲୋଡ୍ କରିପାରିବେ। ଆଡ୍‌ମିଟ୍ କାର୍ଡ ବୋର୍ଡ ୱେବସାଇଟ୍‌ରୁ ଆଗାମୀ ଜୁଲାଇ ୧୨ରୁ ଉପଲବ୍ଧ ହେବ ବୋଲି ବୋର୍ଡ ପକ୍ଷରୁ ସୂଚନା ଦିଆଯାଇଛି।



# ଜିଡିପି ଓ ସମୃଦ୍ଧି



କୌଶିକ ବସୁ

ମୁଖ୍ୟଧାରାର ଅର୍ଥନୀତିରେ ବିଶ୍ଳେଷଣଲବ୍ଧ ତଥ୍ୟର ବ୍ୟାଖ୍ୟାତ୍ମକ ଅର୍ଥାତ୍ ଅନୁଧ୍ୟାନ, ସଂକ୍ଷେପରେ ପ୍ରକାଶ କରିବା ଏବଂ ଉପସ୍ଥାପନକୁ ନିୟମିତ ଭାବେ ଗୌଣ କରିଦିଆଯାଉଛି। ଗୋଟିଏ କାମକୁ ସମ୍ପୂର୍ଣ୍ଣ ବ୍ୟାଖ୍ୟାତ୍ମକ ଭାବେ ବିବେଚନା କରିବା ଗୁରୁତ୍ୱପୂର୍ଣ୍ଣ ନୁହେଁ ବୋଲି ସୂଚିତ କରାଯାଉଛି। ତଥାପି ନୋବେଲ ବିଜେତା ଅର୍ଥନୀତିଜ୍ଞ ଅମର୍ତ୍ତ୍ୟସେନ ୧୯୮୦ ମସିହାର ଏକ ଗବେଷଣାତ୍ମକ ଲେଖାରେ ମତ ଦେଇଥିଲେ ଯେ, ବ୍ୟାଖ୍ୟାର ପ୍ରତ୍ୟେକ କାର୍ଯ୍ୟ ସହ ବିକଳ୍ପଗୁଡ଼ିକ ଜଡ଼ିତ ରହିଛି। ଏକ ଐତିହାସିକ ଘଟଣା ହେଉ ଅବା ବ୍ୟକ୍ତିଗତ ଘଟଣା କିମ୍ବା ଏକ ଦେଶ ସମ୍ପର୍କରେ ବ୍ୟାଖ୍ୟା କଲାବେଳେ ସେଥିରେ ଆମେ କ'ଣ ସାମିଲ କରିବାକୁ ବା ବାଦ୍‌ଦେବାକୁ ଚାହୁଁ, ତାହା ହିଁ ଗୁରୁତ୍ୱପୂର୍ଣ୍ଣ। ବ୍ୟାଖ୍ୟା ଏକ ଦୃଷ୍ଟିକୋଣ ବା ମତ ସୃଷ୍ଟି କରେ ଏବଂ ଅପରପଟେ ଦୃଷ୍ଟିକୋଣ ବି ବ୍ୟବହାରକୁ ଅତ୍ୟଧିକ ପ୍ରଭାବିତ କରିପାରେ।

ଗୋଟିଏ ଦେଶର ଅର୍ଥ ବ୍ୟବସ୍ଥାର ସ୍ଥିତିକୁ ବ୍ୟାଖ୍ୟା କରିବା ଏକ ଜଟିଳ କାମ। ଅତୀତରେ ଗୋଟିଏ ଦେଶ ଅନ୍ୟଠାରୁ ଭଲ କରୁଛି କି ନାହିଁ ତାହା ଉପରେ ବିତର୍କ କରି ଅତୀତରେ ବିଶେଷଜ୍ଞମାନେ ବହି ଲେଖିଛନ୍ତି। କିନ୍ତୁ ସମୟକ୍ରମେ, ଗୋଟିଏ ମୂଲ୍ୟାଙ୍କନ (ମାପଦଣ୍ଡ) ଆଲୋଚନାରେ ପ୍ରାଧାନ୍ୟ ବିସ୍ତାର କରିଛି, ତାହା ହେଉଛି ମୋଟ ଘରୋଇ ଉତ୍ପାଦ ବା ଜିଡିପି, ଯାହା ଗୋଟିଏ ବର୍ଷରେ ଏକ ଦେଶ ମଧ୍ୟରେ ଉତ୍ପାଦିତ ସମସ୍ତ ସାମଗ୍ରୀ ଓ ସେବା ମୂଲ୍ୟକୁ ସୂଚିତ କରେ। କିଛି ସୁଧାର ସହିତ ଏହା ମଧ୍ୟ ଜନସଂଖ୍ୟାର ସମସ୍ତ ଆୟକୁ ଆକଳନ କରିଥାଏ। ଏହା ହେଉଛି ଏକ ସ୍ୱଷ୍ଟ ମାନଦଣ୍ଡ, ଯାହା ବହୁ ସମୟରେ ଏକ ସୁସ୍ଥ ଅର୍ଥନୀତି ପାଇଁ ଶର୍ଟହ୍ୟାଣ୍ଡ ଭାବେ ବ୍ୟବହାର କରାଯାଏ। ଡିଆନେ କୋୟେଲ ୨୦୧୪ରେ ତାଙ୍କ ପ୍ରକାଶିତ ପୁସ୍ତକରେ ଜିଡିପିର ଇତିହାସ ସମ୍ପର୍କରେ ଉଲ୍ଲେଖ କରିଥିଲେ ଏବଂ ଆର୍ଥିକ ନୀତିନିର୍ଦ୍ଧାରଣରେ ଏହାର ଅତ୍ୟାବଶ୍ୟକକୁ ଗୁରୁତ୍ୱପୂର୍ଣ୍ଣ ବୋଲି ସୂଚିତ କରିଥିଲେ। ୧୯୩୦ ଦଶନ୍ଧି ପ୍ରାରମ୍ଭରେ ସିମନ କୁଜନେଟ୍ସ କହିଥିଲେ ଯେ, ନୀତି ବିତର୍କ ପାଇଁ ନୀତିଗତ ଭାବେ ଜିଡିପି ଉପରେ ବିଚାର ଓ ଆକଳନର ବହୁ ଆବଶ୍ୟକତା ରହିଛି। ରାଜନେତାମାନେ ଉଚ୍ଚା କୋଠାକୁ ଦେଶର ପ୍ରଗତି ଓ ସମୃଦ୍ଧି ଭାବେ ଦର୍ଶାଇ ପାରୁ ନ ଥିଲେ (ଏବେସୁଦ୍ଧା ଅନେକେ ଏମିତି କରୁଛନ୍ତି)। ଏବେ ଗୋଟିଏ ସମୟରେ ଗୋଟିଏ ଦେଶର ଆର୍ଥିକ ପ୍ରଦର୍ଶନ ଉପରେ ଆକଳନ କରିବା ମାନେ ଏହାର ଜିଡିପି ଅଭିବୃଦ୍ଧିକୁ ବୁଝିବା ଓ ପ୍ରଦର୍ଶନ କରିବା। ଏହା ନିଶ୍ଚିତ ଯେ, ଜାତୀୟ ସମୃଦ୍ଧି କିମ୍ବା ସଫଳତା ଆକଳନ କରିବା ପାଇଁ ଅନ୍ୟ ଉପାୟ ସବୁ ରହିଛି। ଯଥା ଜାତିସଂଘର ମାନବ




ବିକାଶ ସୂଚକାଙ୍କ ଏବଂ ବିଶ୍ୱବ୍ୟାଙ୍କର ସହଭାଗୀ ସମୃଦ୍ଧି ସୂଚକାଙ୍କ। କିନ୍ତୁ ଗୋଟିଏ ଅର୍ଥ ବ୍ୟବସ୍ଥା ଅନ୍ୟଠାରୁ ବହୁତ ଭଲ ପ୍ରଦର୍ଶନ କରୁଛି କି ନାହିଁ ତାହା ନିର୍ଣ୍ଣୟ କରିବାବେଳେ ଜିଡିପି (କିମ୍ବା ମୁଣ୍ଡପିଛା ଜିଡିପି) ତ୍ରୁଟିପୂର୍ଣ୍ଣ ମାପଦଣ୍ଡ ହୋଇଥାଏ।

ଏହା ନିଃସନ୍ଦେହ ଯେ, ଆଧୁନିକ ତଥା ବିକଶିତ ଅର୍ଥନୀତିରେ ଜିଡିପି ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛି। କିନ୍ତୁ ଏହା ସ୍ୱୀକାର୍ଯ୍ୟ ଯେ, ଏହାର ନିୟନ୍ତ୍ରଣ ଦିନକୁ ଦିନ କଠିନ ହୋଇଯାଉଛି। ସମୟକ୍ରମେ, ଏହା ଏକ ଲକ୍ଷ୍ୟ ପାଲଟିଯାଇଛି। ଲମ୍ବା ସମୟ ଧରି ରହିଥିବା ସାମାଜିକ ଓ ଆର୍ଥିକ ଦୁର୍ବଳ ସ୍ଥିତିରୁ ଦୃଷ୍ଟି ହଟାଇବା ପାଇଁ ଜିଡିପି ଅଭିବୃଦ୍ଧି ତଥ୍ୟକୁ ରାଜନେତାମାନେ ବ୍ୟବହାର କରିବାକୁ ସକ୍ଷମ ହୋଇଛନ୍ତି। ଜିଡିପି କୈନ୍ଦ୍ରିକ ନୀତିବିଚାରରେ ବଢୁଥିବା ସମସ୍ୟା ଜାତିସଂଘ ମହାସଚିବ ଆଣ୍ଟୋନିଓ ଗୁଟେରସଙ୍କ ୨୦୨୧ ରିପୋର୍ଟ 'ଆମ ସାଧାରଣ କାର୍ଯ୍ୟସୂଚୀ'ରେ ପ୍ରକାଶ କରାଯାଇଥିଲା ଏବଂ ବିଶ୍ୱସ୍ତରରେ ନୀତି ନିର୍ଦ୍ଧାରକମାନେ ଏକ ବ୍ୟାପକ ଶ୍ରେଣୀର ପ୍ରଗତି ମାନାଙ୍କ ଗ୍ରହଣ କରିବାକୁ ଏଥିରେ କୁହାଯାଇଥିଲା।

ଏକ ଆର୍ଥିକ ସୂଚକାଙ୍କ ଭାବେ ଜିଡିପିର ତିନୋଟି ଦୁର୍ବଳତା ରହିଛି। ପ୍ରଥମେ, ଦେଶର ମୋଟ ଆୟ ଉପରେ କେବଳ ଗୁରୁତ୍ୱ ଦେଇ ଏହା ବ୍ୟାପକ ସମୃଦ୍ଧିର ଦ୍ୱନ୍ଦ୍ୱ ସୃଷ୍ଟି କରିପାରେ, ଏପରି କି ଅସମାନତା ବୃଦ୍ଧି ପାଉଥିବା ସମୟରେ ମଧ୍ୟ। ଏପରି କି ବହୁ ସଂଖ୍ୟକ ଲୋକ ଏକ ବିପରୀତ ତଥା ଅନଗ୍ରସର ସ୍ଥିତିରେ ରହିଥିଲେ ମଧ୍ୟ ମୁଣ୍ଡପିଛା ଜିଡିପି ବୃଦ୍ଧିକୁ ଦର୍ଶାଯାଇପାରେ। ଜୋଶେଫ ଇ. ଷ୍ଟିଗଲିଜ ୨୦୧୦ରେ ପ୍ରକାଶିତ ତାଙ୍କ ପୁସ୍ତକ 'ଫ୍ରିଫଲ୍'ରେ ଉଲ୍ଲେଖ କରିଥିଲେ ଯେ, ଗୋଟିଏ ବଡ଼ ପିଜା ସମସ୍ତଙ୍କ ପାଇଁ କିମ୍ବା ଅଧିକାଂଶ ଲୋକଙ୍କ ଲାଗି ଆବଶ୍ୟକ ହୁଏ ନାହିଁ, ଏଥିରୁ ଏକ ବଡ଼ ଅଂଶ ନିଆଯାଇପାରେ। ସେହିଭଳି ଅଧିକାଂଶ ଲୋକ ଜିଡିପି ଅଭିବୃଦ୍ଧିରେ କାହାର ଲାଭ ହେଉଛି କି ନାହିଁ ତାହା ଉପରେ ପ୍ରଶ୍ନ ନ ଉଠାଇ ଅଭିବୃଦ୍ଧିକୁ ନେଇ ଉତ୍ସବ ପାଳନ କରନ୍ତି, ଯାହା ସେମାନଙ୍କ ଦେଶ ଅଲିମ୍ପିକ୍ସରେ ମେଡାଲ ଜିତିଲା ଭଳି ଖୁସି ସହ ସମାନ ହୋଇଥାଏ। ୨୦୦୮ରେ ସେତେବେଳର ଫ୍ରାନ୍ସ ରାଷ୍ଟ୍ରପତି ନିକୋଲାସ ସାର୍କୋଜିଙ୍କ ସମେତ ଷ୍ଟିଗଲିଜ ଓ ସେନ୍ ତଥା ଅନ୍ୟ ବିଶିଷ୍ଟ ଅର୍ଥନୀତିଜ୍ଞଙ୍କ ଦ୍ୱାରା ଗଠନ କରାଯାଇଥିବା କମିଶନ ଅନ୍ ମେଜର୍‌ମେଣ୍ଟ ଅଫ୍ ଇକୋନୋମିକ ପରଫର୍ମାନ୍ସ ଆଣ୍ଡ ସୋସିଆଲ ପ୍ରୋଗ୍ରେସ ଦ୍ୱାରା ଏହି ସମସ୍ୟାକୁ ସାମ୍ନାକୁ ଅଣାଯାଇଥିଲା। ଏହାର ଚୂଡ଼ାନ୍ତ ରିପୋର୍ଟରେ ଆୟ ବଣ୍ଟନ ଓ ଅସମାନତାକୁ ଜିଡିପିରେ ସାମିଲ କରିବାର ପଦକ୍ଷେପ ନେବାକୁ କୁହାଯାଇଥିଲା।

ଜିଡିପିର ଦ୍ୱିତୀୟ ଦୁର୍ବଳତା ହେଉଛି ଏହାର ଅତ୍ୟଧିକ ଅଭିବୃଦ୍ଧି ବହୁ ସମୟରେ ବିଭିନ୍ନ କାର୍ଯ୍ୟକଳାପକୁ ପ୍ରଶଂସା କରେ, ଯାହା ଗଣତାନ୍ତ୍ରିକ ସରକାରକୁ ଦୁର୍ବଳ କରିଥାଏ। ଜଣେ ବିଶେଷ ଧନୀ ଅଧିକ କାର୍, ଘର, ପ୍ଲେନ୍‌ଗୁଡ଼ିକର ମାଲିକ ହୋଇ ଆହୁରି ଅଧିକ ଚାହିଁଥାଏ। ବିଶେଷକରି ସୋସିଆଲ ମିଡିଆ ଓ ଏଆଇ ଯୁଗରେ ଅତ୍ୟଧିକ ଧନର ମାନେ ହେଉଛି ଲୋକଙ୍କ ବିଚାର ଉପରେ ଅନ୍ୟର ଶକ୍ତିଶାଳୀ ସ୍ୱର ଓ ବ୍ୟାପକ ପ୍ରଭାବକୁ ସୂଚିତ କରିବା। ଏକ ପରମ୍ପରାଗତ ସମାଜରେ ଯେତେବେଳେ ଜଣେ ସାମନ୍ତବାଦୀ ମାଲିକ ଏକ ଗ୍ରାମସଭାକୁ ପ୍ରବେଶ କରେ, ସେତେବେଳେ ସଭାରେ ଯୁକ୍ତି କରୁଥିବା ଏବଂ ପରିବର୍ତ୍ତନ ପାଇଁ ପ୍ରାର୍ଥନା କରୁଥିବା ସାଧାରଣ ଲୋକମାନେ ତାଙ୍କ ଆସିବାର କିଛି ସମୟ ପୂର୍ବରୁ ଶାନ୍ତ ହୋଇଯାଆନ୍ତି। ଏହିଭଳି ଗତିଶୀଳତା ଏବେ ବୈଶ୍ୱିକ ସ୍ତରରେ ପ୍ରକାଶ ପାଉଛି। ଏବେ କେତୋଟି ହାତଗଣତି ଲୋକଙ୍କ ପାଖରେ ଧନ ରହିଛି ଏବଂ ଅଧିକ ଅନ୍‌ଲାଇନ ପ୍ଲାଟଫର୍ମ ଅଛି, ଯାହାକୁ ଅନେକ କୋଟି ଲୋକ ବ୍ୟବହାର କରୁଛନ୍ତି ଏବଂ ଦେଖୁଛନ୍ତି। ଫଳରେ ଏମାନଙ୍କ ଦ୍ୱାରା ଅନେକେ ସେମାନଙ୍କ ସ୍ୱର ଅବଦମିତ ହେଉଥିବା ଜାଣିପାରୁଛନ୍ତି। ମନେରଖିବାକୁ ହେବ ଯେ, ବ୍ୟକ୍ତିର ସ୍ୱାଧୀନ ସ୍ୱର ବା ମତ ଏକ ଗଣତାନ୍ତ୍ରିକ ଦେଶର ସବୁଠୁ ଗୁରୁତ୍ୱପୂର୍ଣ୍ଣ ସାଧନ।

ଏହା ସ୍ୱଷ୍ଟ ଯେ, ଏବେ ଜାତୀୟ ବିକାଶ ପାଇଁ ନୂଆ ପଦକ୍ଷେପ ନିଆଯିବାର ସମୟ ଉପନୀତ, ଯାହା ଗଣତନ୍ତ୍ର ପ୍ରତି ବିପଦ ସୃଷ୍ଟି କରୁଥିବା ଶକ୍ତିଗୁଡ଼ିକୁ ଯେମିତି ଶକ୍ତିଶାଳୀ ନ କରିବ। ଆମେରିକାର ସୁପ୍ରିମକୋର୍ଟ ବିଚାରପତି ଲୁଇସ ବ୍ରାଣ୍ଡିସ ସତର୍କ କରିଦେଇଥିଲେ, ''ଆମର ଏହି ଦେଶରେ ଗଣତନ୍ତ୍ର ଥାଇପାରେ କିମ୍ବା କିଛି ଲୋକଙ୍କ ପାଖରେ ଅତ୍ୟଧିକ ଧନ ଠୁଳ ହୋଇଥାଇ ପାରେ, କିନ୍ତୁ ଆମ ପାଖରେ ଉଭୟ ନ ରହିପାରେ।'' ଶେଷରେ, ଜିଡିପିକୁ ବୃଦ୍ଧି କରାଯାଇପାରେ, ଯାହା ଆଗାମୀ ପିଢ଼ିର କ୍ଷତି କରିବ। ଆମେ କାର୍ଯ୍ୟକ୍ରମ ମଧ୍ୟମରେ ଜିଡିପି ଅଭିବୃଦ୍ଧି ବଢ଼ାଇପାରିବା, ଯାହା ପରିବେଶକୁ କ୍ଷତି କରିବା ସହ ଜଳବାୟୁ ପରିବର୍ତ୍ତନକୁ ମଧ୍ୟ ତୀବ୍ର କରିବ। ଏହା ଆମ ଆଗାମୀ ପିଢି ପାଇଁ ଏକ କ୍ଷତିଗ୍ରସ୍ତ ପୃଥିବୀ ଛାଡ଼ିଯିବ। ଏହି ଦୃଷ୍ଟିରୁ କେବଳ ଜଳବାୟୁ ପରିବର୍ତ୍ତନ ରୋକିବା ପାଇଁ ପଦକ୍ଷେପର ଆବଶ୍ୟକତାକୁ ଗ୍ରହଣ କରିବା ଯଥେଷ୍ଟ ହେବ ନାହିଁ। ଏକ ସୁସ୍ଥ ତଥା ପରିବେଶ ଉପଯୋଗୀ ଭବିଷ୍ୟତ ପାଇଁ ଆମେ ଆମ ଅର୍ଥନୀତିର ମଙ୍ଗଳକାରୀ ତଥା ସବୁଠୁ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପରେ ସୁଧାର ଆଣିବାକୁ ପଡ଼ିବ, ଯେଉଁଥିରେ ସ୍ଥାୟୀ ସମୃଦ୍ଧି ଆସିପାରିବ।

**-ପୂର୍ବତନ ମୁଖ୍ୟ ଅର୍ଥନୀତିଜ୍ଞ, ବିଶ୍ୱବ୍ୟାଙ୍କ**

## ଏଇ ଭାରତରେ

ମହାରାଷ୍ଟ୍ରର ପଚେଗାଁଓ ଗ୍ରାମ ନିକଟରେ ପ୍ରବାହିତ ବିମଲ ନଦୀ ବର୍ଷାଦିନ ପରେ ପ୍ରାୟତଃ ଶୁଖିଲା ରହୁଥିଲା। କାରଣ ଏହା ବର୍ଜ୍ୟ ଓ ପଙ୍କରେ ପୋତିହାଇ ଯାଇଥିଲା। ଏହା ଯୋଗୁ ଲୋକମାନେ ଗାଁ ଛାଡ଼ି କୋହ୍ଲାପୁର, ପୁଣେ ଏବଂ ପଶ୍ଚିମ ମହାରାଷ୍ଟ୍ରର ବିଭିନ୍ନ ଅଞ୍ଚଳକୁ କାମ ଅନ୍ୱେଷଣରେ ୬୯ ପ୍ରତିଶତ ଲୋକ ଚାଲି ଯାଆନ୍ତି। ଏହି ଗାଁରେ ୪୫୦ ପରିବାର ରୁହନ୍ତି। କିନ୍ତୁ ଏବେ ନଭାଙ୍ଗ ଫାଉଣ୍ଡେଶନ ନାମକ ଏକ ଏନ୍‌ଜିଓ ତତ୍ତ୍ୱାବଧାନରେ ଏବଂ ଗ୍ରମବାସୀଙ୍କ ସହଯୋଗରେ ଗାଁ ନିକଟରେ ଥିବା ନଦୀର ପୁନରୁଦ୍ଧାର ହୋଇପାରିଛି। ଏହି ଫାଉଣ୍ଡେଶନର ପ୍ରତିଷ୍ଠାତା ହେଉଛନ୍ତି ରାଜଶ୍ରୀ ଦେଶପାଣ୍ଡେ ଏବଂ ଉପଦେଷ୍ଟା ଭାବେ ଜଳ ବିଶେଷଜ୍ଞ ଡ. ସୁମନ୍ତ ପାଣ୍ଡେ ରହିଛନ୍ତି। ନଦୀଟି ପୂରା ପୋତି ହୋଇପଡ଼ିଥିଲା। ସେଥିରେ ବର୍ଜ୍ୟ ଓ ପଙ୍କ ବାହାର କରାଯିବା ପରେ ଜଳ ପ୍ରବାହିତ ହେଉଛି। ଗାଁର ଲୋକେ କାମ ପାଇଁ ଆଉ ବାହାରକୁ ନ ଯାଇ ଚାଷ କରୁଛନ୍ତି, ଯାହାଦ୍ୱାରା ବାହାରକୁ ଚାଲିଯାଉଥିବା ଲୋକଙ୍କ ସଂଖ୍ୟା ୫୧ ପ୍ରତିଶତ କମିଯାଇଛି। ଗାଁର ଲୋକେ ଏବେ ଯଅ ଓ ବାଜରା ଚାଷ କରୁଛନ୍ତି। ପାଖାପାଖି ୪୦୪ ଏକର ଜମିକୁ ଜଳସେଚନ ସୁବିଧା ହୋଇପାରିଛି।

## ୫୦ ବର୍ଷ ତଳର ଧରିତ୍ରୀ

DHARITRI

୩୦ ମେ ୧୯୭୬

- ପଞ୍ଜାବ ପ୍ରଦେଶ କଂଗ୍ରେସ ସଭାପତି ତଥା ଜନୈକ ପ୍ରବୀଣ ସ୍ୱାଧୀନତା ସଂଗ୍ରାମୀ ନିରଞ୍ଜନ ସିଂହ ତାଲିବ୍‌ଙ୍କ ୭୫ ବର୍ଷ ବୟସରେ ପରଲୋକ।
- ମାର୍କିନ କଥାଚିତ୍ର 'ଟ୍ୟାକ୍ସି ଡ୍ରାଇଭର' କାନ୍ସ ଅନ୍ତର୍ଜାତିକ ଚଳଚ୍ଚିତ୍ର ଉତ୍ସବରେ ସର୍ବୋଚ୍ଚ ପୁରସ୍କାର ଲାଭ କରିଛି।
- ଗୋଲାନ ହାଇଟ୍ସରେ ଜାତିସଂଘ ବାହିନୀର ଅବସ୍ଥାପନ ସଂକ୍ରାନ୍ତ ନିଷ୍ପତ୍ତିର ମିଆଦକୁ ୬ ମାସ ବଢ଼ାଇ ଦିଆଯିବା ନିମିତ୍ତ ଏକ ପ୍ରସ୍ତାବ ଜାତିସଂଘ ନିରାପତ୍ତା ପରିଷଦ ଦ୍ୱାରା ଅନୁମୋଦିତ।

## su|do|ku — ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| 4 | 5 | | | | | 8 | | 3 |
| | 3 | | | | | | | 1 |
| | 7 | | 5 | | 9 | | 2 | 4 |
| 3 | 9 | | 4 | | | | | |
| 1 | 8 | | | | | | | 9 |
| 7 | | | 6 | | | | | |
| | | | | | 8 | | 1 | |
| | | | | 5 | 4 | | 9 | 7 |
| | | | | | | | | 5 |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 6 | 3 | 9 | 1 | 8 | 5 | 2 | 4 | 7 |
| 4 | 1 | 5 | 3 | 7 | 2 | 6 | 9 | 8 |
| 8 | 2 | 7 | 4 | 9 | 6 | 5 | 1 | 3 |
| 3 | 8 | 6 | 9 | 2 | 7 | 1 | 5 | 4 |
| 7 | 5 | 4 | 6 | 1 | 8 | 9 | 3 | 2 |
| 2 | 9 | 1 | 5 | 3 | 4 | 7 | 8 | 6 |
| 9 | 4 | 2 | 7 | 5 | 3 | 8 | 6 | 1 |
| 5 | 6 | 8 | 2 | 4 | 1 | 3 | 7 | 9 |
| 1 | 7 | 3 | 8 | 6 | 9 | 4 | 2 | 5 |

ଗତକାଲିର ଉତ୍ତର

# ଜଳବାୟୁ ପରିବର୍ତ୍ତନ ଓ ବୟସ୍କ ବିଶ୍ୱ



ଭାରତୀ ଚକ୍ର

ପୃଥିବୀର ପ୍ରାୟ ସବୁ ଦେଶରେ ବୟସ୍କ ଲୋକଙ୍କ ସଂଖ୍ୟା ଓ ଅନୁପାତ ବୃଦ୍ଧି ପାଉଛି। ଇତିହାସରେ ପ୍ରଥମ ଥର ପାଇଁ ୨୦୧୮ରେ ବିଶ୍ୱରେ ୬୫ ବର୍ଷରୁ ଅଧିକ ବୟସର ଲୋକଙ୍କ ସଂଖ୍ୟା ୫ ବର୍ଷରୁ କମ୍ ବୟସର ପିଲାଙ୍କ ସଂଖ୍ୟାଠାରୁ ଅଧିକ ଥିଲା। ୨୦୫୦ ବେଳକୁ ବିଶ୍ୱରେ ପ୍ରତି ୫ ଜଣଙ୍କ ମଧ୍ୟରୁ ଜଣେ ୬୦ ବର୍ଷରୁ ଅଧିକ ବୟସ୍କ ହେବେ ଏବଂ ବିଶ୍ୱର ପ୍ରାୟ ୮୦ ପ୍ରତିଶତ ବୟସ୍କ ଲୋକ ନିମ୍ନ ଓ ମଧ୍ୟମ ଆୟକାରୀ ଦେଶରେ ରହିବେ। ଭାରତରେ ୨୦୫୦ ମସିହାରେ ମୋଟ ଜନସଂଖ୍ୟାର ୨୦ ପ୍ରତିଶତଙ୍କ ବୟସ ୬୦-୯୯ ବର୍ଷ ହେବ। ସାରା ବିଶ୍ୱରେ ବୟସ୍କ ଲୋକଙ୍କ ସଂଖ୍ୟା ଦ୍ରୁତ ଗତିରେ ବଢ଼ିଚାଲିଛି ଏବଂ ସାମାଜିକ, ରାଜନୈତିକ ତଥା ଜଳବାୟୁ ପରିବର୍ତ୍ତନର ଏକ ବିରାଟ ପ୍ରଭାବ ଏହି ବର୍ଗ ଉପରେ ପଡ଼ିବାକୁ ଯାଉଛି। ଆଉ ଟିକେ ସରଳ ଭାବରେ ବୁଝିବାକୁ ହେଲେ ଏପରି କହିପାରିବା। ଧରାଯାଉ ୨୦୧୧ ଜନଗଣନା ଅନୁସାରେ ଭାରତରେ ବୟସ୍କ ଲୋକଙ୍କ ସଂଖ୍ୟା ଥିଲା ପ୍ରାୟ ୧୦ଭାଗ ଓ ୨୦୫୦ରେ ତାହା ଦ୍ୱିଗୁଣିତ ହେବାକୁ ଯାଉଛି ଅର୍ଥାତ୍ ୨୦ ଭାଗ। ଆମ ଘରେ ଯଦି ୨୦୧୧ରେ ବା ଏବେ ୨ ଜଣ ବୟସ୍କ ଲୋକ ଅଛନ୍ତି ତେବେ ୨୦୫୦ରେ ୪ ଜଣ ୬୦ ବର୍ଷରୁ ଊର୍ଦ୍ଧ୍ୱ ବ୍ୟକ୍ତି ଥିବେ। ସେ ଦୃଷ୍ଟିରୁ ଦେଖିଲେ ଘରର ଅର୍ଥନୀତି, ଦୈନନ୍ଦିନ ଆବଶ୍ୟକତା, ସ୍ୱାସ୍ଥ୍ୟ ଓ ଜୀବନଶୈଳୀ, ସବୁ କିଛି ଉପରେ ତାହାର ପ୍ରଭାବ ପଡ଼ିବ ଓ ସମାନ ପ୍ରଭାବ ଭାରତ ତଥା ସାରା ବିଶ୍ୱ ଉପରେ ମଧ୍ୟ ଆକଳନ କରାଯାଇପାରେ। ବୈଷୟିକ ଜ୍ଞାନକୌଶଳର ବିକାଶ ଓ ବ୍ୟବହାର, ଉନ୍ନତ ସ୍ୱାସ୍ଥ୍ୟସେବାର ଉପଲବ୍ଧତା ଆଦି ମନୁଷ୍ୟର ଜୀବନଧାରଣର ମାନରେ ଉନ୍ନତି ଆଣିବା ସହ ସମ୍ଭାବ୍ୟ ଜୀବନକାଳ ବା ଲାଇଫ୍ ଏକ୍ସପେକ୍ଟାନ୍ସିରେ ଉନ୍ନତି ଆଣିଛି। ସ୍ୱାଧୀନତା ସମୟରେ ହାରାହାରି ଆୟୁଷ ୩୭ ବର୍ଷ ଥିବା ବେଳେ ଭାରତରେ ବର୍ତ୍ତମାନ ହାରାହାରି ଆୟୁଷ ୬୭ ବର୍ଷ। ତା' ସହ ପ୍ରଜନନ ହାର କମିଚାଲିଛି। ଏ ସବୁର ମିଳାମିଶା ପ୍ରଭାବ ହେଉଛି ବୟସ୍କମାନଙ୍କର ସଂଖ୍ୟାରେ ବୃଦ୍ଧି। ବୟସ୍କ ଲୋକଙ୍କ ମଧ୍ୟରେ ଥିବା ପାର୍ଥକ୍ୟକୁ ଅଧିକ ସୂକ୍ଷ୍ମ ଭାବରେ ବୁଝିବାର ଆବଶ୍ୟକତା ରହିଛି। କାରଣ ୬୦, ୭୦, ୮୦ ବର୍ଷରୁ ଅଧିକ ବୟସର ଲୋକମାନଙ୍କ ଆଚରଣ ଏବଂ ଆବଶ୍ୟକତାର ଅନନ୍ୟ ଏବଂ ଭିନ୍ନ ଢାଞ୍ଚା ଥାଇପାରେ। ହେଲ୍‌ଦି ଏଜିଙ୍ଗ ବା ସୁସ୍ଥ ବାର୍ଦ୍ଧକ୍ୟ କହିଲେ ଆମେ ସାଧାରଣ ଭାବେ ବୁଝିବା ଜଣେ ବ୍ୟକ୍ତି ମାନସିକ ଓ ଶାରୀରିକ ଭାବେ ନିଜର ସାଧାରଣ ଦୈନନ୍ଦିନ ଆବଶ୍ୟକତା ପୂରଣ କରିପାରୁଥିବେ। ଅର୍ଥାତ୍ ନିଜର ନିତ୍ୟକର୍ମ ବିନା ସହାୟତାରେ ସମାପନ କରିପାରୁଥିବେ, ନିଜର ନିତିଦିନିଆ ମୌଳିକ ଆବଶ୍ୟକତା ପାଇଁ ଅନ୍ୟ ଉପରେ ନିର୍ଭର କରୁ ନ ଥିବେ, ବୁଝିବିଚାରି ନିଜ ନିଷ୍ପତ୍ତି ନିଜେ ନେଇପାରୁଥିବେ, ନିଜେ ବିନା ସହାୟତାରେ ଚଳପ୍ରଚଳ କରିପାରୁଥିବେ, ଜନସମ୍ପର୍କ ରକ୍ଷା କରିପାରୁଥିବେ ତଥା ସମାଜ ପ୍ରତି ତାଙ୍କର କିଛି ଅବଦାନ ଥିବ। ଏସବୁ ସ୍ଥିତିରୁ କେଉଁଟି ଯଦି କୌଣସି କାରଣରୁ ପୂରଣ ନ ହୋଇପାରିଲା ତେବେ ଆମେ ତାହାକୁ ଅସୁସ୍ଥ ବୋଲି ଗଣନା କରିପାରିବା। ଏ ଦିଗରୁ ବିଚାରକଲେ ଜଳବାୟୁ ପରିବର୍ତ୍ତନ ଯୋଗୁ ଅତ୍ୟଧିକ ତାପମାତ୍ରା ବୃଦ୍ଧି, ବନାଗ୍ନି, ମରୁଡ଼ି, ବନ୍ୟା, ବାତ୍ୟା, ବାୟୁର ଗୁଣବତ୍ତା ତଥା ପରିବେଶ ସମ୍ବେଦନଶୀଳ ସଂକ୍ରମଣ ଆଦି ଅନେକ କ୍ଷେତ୍ରରେ ବୟସ୍କ ବ୍ୟକ୍ତିଙ୍କୁ ସିଧାସଳଖ ପ୍ରଭାବିତ କରିଥାଏ। ଜଳବାୟୁ ପରିବର୍ତ୍ତନ ବୟସ୍କ ଲୋକଙ୍କ ସ୍ୱାସ୍ଥ୍ୟ, କଲ୍ୟାଣ ଏବଂ ଜୀବିକାକୁ ମଧ୍ୟ ବାଧାପ୍ରାପ୍ତ କରେ।



ତା' ସହ ଏହା ସେହି ବୟସ୍କ ବ୍ୟକ୍ତିଙ୍କ ପରିବାର, ସମାଜ ତଥା ରାଜ୍ୟ ବା ଦେଶ ଉପରେ ମଧ୍ୟ ଅନେକ ଚାପ ସୃଷ୍ଟି କରିଥାଏ। କିନ୍ତୁ ବିଶ୍ୱବ୍ୟାପୀ ଜଳବାୟୁ ପରିବର୍ତ୍ତନ ନେଇ ହେଉଥିବା ବିତର୍କରେ ବୃଦ୍ଧାବସ୍ଥା ଉପରେ ଏହାର ପ୍ରଭାବ ତଥା ସମଗ୍ର ବିଶ୍ୱ ଉପରେ ତଜ୍ଜନିତ ସାମାଜିକ, ଅର୍ଥନୈତିକ ତଥା ରାଜନୈତିକ ପ୍ରଭାବ ବିଷୟରେ ଆଲୋଚନାକୁ ସେଭଳି ଗୁରୁତ୍ୱ ବା ପ୍ରାଧାନ୍ୟ ଦେବା ଦେଖିବାକୁ ମିଳୁନାହିଁ। ଏହା ସର୍ବବିଦିତ ଯେ ଋଣ ବୋଝ ବୃଦ୍ଧି, ଖରାପ ପ୍ରାକୃତିକ ପରିବେଶ ଏବଂ ବିକାଶ ସୂଚକାଙ୍କରେ ମନ୍ଥର ଅଗ୍ରଗତି କାରଣରୁ ନିମ୍ନ ଓ ମଧ୍ୟମ ଆୟକାରୀ ଦେଶଗୁଡ଼ିକ, ଜଳବାୟୁଜନିତ ଅଧିକ ବିପଦ ଏବଂ ଉଚ୍ଚ ସାମାଜିକ, ଅର୍ଥନୈତିକ ଦୁର୍ବଳତାର ସମ୍ମୁଖୀନ ହେବେ। ଭାରତ ମଧ୍ୟ ସେଥିରୁ ବାଦ୍ ପଡ଼ିବ ନାହିଁ। ତେଣୁ ସଜାଗ ହେବାର ସମୟ ଆସିଯାଇଛି। ନିରନ୍ତର ବିକାଶ ପାଇଁ ୨୦୩୦ କାର୍ଯ୍ୟସୂଚୀରେ ୧୭ଟି ପରସ୍ପର ସହ ଜଡ଼ିତ ବିଶ୍ୱ ନିରନ୍ତର ବିକାଶ ଲକ୍ଷ୍ୟ(ଏସ୍‌ଡିଜି)ର ରୂପରେଖ ଦିଆଯାଇଛି ଯାହା କି ସମସ୍ତଙ୍କ ପାଇଁ ଏକ ଉନ୍ନତ ଏବଂ ଅଧିକ ସ୍ଥାୟୀ ଭବିଷ୍ୟତ ହାସଲକରିବା ପାଇଁ ବ୍ଲୁପ୍ରିଣ୍ଟ ଭାବରେ ପ୍ରସ୍ତୁତ କରାଯାଇଛି। ତେବେ କ୍ଷମତା, ଦକ୍ଷତା ଓ ସମ୍ବଳର ଅଭାବ ଏକ ଗୁରୁତ୍ୱପୂର୍ଣ୍ଣ ପ୍ରତିବନ୍ଧକ ହୋଇଥିବାରୁ ଅନେକ ନିମ୍ନ ଓ ମଧ୍ୟମ ଆୟକରୀ ଦେଶ ୨୦୩୦ ସୁଦ୍ଧା ଏସ୍‌ଡିଜି ହାସଲ କରିବାର ସମ୍ଭାବନା ନାହିଁ। ନିମ୍ନ ଏବଂ ମଧ୍ୟମ ଆୟକରୀ ଦେଶଗୁଡ଼ିକ ବୟସ୍କ ଲୋକଙ୍କୁ ସାହାଯ୍ୟ କରିବା ପାଇଁ ଦୁର୍ବଳ ଏବଂ ଅଳ୍ପ ସମ୍ବଳଯୁକ୍ତ ସ୍ୱାସ୍ଥ୍ୟ ଏବଂ ସାମାଜିକ ଯତ୍ନ ବ୍ୟବସ୍ଥା ସହ ସଂଘର୍ଷ କରୁଛନ୍ତି ଏବଂ ସେମାନଙ୍କର ସ୍ୱାସ୍ଥ୍ୟ ବ୍ୟବସ୍ଥା ଜଳବାୟୁ ପରିବର୍ତ୍ତନର ପ୍ରଭାବ ବିରୋଧରେ ଲଢ଼ିବାକୁ ଅସମର୍ଥ। ବାସ୍ତବରେ ୭୫ ପ୍ରତିଶତ ନିମ୍ନ ଓ ମଧ୍ୟମ ଆୟକରୀ ଦେଶରେ ବୟସ୍କ ଲୋକଙ୍କ ସ୍ୱାସ୍ଥ୍ୟ ଓ ସାମାଜିକ ଯତ୍ନ ଯୋଜନା ସମ୍ପର୍କରେ ସୂଚନା ଦେବା ପାଇଁ କୌଣସି ତଥ୍ୟ ନାହିଁ। ଭିତ୍ତିଭୂମି ଏବଂ ସେବା ଯୋଗାଣ ଏବଂ ଚାହିଦା ମଧ୍ୟରେ ଅସମାନତା ଏଡ଼ାଇବା ପାଇଁ ବାର୍ଦ୍ଧକ୍ୟ ସହ ଜଡ଼ିତ ଦ୍ରବ୍ୟ ଏବଂ ସେବାର ଚାହିଦାର ଧାରାକୁ ବୁଝିବା ଜରୁରୀ। ଜଳବାୟୁ ପରିବର୍ତ୍ତନ ପାରିବାରିକ ଢାଞ୍ଚାକୁ ପ୍ରଭାବିତ କରିବ। ଆୟ, ସମ୍ପତ୍ତି, ସ୍ୱାସ୍ଥ୍ୟ ଏବଂ ନିରାପତ୍ତା ଉପରେ ଏକାଧିକ ଝଟକା ଲାଗିବ, ବୟସ୍କ ଲୋକମାନଙ୍କର ଯତ୍ନ ନେବାର କ୍ଷମତା ହ୍ରାସ କରିବ। ଏକଥା ମଧ୍ୟ ମନେରଖିବାକୁ ହେବ ଯେ, ବୟସ୍କ ଲୋକଙ୍କ ବିନା ଜଳବାୟୁ କାର୍ଯ୍ୟ ସଫଳ ହୋଇପାରିବ ନାହିଁ। ପୁରୁଣା ପିଢ଼ି ତୁଳନାରେ ଯୁବପିଢ଼ି ଏବେ ଅଧିକ ଶିକ୍ଷିତ ଏବଂ ଜଳବାୟୁ ପରିବର୍ତ୍ତନ ପ୍ରସଙ୍ଗରେ ଅଧିକସଚେତନ। କିନ୍ତୁବୟସ୍କଲୋକମାନେ ବାସ୍ତବରେ ଜଳବାୟୁ କିପରି ସେମାନଙ୍କ ସମ୍ପ୍ରଦାୟକୁ ପ୍ରଭାବିତ କରିପାରେ, ସାମାଜିକ ଭାବରେ ସଂଯୁକ୍ତ ଏବଂ ସେମାନଙ୍କ ସମ୍ପ୍ରଦାୟ ମଧ୍ୟରେ ନୈତିକ ଅଧିକାର ଧାରଣ କରିପାରେ, ସେ ବିଷୟରେ ବିବିଧ ଅନୁଭୂତି ଏବଂ ଜ୍ଞାନ ଧାରଣ କରନ୍ତି। ଦ୍ରୁତ ବୃଦ୍ଧାବସ୍ଥା ଦେଇ ଗତି କରୁଥିବା ଦେଶଗୁଡ଼ିକରେ ସାମଗ୍ରୀ ଏବଂ ସେବାର ଚାହିଦା ଉପରେ ବାର୍ଦ୍ଧକ୍ୟର ପ୍ରଭାବ ବିଷୟରେ ଆଇପିସିସି ଏ ପର୍ଯ୍ୟନ୍ତ ବିଚାର କରୁନାହିଁ। ଜୀବନର ବିଭିନ୍ନ ପର୍ଯ୍ୟାୟରେ ବିଳାସପୂର୍ଣ୍ଣ କାର୍ବନ ନିର୍ଗମନଠାରୁ ଅତ୍ୟାବଶ୍ୟକ କାର୍ବନ ନିର୍ଗମନକୁ ପୃଥକ୍ କରିବା ପାଇଁ ବୟସ ସହ ଉଚ୍ଚ କାର୍ବନ ଦ୍ରବ୍ୟ ଏବଂ ସେବାର ଆବଶ୍ୟକତା କିପରି ବିକଶିତ ହୁଏ ତାହା ନୀତି ନିର୍ଦ୍ଧାରକମାନଙ୍କ ପାଇଁ ଗୁରୁତ୍ୱପୂର୍ଣ୍ଣ। ତେଣୁ ବର୍ତ୍ତମାନ ଭାରତ ତଥା ସାରା ବିଶ୍ୱରେ ନୂତନ ବୟସ୍କ ନୀତି ବିକଶିତ କରିବା ଆହୁରି ଜରୁରୀ ହୋଇପଡିଛି, ଯାହା ବୟସ୍କ ଲୋକଙ୍କ ଅଧିକାର ଏବଂ କଲ୍ୟାଣ ପାଇଁ ଜଳବାୟୁ ଓ ଅନ୍ୟାନ୍ୟ ପରିବେଶଜନିତ ବିପଦର ଆକଳନ କରି ଏକ ସୁନ୍ଦର ଭବିଷ୍ୟତ ବିଶ୍ୱର ପରିକଳ୍ପନାକୁ ସାକାର ରୂପ ପ୍ରଦାନ କରିପାରିବ।

ମୋ: ୭୯୭୮୫୦୧୧୫୧

# ବନ୍ଧୁ ସାଙ୍ଗ ସାଥୀ



ଅଲେଖ ଚନ୍ଦ୍ର ମିଶ୍ର

ବନ୍ଧୁ, ସାଙ୍ଗ ଓ ସାଥୀ ଏ ତିନୋଟି ଏକାର୍ଥ ବୋଧକ ଶବ୍ଦ ହେଲେ ବି ପ୍ରତ୍ୟେକର ମର୍ମ ସ୍ୱତନ୍ତ୍ର। ବନ୍ଧୁ ଏକ ଆକସ୍ମିକତା, ସାଙ୍ଗ ଏକ ସଂଘଟନ ଏବଂ ସାଥୀ ଏକ ଭାବାବେଗ। ବନ୍ଧୁ ଭୁଲି ଯାଏ, ସାଙ୍ଗ ମନେରହେ, ସାଥୀ ମନେପଡ଼େ। ବନ୍ଧୁତା ସୃଷ୍ଟି ହେବା ପାଇଁ ଅନେକ ମାର୍ଗ ରହିଛି ଯଥା ପାରିବାରିକ ସମ୍ପର୍କ ସ୍ଥାପନ, କର୍ମକ୍ଷେତ୍ରରେ ସଂସ୍ପର୍ଶରେ ଆସିବା, ବାଟ ଘାଟରେ ପରିଚିତ ହେବା, ଅସୁବିଧାରେ ସାହାଯ୍ୟ କରିବା, ଅନେକ ବର୍ଷରୁ ଭୁଲିଯାଇଥିବା ପୁରୁଣା ବନ୍ଧୁଙ୍କ ସ୍ମୃତି, ବାରମ୍ବାର ସମ୍ପର୍କରେ ଆସିବା, ବନ୍ଧୁ ମାଧ୍ୟମରେ ବନ୍ଧୁ, ଦେବା ନେବା, ସ୍ନେହ, ପ୍ରେମ, ପସନ୍ଦ ଇତ୍ୟାଦି। ଏଭଳି ଘଟଣା ଆକସ୍ମିକ ଘଟେ ଏବଂ ସେଥିରୁ ବନ୍ଧୁତାର ସୂତ୍ରପାତ ହୁଏ। ଶାସ୍ତ୍ର ଅନୁସାରେ ଅଜଣା ଲୋକଟି ସହିତ ସାତ ପାଦ ଚାଲିଲେ କିମ୍ବା ସାତ ପଦ କଥା ହେଲେ ବନ୍ଧୁତା ସୃଷ୍ଟି ହୋଇଯାଏ (ପ୍ରାହୁ ସାପ୍ତପଦିଂ ମୈତ୍ରିଂ)। ବନ୍ଧୁତାର ଷଡ଼ବିଧ ଲକ୍ଷଣ ହେଲା, ଦବା ନବା, ଗୁପ୍ତକଥା କହିବା ଶୁଣିବା, ଖାଇବା ଖୋଇବା। ବିପଦ ଆପଦ ଭଲ ମନ୍ଦରେ ସହାୟତାର ହାତ ବଢ଼େଇବା, ଖୋଜିବା ଲୋଡ଼ିବା ବନ୍ଧୁତାର ସଂକେତ। ବନ୍ଧୁ ପାଇଁ ଜୀବନ ଦେବାର ଦୃଷ୍ଟାନ୍ତ ଯେପରି ବହୁଳ ବନ୍ଧୁ ପ୍ରତି ବିଶ୍ୱାସଘାତକତା କରିବାର ନଜିର ବି ସେହିପରି ଅନେକ। ବନ୍ଧୁତାକୁ ଅତୁଟ ରଖିବା ପାଇଁ ମହାବୀର କର୍ଣ୍ଣ ନିଜର ସହୋଦର ଭାଇଙ୍କଠାରୁ ଦୂରେଇ ଯାଇ ଅକାଳ ମୃତ୍ୟୁକୁ ଆଦରି ନେଲେ ପଛକେ ଦୁର୍ଯ୍ୟୋଧନ ସହିତ ବନ୍ଧୁତାକୁ ଛିନ୍ନ କଲେନାହିଁ। ବନ୍ଧୁ ପାଇଁ ଜୀବନ ଉତ୍ସର୍ଗ ଉପରେ ଆଧାରିତ ଗ୍ରୀକ୍ ସାହିତ୍ୟର ଲୋକପ୍ରିୟ କାହାଣୀ ଡାମନ ଓ ପିଥିୟାସ ଏବଂ ବନ୍ଧୁକୁ ମୃତ୍ୟୁମୁଖକୁ ଠେଲିଦେବା ଭଳି ସଂସ୍କୃତ ଗଳ୍ପ ସସେମିରା କଥା ବନ୍ଧୁତାର ଉଭୟ ପାର୍ଶ୍ୱର କାଳଜୟୀ ଦୃଷ୍ଟାନ୍ତ ହୋଇ ରହିଯାଇଛି। ମାଙ୍କଡ଼ କୁମ୍ଭୀର କଥା ତ ଚିର ସ୍ମରଣୀୟ। ବନ୍ଧୁତା ଭଳି ଏକ ପବିତ୍ର ସମ୍ପର୍କ ଭିତରେ ବିଶ୍ୱାସଘାତକତା ଆଶା କରା ଯାଏନା, କିନ୍ତୁ ସେପରି ଘଟେ ଯେତେବେଳେ ତା' ଭିତରକୁ ସ୍ୱାର୍ଥ ପଶିଆସେ।

ସାଙ୍ଗ ମିଳନ୍ତି ମୁଖ୍ୟତଃ କୈଶୋର ଅବସ୍ଥାରେ। ଯେତେବେଳେ ବିଦ୍ୟାଳୟରେ ପିଲାଟିର ନାମ ଲେଖାଯାଏ ସେବେଠାରୁ ସେ ତା' ଭଳି ଅନେକ ପିଲାଙ୍କ ସଂସ୍ପର୍ଶରେ ଆସେ ଯେଉଁମାନଙ୍କ ସହିତ ବିଶେଷ କରି ଏକା ଶ୍ରେଣୀରେ ପଢୁଥିବା ପିଲାଙ୍କ ସହିତ ନିତି ଚଳ ପ୍ରଚଳ ଓ ଭାବର ଆଦାନ ପ୍ରଦାନ ମଧ୍ୟରେ ଯେଉଁ ସାଙ୍ଗମାନେ ସୃଷ୍ଟି ହୁଅନ୍ତି ବିଦ୍ୟାଳୟ ଛାଡ଼ିଲା ପରେ ବି ଅନେକ ବର୍ଷ ପର୍ଯ୍ୟନ୍ତ ସେମାନେ ମନେରହନ୍ତି। ଘଟଣା ଚକ୍ରରେ ଏକା ସମୟରେ ଏକା ବିଦ୍ୟାଳୟରେ ପଢ଼ିବାକୁ ସୁଯୋଗ ମିଳି ଥିବାରୁ ଏପରି ସାଙ୍ଗ ହେବା ସମ୍ଭବ ହୁଏ। ସ୍କୁଲକୁ ଯାଇ ନ ଥିବା ସମ ବୟସର ପିଲାମାନେ ବି ପରସ୍ପରର ସଂସ୍ପର୍ଶରେ ଆସି ସାଙ୍ଗ ହୁଅନ୍ତି। କାଳକ୍ରମେ ସେମାନଙ୍କର ସ୍ମୃତି ଝାପ୍ସା ହୋଇ ଆସେ ଏବଂ ଶେଷରେ ଆଉ ମନେପଡେନା। ଏହିଭଳି ସାଙ୍ଗ ଥିଲେ ପ୍ରଭୁ ଶ୍ରୀକୃଷ୍ଣ ଓ ସୁଦାମା। ପରସ୍ପରଠାରୁ ବିଚ୍ଛିନ୍ନ ହେଲା ପରେ ଯିଏ ଯାହା କର୍ମରେ ବ୍ୟସ୍ତ ରହି ସବୁ ଭୁଲି ଯାଇଥିଲେ ବି ପୁରୁଣା ସ୍ମୃତି ଉଭୟଙ୍କର ମନରେ ଥିଲା ଏବଂ ଆକସ୍ମିକ ସାକ୍ଷାତ୍‌ରେ ପୁନରୁଜ୍ଜୀବିତ ହୋଇ ପରସ୍ପରକୁ ଅତୁଟ ବନ୍ଧନରେ ବାନ୍ଧି ଦେଇଥିଲା। ଅଥଚ ସେହିଭଳି ଏକା ସ୍ଥିତିରେ ସାଙ୍ଗ ଥିଲେ ବି ମହାରାଜା ଦ୍ରୁପଦ ଓ ଗୁରୁ ଦ୍ରୋଣାଚାର୍ଯ୍ୟଙ୍କ ମଧ୍ୟରେ ଅନେକ ବର୍ଷର ବ୍ୟବଧାନ ପରେ ଯେତେବେଳେ ଭେଟ ହେଲା ସେ ପରିସ୍ଥିତି ଥିଲା ସମ୍ପୂର୍ଣ୍ଣ ବିପରୀତ। ଦ୍ରୁପଦ ନିଜ ସାଙ୍ଗ ଦ୍ରୋଣାଚାର୍ଯ୍ୟଙ୍କୁ ଚିହ୍ନି ବି ଚିହ୍ନିଲେନି, ବରଂ ଅପମାନିତ କରି ବିଦା କରିଦେଲେ। ଏହା ହେଉଛି ସାଙ୍ଗ ସମ୍ପର୍କର ଦୁଇଟି ପାର୍ଶ୍ୱ ' ଯାହା ଏବେ ବି କଦାଚିତ ଅନୁଭୂତ ହୁଏ। କିନ୍ତୁ ବନ୍ଧୁ କଣ ନ ଜାଣି, ସାଙ୍ଗ କଣ ନ ବୁଝି ଶିଶୁଟିଏ ସମ ବୟସ୍କ ସହିତ ଯେଉଁ ଅନାବିଳ ଭବାବେଗରେ ବାନ୍ଧି ହୋଇପଡେ ସେ ହୁଏ ସାଥୀ। ତାକୁ ଭୁଲି ହୁଏନା, କାରଣ ସେହୃଦୟରେ ଥାଏ। ତା' ଭିତରେ ରାଗ, ରୁଷା,ଅଭିମାନ, ଦୁଇ ହାତର ବିଶି ଆଙ୍ଗୁଠିକୁ ଛକି ପକେଇ କଟି, ଡବଲ କଟି ପୁଣି କୁଟାଖଣ୍ଡକୁ ବା ଦୁବଘାସଟିକୁ ଛିଣ୍ଡେଇ ଦେଲେ କଟିଯାଏ ଫିଟି, ସମସ୍ତେହୁଅନ୍ତି ଏକାଠି। କେତେ ଅନାବିଳ ସେ ସଂପର୍କ। ସାଥୀର ମୂଲ୍ୟ ନ ବୁଝିବି ସେମାନେ ସାଥୀ, ଶୈଶବର ସାଥୀ,ବାଲ୍ୟସାଥୀ। ସେ ସାଥୀ ଜୀବନ ସାଥୀ ହୋଇ ପାରେନା, କିନ୍ତୁ ତା'ର ସ୍ମୃତି ଏତେ ମଧୁର ଯେ କଞ୍ଚା ସିଲଟରେ ପଡ଼ିଥିବା ଗାରଟିଏ ପରି ଜୀବନ ସାରା ଅଲିଭା ରହିଯାଏ।

ମୋ:୯୪୩୮୬୭୩୮୯୮

## ଚିରନ୍ତନୀ

ସେ ସଙ୍ଗୀତ ପ୍ରିୟାର ନୂପୁରେ,
ଅଛି କେଉଁ ବଇକୁଣ୍ଠ ପୁରେ ?
ପ୍ରିୟା ରୂପ-ଶଶୀ ସେ କେଉଁ ଉର୍ବଶୀ
ପାରେ ଜିଣି ଗରବିଣୀ !
-(ପୁରୀ-ମନ୍ଦିର)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

## ପାଠକ ଶ୍ରେଷ୍ଠ ବିଚାରକ

### ଅବହେଳିତ ଖେଳପଡ଼ିଆ

ମହାଶୟ,

ଭଦ୍ରକ ଜିଲାର ସାବରଙ୍ଗ ଗ୍ରାମପଞ୍ଚାୟତ ଅଧୀନରେ କୁଶପଦା ନାମକ ଏକ ପଡ଼ିଆ ଅଛି । ରକ୍ଷଣାବେକ୍ଷଣ ଅଭାବରୁ ଏହା ଅଦରକାରୀ ହୋଇପଡିଛି । ଏହା ଛୋଟ ଛୋଟ ଖାଲଖମା ଓ ଅନାବନା ଗଛରେ ପରିପୂର୍ଣ୍ଣ । ଏଣୁ ଏହା କୌଣସି ସମୟରେ ଖେଳ ଉପଯୋଗୀ ହୋଇପାରୁନି। ସୁତରାଂ ଏହି ପଡିଆଟିର ଉନ୍ନତୀକରଣ ହୋଇପାରିଲେ ସ୍ଥାନୀୟ ପିଲାମାନେ ଖେଳିବାର ସୁଯୋଗ ପାଇପାରନ୍ତେ । ଏଥିପ୍ରତି ସ୍ଥାନୀୟ ବିଧାୟକ ଓ ବିଭାଗୀୟ ମନ୍ତ୍ରୀଙ୍କର ଦୃଷ୍ଟି ଆକର୍ଷଣ କରିବା ସଙ୍ଗେ ସଙ୍ଗେ ଯଥାଶୀଘ୍ର ଏହି ଖେଳପଡ଼ିଆର ଉନ୍ନତି ପାଇଁ କାର୍ଯ୍ୟ ଆରମ୍ଭ କରିବାକୁ ଅନୁରୋଧ ।

**-ଯଦୁନାଥ ସାହୁ, ସାବରଙ୍ଗ, ଭଦ୍ରକ**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

# ହାଇକୋର୍ଟ ଯିବେ ପୁଞ୍ଜିଲାଲ

**ବଲାଙ୍ଗୀର,୨୯।୫(ବୀରେନ୍ଦ୍ର କୁମାର ଝାଙ୍କର)**

**ପାଟଣାଗଡ଼ ପାର୍ସଲ ବୋମା ବିସ୍ଫୋରଣ ମାମଲା**



ପୁଞ୍ଜିଲାଲ ମେହେର।

ସାରା ଦେଶରେ ହଇଚଇ ସୃଷ୍ଟି କରିଥିବା ପାଟଣାଗଡ଼ ପାର୍ସଲ ବୋମା ବିସ୍ଫୋରଣ ମାମଲାରେ ଦୋଷୀ ସାବ୍ୟସ୍ତ ହେବା ପରେ ପୁଞ୍ଜିଲାଲ ମେହେର ହାଇକୋର୍ଟ ଯିବାକୁ ମନସ୍ଥ କରିଥିବା ଜଣାପଡିଛି। ବୁଧବାର ପାଟଣାଗଡ ଏଡିଜେ ଏହି ଚର୍ଚ୍ଚିତ ମାମଲାରେ ତାଙ୍କୁ ଆଜୀବନ ଜେଲ ଓ ଅର୍ଥଦଣ୍ଡାଦେଶ ଦେଇଥିଲେ। ଗୁରୁବାର ପୁଞ୍ଜିଲାଲଙ୍କ ପୁଅ ବଲାଙ୍ଗୀର ଜେଲକୁ ଆସି ତାଙ୍କୁ ଭେଟି କିଛି ସମୟ ଆଲୋଚନା କରିଥିବା ଜଣାପଡିଛି। ହାଇକୋର୍ଟ ଯାଇ କେଶ ଲଢ଼ିବାକୁ ପୁଅ ସହ ପୁଞ୍ଜିଲାଲ ଆଲୋଚନା କରିଥିବା ଜେଲ ସୂତ୍ରରୁ ଜାଣିବାକୁ ମିଳିଛି। ଜେଲ ଅଧୀକ୍ଷକ ଓ ଅନ୍ୟ କର୍ମଚାରୀଙ୍କ ସହ ଆଜି କଥାବାର୍ତ୍ତା କରି ଓକିଲ ଚୟନ ଭୁଲ ହୋଇଗଲା ବୋଲି ପୁଞ୍ଜିଲାଲ କହିଥିବା ଜଣାପଡିଛି। ଆସନ୍ତା ଦୁଇଦିନ ମଧ୍ୟରେ ଓକିଲ ସହ ଆଲୋଚନା କରି ହାଇକୋର୍ଟ ଯିବା ବ୍ୟବସ୍ଥା କରିବାକୁ କହିଛନ୍ତି। ଦୋଷୀ ସାବ୍ୟସ୍ତ ହେବା ପରେ ବୁଧବାର ରାତିରେ କାରାଗାର ଭିତରେ ରାତ୍ରି ଭୋଜନ କରିଥିଲେ ମଧ୍ୟ ସେ ଭାରି ଚିନ୍ତିତ ଥିବା ଦେଖାଯାଇଥିଲେ। ବିଳମ୍ବିତ ରାତି ଯାଏ ସେ ବାରମ୍ବାର ଉଠୁଥିବା, ବସୁଥିବା ଦେଖାଯାଇଥିଲା। ଗୁରୁବାର ସକାଳୁ ମଧ୍ୟ ସେ ଭାରି ଚିନ୍ତିତ ଦେଖାଯାଉଥିଲେ। ଜେଲକୁ ସାକ୍ଷାତ ପାଇଁ ପୁଅ ଆସିବା ପରେ ତାଙ୍କ ସହ କିଛି ସମୟ ଧରି ଆଲୋଚନା କରିଥିଲେ। ହାଇକୋର୍ଟ ଯାଇ ଜେଲରୁ ମୁକୁଳିବା ଦିଗରେ ସେ ଉଦ୍ୟମ କରିବେ ବୋଲି କହିଥିଲେ।

ଭଇଁଷା ଜ୍ୟୋତି ବିକାଶ କଲେଜର ଇଂଲିଶ ବିଭାଗ ଅଧ୍ୟାପକ ଭାବେ ପୁଞ୍ଜିଲାଲଙ୍କ ବେଶ୍ କାଟ୍‌ତି ଥିଲା। ସେହି କଲେଜରେ ସେ ୨୦୦୯ରୁ ୨୦୧୭ ମସିହା ପର୍ଯ୍ୟନ୍ତ ଇନ୍‌ଚାର୍ଜ ଅଧ୍ୟକ୍ଷ ଦାୟିତ୍ୱରେ ଥିଲେ । ସବୁ କିଛି ଠିକ୍‌ଠାକ୍ ଚାଲିଥିଲା । ସେହି କଲେଜକୁ ଇତିହାସ ବିଭାଗ ଅଧ୍ୟାପିକା ଭାବେ ସଞ୍ଜୁକ୍ତା ସାହୁ ବଦଳି ହୋଇ ଆସିବା ପରେ ବରିଷ୍ଠତା ଯୋଗୁ ତାଙ୍କୁ ଅଧ୍ୟକ୍ଷ ପଦବୀ ଛାଡିଦେବାକୁ କୁହାଯାଇଥିଲା। ପୁଞ୍ଜିଲାଲ ଅଧ୍ୟକ୍ଷ ପଦ ଛାଡି ନ ଥିଲେ। ସରକାରୀ ଚିଠି ବଳରେ ୨୦୧୭ରେ ଅଧ୍ୟକ୍ଷ ପଦ ତାଙ୍କୁ ଛାଡିବାକୁ ପଡିଲା। ଏହି କଥାକୁ ନେଇ ସେ ଅଧ୍ୟାପିକା ସଞ୍ଜୁକ୍ତାଙ୍କ ପ୍ରତି ପ୍ରତିଶୋଧ ପରାୟଣ ହୋଇ ପାର୍ସଲ ବୋମା କାଣ୍ଡ ଷଡଯନ୍ତ୍ର ରଚିଥିଲେ। ଏହି ମାମଲାରେ ଆଜୀବନ କାରାଦଣ୍ଡ ଭୋଗିବା ପରେ ସେ ଏବେ ମହାଚିନ୍ତାରେ ପଡିଛନ୍ତି। ଏଭଳି ସ୍ଥିତିରେ ସେ ହାଇକୋର୍ଟରେ ମାମଲା ଲଢ଼ିବା କାଠିକର ପାଠ ହୋଇଯିବ ବୋଲି ସାଧାରଣରେ ଚର୍ଚ୍ଚା ହେଉଛି।

## ୧୧ ନମ୍ବର ୱାର୍ଡ ଭିତରେ ପୁଞ୍ଜିଲାଲ

ଦୋଷୀ ସାବ୍ୟସ୍ତ ହେବା ପରେ ପୁଞ୍ଜିଲାଲଙ୍କୁ ପାଟଣାଗଡ ଏଡିଜେ କୋର୍ଟରୁ ବଲାଙ୍ଗୀର ଜିଲା ଜେଲକୁ ଅଣାଯାଇଥିଲା। ଜେଲ କର୍ତ୍ତୃପକ୍ଷ ବିଚାରାଧୀନ କଏଦୀ ସେଲରୁ ତାଙ୍କୁ ସଜା କାଟୁଥିବା କଏଦୀମାନେ ରହୁଥିବା ୧୧ ନମ୍ବର ୱାର୍ଡକୁ ଆଣିଥିଲେ। ବଲାଙ୍ଗୀର ଜିଲା କାରାଗାରର ୧୧ ନମ୍ବର ୱାର୍ଡରେ ତାଙ୍କୁ ରଖାଯାଇଥିଲା। ପୁଞ୍ଜିଲାଲଙ୍କୁ କଏଦୀ ନମ୍ବର ୫୮୮୨ ଭାବେ ଚିହ୍ନଟ କରାଯାଇଥିଲା। ତାଙ୍କୁ ରଖାଯାଇଥିବା ୱାର୍ଡ ଭିତରେ ଏବେ ୫୦ ଜଣ ସଜା କାଟୁଥିବା କଏଦୀ ଅଛନ୍ତି। ୫୦ ଜଣଙ୍କ ମଧ୍ୟରୁ ୪୦ ଜଣ ଆଜୀବନ ସଜା କାଟୁଥିବା କଏଦୀ ଅଛନ୍ତି। ସେ ଭିତରୁ ଏବେ ପୁଞ୍ଜିଲାଲ ଜଣେ।

## ଖଲାସ ହୋଇଯିବେ ଭାବୁଥିଲେ

ମେ ୨୮ ତାରିଖରେ ପାଟଣାଗଡ ପାର୍ସଲ ବୋମା ବିସ୍ଫୋରଣ ମାମଲାର ରାୟ ପ୍ରକାଶ ପାଇବ ବୋଲି ଘୋଷଣା କରାଯାଇଥିଲା। ପ୍ରାୟ ଦୁଇବର୍ଷ ଧରି ପାଟଣାଗଡ ଏଡିଜେ କୋର୍ଟରେ ଯେଭଳି ଭାବେ ଏହି ମାମଲା ଚାଲିଥିଲା ସେଥିରୁ ଦୋଷମୁକ୍ତ ହୋଇ ଜେଲରୁ ଖଲାସ ହୋଇଯିବେ ବୋଲି ପୁଞ୍ଜିଲାଲ କୁଆଡେ ଭାବୁଥିଲେ। କିଛିଦିନ ହେଲା ସେ ଜେଲ ଭିତରେ ଥିବା ସାଥୀ କଏଦୀ ଏବଂ ଜେଲ କର୍ତ୍ତୃପକ୍ଷଙ୍କୁ ୨୮ ତାରିଖରେ ସେ ମୁକୁଳି ଯିବେ ବୋଲି କହୁଥିଲେ। ମଙ୍ଗଳବାର ଦିନ ଜେଲ ଭିତରେ ବିଭିନ୍ନ କର୍ମଚାରୀ ଓ କଏଦୀଙ୍କୁ ଭେଟି ସେ ବୁଧବାର ମୁକୁଳି ଯିବେ ଆଉ ଦେଖାହେବନାହିଁ ବୋଲି କହୁଥିବା ଜେଲ କର୍ତ୍ତୃପକ୍ଷଙ୍କ ସୂତ୍ରରୁ ଜଣାପଡିଛି।

# ବାବା ବାଲୁଙ୍କେଶ୍ୱର ଓ ମାତା ପାର୍ବତୀଙ୍କ ଗୃହ ପ୍ରବେଶ



ଶୀତଳଷଷ୍ଠୀ ପୂଜା ପାଇଁ ବାଲୁଙ୍କେଶ୍ୱର ବାବା ଓ ଦେବୀ ପାର୍ବତୀଙ୍କୁ ନିଆଯାଉଛି।

**ବଲାଙ୍ଗୀର,୨୯।୫(ବୀରେନ୍ଦ୍ର କୁମାର ଝାଙ୍କର)**

ବଲାଙ୍ଗୀର ସାଗରପଡା ଶ୍ରୀ ଶ୍ରୀ ବାଲୁଙ୍କେଶ୍ୱର ବାବା ଶିବମନ୍ଦିରର ପ୍ରସିଦ୍ଧ ୪୭ତମ ଶୀତଳ ଷଷ୍ଠୀ ଯାତ୍ରା ମହୋତ୍ସବ ପାଇଁ ଗୁରୁବାର ବାଲୁଙ୍କେଶ୍ୱର ବାବା ମନ୍ଦିରରୁ ଦେବାଧିଦେବ ମହାଦେବ ଏବଂ ମାତା ଜଗତଜନନୀ ପାର୍ବତୀ ଦେବୀଙ୍କୁ ବରପିତା ଓ କନ୍ୟାପିତାଙ୍କ ବାସଭବନକୁ ନିଆଯାଇଛି। ଗୁରୁବାର ପୂର୍ବାହ୍ନ ୧୦ଟା ସମୟରେ ରୁଗୁଡ଼ିପଡା ବାସିନ୍ଦା କନ୍ୟା ପିତାମାତା ରାଧାରମଣ ବଗର୍ତ୍ତି ଓ ସୁଷମା ବଗର୍ତ୍ତିଙ୍କ ଗୃହକୁ ଦେବୀ ପାର୍ବତୀଙ୍କ ଗୃହ ପ୍ରବେଶ ହୋଇଥିଲା। ପରେ ରୁଗୁଡ଼ିପଡା ବାସିନ୍ଦା ବର ପିତାମାତା ପ୍ରଭାତ ପଟ୍ଟନାୟକ ଓ ଅଭୀପ୍‌ସା ବହିଦାରଙ୍କ ବାସଭବନକୁ ବାବା ବାଲୁଙ୍କେଶ୍ୱରଙ୍କ ଗୃହ ପ୍ରବେଶ ହୋଇଥିଲା। ଗୃହ ପ୍ରବେଶ ସମୟରେ ଶ୍ରଦ୍ଧାଳୁଙ୍କ ସହ ସାଗରପଡା ଶୀତଳ ଷଷ୍ଠୀ ପୂଜା କମିଟିର କର୍ମକର୍ତ୍ତା ଉପସ୍ଥିତ ଥିଲେ।

## ସଂକ୍ଷେପରେ

### ବିଦ୍ୟୁତ୍ କାଟ ଯୋଗୁ ବଲାଙ୍ଗୀର ସହର ଅନ୍ଧାର

**ବଲାଙ୍ଗୀର,୨୯।୫(ବୀରେନ୍ଦ୍ର କୁମାର ଝାଙ୍କର)**

ବଲାଙ୍ଗୀର ସହରରେ ଘନ ଘନ ବିଦ୍ୟୁତ୍ କାଟ ସାଧାରଣ ଘଟଣାରେ ପରିଣତ ହୋଇଛି। ସାମାନ୍ୟ ବର୍ଷା, ପବନ ହେଲେ ଲାଇନ ରହୁନାହିଁ । ଅଧିକାଂଶ ସମୟରେ ଅଘୋଷିତ ବିଦ୍ୟୁତ କାଟ ଯୋଗୁ ଉପଭୋକ୍ତାମାନେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଗୁରୁବାର ସନ୍ଧ୍ୟା ପ୍ରାୟ ୬ ଟାରୁ ରାତି ୧୦ ଟା ପର୍ଯ୍ୟନ୍ତ ବିଦ୍ୟୁତ୍ ଯୋଗାଣ ବ୍ୟାହତ ହୋଇଥିଲା । ଫଳରେ ବଲାଙ୍ଗୀର ସହର ଅନ୍ଧକାରଚ୍ଛନ୍ନ ହୋଇପଡିଥିଲା ।

### ମଦ ଜବତ: ଜଣେ ଗିରଫ

**ଲୋଇସିଂହା,୨୯।୫(ସୁଶାନ୍ତ ବାରିକ)**

ବଲାଙ୍ଗୀର ଜିଲା ଲୋଇସିଂହା ଥାନା ଅନ୍ତର୍ଗତ କେଉଁଟପାଲି ଗ୍ରାମରେ ପୋଲିସ ଚଢାଉ କରି ୩୩ଟି ମଦ ପାଉଚ ଜବତ କରିଥିବା ବେଳେ ଜଣକୁ ଗିରଫ କରାଯାଇଛି। ଗିରଫ ବ୍ୟକ୍ତି ଜଣକ ହେଲେ ବିପିନ ଧରୁଆ । ଜବତ ମଦ ପାଉଚ ପରିମାଣ ୬.୬ ଲିଟର ହେବ । ଏନେଇ ଲୋଇସିଂହା ଥାନା (ନଂ ୧୪୦।୨୫)ରେ ଓଡିଶା ଅବକାରୀ ଆଇନ ଦଫା(୫୨)(ଏ)ରେ ଏକ ମାମଲା ରୁଜୁ ହୋଇଛି । ପୋଲିସ ସୂଚନା ଅନୁଯାୟୀ, ଲୋଇସିଂହା ଥାନା ଅଧିକାରୀ ଯାଜ୍ଞସିନୀ ନାୟକଙ୍କ ନିର୍ଦ୍ଦେଶରେ ଏଏସଆଇ ସତ୍ୟବାନ ପଧାନଙ୍କ ନେତୃତ୍ୱରେ ଏକ ପୋଲିସ ଟିମ୍ ଥାନା ଅନ୍ତର୍ଗତ ବୁର୍ଡା, ଲୁହୁରାପାଲି, ଗୁର୍ଜିଭଟା ଓ କେଉଁଟପାଲି ଆଦି ଗ୍ରାମରେ ପାଟ୍ରୋଲିଂ କରୁଥିଲେ। ଉକ୍ତ ଟିମ୍ କେଉଁଟପାଲି ଗ୍ରାମର ବିପିନ ଧରୁଆ ଚିକେନ ସେଣ୍ଟରରେ ଯାଞ୍ଚ ବେଳେ ଏକ ଧଳା ରଙ୍ଗର ବ୍ୟାଗରେ ୩୩ଟି ମଦ ପାଉଚ ଥିବା ଦେଖିବାକୁ ପାଇ ଜବତ କରିଥିଲେ ।

### ଅସଦାଚରଣ,ଆକ୍ରମଣ ଅଭିଯୋଗ: ଜଣେ ଗିରଫ

**ଲୋଇସିଂହା,୨୯।୫(ସୁଶାନ୍ତ ବାରିକ)**

ସ୍ତ୍ରୀଙ୍କୁ ଅସଦାଚରଣ ଓ ପୁଅକୁ ମରଣାନ୍ତକ ଆକ୍ରମଣ କରାଯିବା ନେଇ ବଲାଙ୍ଗୀର ଜିଲା ଲୋଇସିଂହା ଥାନା ଅନ୍ତର୍ଗତ ଫାସଡ ଗ୍ରାମର ଶ୍ୟାମ ନାଏକ ଲୋଇସିଂହା ଥାନାରେ ଅଭିଯୋଗ କରିଛନ୍ତି । ଏହି ଘଟଣାରେ ଗୁରୁବାର ଗ୍ରାମର ମଣ୍ଟୁ ସ୍ୱାଇଁ (୩୧)ଙ୍କୁ ପୋଲିସ ଗିରଫ କରି କୋର୍ଟ ଚାଲାଣ କରିଛି । ଏନେଇ ଥାନାରେ ଏକ ମାମଲା ରୁଜୁ ହୋଇଛି। ଅଭିଯୋଗ ଅନୁଯାୟୀ, ବୁଧବାର ଶ୍ୟାମଙ୍କ ସ୍ତ୍ରୀ ଓ ପିଲା ଘରେ ଥିବା ବେଳେ ଗ୍ରାମର ମଣ୍ଟୁ ଓ ଅନ୍ୟ ଦୁଇ ଜଣ ଯୁବକ ଏକ ମୋଟର ସାଇକେଲରେ ଆସି ସ୍ତ୍ରୀ ଓ ପିଲାଙ୍କୁ ମାଡ ମାରିଥିଲେ । ଏଥିରେ ଶ୍ୟାମଙ୍କ ପୁଅ ଜ୍ୟୋତିରଞ୍ଜନଙ୍କ ମୁଣ୍ଡ ଓ ଡାହାଣ ହାତରେ ଆଘାତ ଲାଗିଛି । ଏପରିକି ସମ୍ପୃକ୍ତ ବ୍ୟକ୍ତିମାନେ ଶ୍ୟାମଙ୍କ ସ୍ତ୍ରୀଙ୍କ ଶାଢିକୁ ଟାଣି ଟଣାଓଟାରା କରିବାକୁ ପଛାଇ ନ ଥିବା ନେଇ ଅଭିଯୋଗରେ ଉଲ୍ଲେଖ ରହିଛି ।

# ୧୯୯ ଫେରାର ଅଭିଯୁକ୍ତଙ୍କ ପାଇଁ ଲଟ୍‌କା ଜାରି କଲା ପୋଲିସ



ବଲାଙ୍ଗୀର ସହର ମାଲପଡା ଛକରେ ଡେଙ୍ଗୁରା ପିଟି ପୋଲିସ ଲଟ୍‌କା ଲଗାଉଛି।

**ବଲାଙ୍ଗୀର,୨୯।୫(ବୀରେନ୍ଦ୍ର କୁମାର ଝାଙ୍କର)**

କୋର୍ଟର ସମନ୍ ଅବମାନନା କରିଥିବା ଫେରାର ଅଭିଯୁକ୍ତ (ୱାରେଣ୍ଟି)ମାନଙ୍କ ବିରୋଧରେ ବଲାଙ୍ଗୀର ଟାଉନ ଥାନା ପୋଲିସ ଗୁରୁବାର ଲଟ୍‌କା ଜାରି କରିଛି। ସହରର ବିଭିନ୍ନ ସ୍ଥାନରେ ଡେଙ୍ଗୁରା ପିଟି ପୋଲିସ ସେମାନଙ୍କ ବିରୋଧରେ ଲଟ୍‌କା ଜାରି କରିଛି। ସମନ ଅବମାନନାକାରୀଙ୍କ ନାମ, ପିତାଙ୍କ ନାମ, କୋର୍ଟର ନାମ ଉଲ୍ଲେଖ ରହିଥିବା ବେଳେ ଗିରଫଦାରି ୱାରେଣ୍ଟ ଲେଖାଥିବା ପୋଷ୍ଟରକୁ ପୋଲିସ ଅଠା ସାହାଯ୍ୟରେ ବିଭିନ୍ନ ସର୍ବସାଧାରଣ ସ୍ଥାନରେ ଲଗାଇଛନ୍ତି। ଡେଙ୍ଗୁରା ପିଟିବା ଦ୍ୱାରା ସହରର ବିଭିନ୍ନ ପଡାର ଲୋକେ ଏହି ଲଟ୍‌କା ଜାରି କରିବା ଦୃଶ୍ୟ ଦେଖି ଆଲୋଚନା କରିଥିଲେ। ବଲାଙ୍ଗୀର ସହରର ଟିକ୍ରାପଡା, ମାଲପଡା, ମାଲଗୋଦାମପଡା, ଉଦୟନଗର, ଇନ୍ଦିରାନଗର ସମେତ ବିଭିନ୍ନ ପଡାର ୧୯୯ ଜଣ ଫେରାର ଅଭିଯୁକ୍ତଙ୍କ ନାଁରେ ଏଭଳି ସମନ ଅବମାନନା ନୋଟିସ ଜାରି କରାଯାଇଥିବା ଏସଡିପିଓ ସରୋଜ ଉପାଧ୍ୟାୟ ଗଣମାଧ୍ୟମକୁ କହିଛନ୍ତି। ମାଲପଡାର ପିଣ୍ଟୁ ଓରଫ୍ ପ୍ରୀତମ ଶତପଥୀ, ଉଦୟନଗରର ହୀରାଲାଲ ଭୋଇ, ଟିକ୍ରାପଡାର ବଂଶୀ ଚାଉଁର, ମାଲପଡାର ଅନୀଲ ଦଳପତି ଓ ଅନ୍ୟମାନଙ୍କ ନାଁରେ ଲଟ୍‌କା ଜାରି କରାଯାଇଥିଲା। ଆଗାମୀ ତିନି ଦିନ ମଧ୍ୟରେ ଫେରାର ଅଭିଯୁକ୍ତମାନେ ଟାଉନ ଥାନା କିମ୍ବା ୱରେଣ୍ଟ ଜାରି କରିଥିବା କୋର୍ଟରେ ହାଜର ନହେଲେ ସେମାନଙ୍କ ଚଳନ୍ତି ଓ ଅଚଳନ୍ତି ସମ୍ପତ୍ତି ବ୍ୟାଜାପ୍ତିକରଣ ପ୍ରକ୍ରିୟା ଆରମ୍ଭ କରାଯିବ ବୋଲି ଡେଙ୍ଗୁରା ପିଟି ଘୋଷଣା କରାଯାଇଛି। ବଲାଙ୍ଗୀର ଟାଉନ ଥାନା ଆଇଆଇସି ଅବନୀ ସାହୁ, ଓପିଏସ୍ ପ୍ରୋବେସନର ସମର୍ଥ କୁମାର ବେହେରା ଓ ଅନ୍ୟମାନେ ଉପସ୍ଥିତ ଥିଲେ।

# ସାମ୍ବାଦିକ ସୁରକ୍ଷା ଆଇନ ପ୍ରଣୟନ ଦାବି

**ବଲାଙ୍ଗୀର,୨୯।୫(ବୀରେନ୍ଦ୍ର କୁମାର ଝାଙ୍କର)**

ରାଜ୍ୟରେ ଗଣମାଧ୍ୟମ ପ୍ରତିନିଧିଙ୍କ ଉପରେ ଆକ୍ରମଣ ଘଟଣା ବୃଦ୍ଧି ପାଉଥିବା ଏବଂ ପୁଇଁତଲା ବ୍ଲକରେ ଜଣେ ଗଣମାଧ୍ୟମ ପ୍ରତିନିଧିଙ୍କ ଉପରେ ଅମାନୁଷିକ ନିର୍ଯାତନା ଘଟଣାକୁ ନେଇ ବଲାଙ୍ଗୀର ଜିଲା ପେଶାଦାର ସାମ୍ବାଦିକ ସଂଘ ପକ୍ଷରୁ ଜିଲାପାଳଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କୁ ଦାବିପତ୍ର ଦିଆଯାଇଛି। ପୁଇଁତଲାରେ ଗଣମାଧ୍ୟମ ପ୍ରତିନିଧିଙ୍କୁ ଯେଭଳି ଆକ୍ରମଣ କରାଯାଇଛି ଏହା ସାରା ରାଜ୍ୟ ତଥା ଦେଶର ଗଣମାଧ୍ୟମ ପ୍ରତିନିଧିଙ୍କୁ ବିବ୍ରତ କରିଛି। ଏହାର ପ୍ରତିକାର ଓ ଗଣତନ୍ତ୍ରର ଚତୁର୍ଥ ସ୍ତମ୍ଭର ପ୍ରକୃତ ସୁରକ୍ଷା ପାଇଁ ରାଜ୍ୟରେ ତୁରନ୍ତ ସାମ୍ବାଦିକ ସୁରକ୍ଷା ଆଇନ ଲାଗୁ କରିବାକୁ ସଂଘ ପକ୍ଷରୁ ଦାବି କରାଯାଇଛି। ଏହି ଅବସରରେ ଜିଲା ପେଶାଦାର ସାମ୍ବାଦିକ ସଂଘ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ବୁଧବାର ଡେପୁଟି କଲେକ୍ଟର ପ୍ରମୋଦ କୁମାର ମହାପାତ୍ରଙ୍କୁ ଦାବିପତ୍ର ପ୍ରଦାନ କରାଯାଇଥିଲା। ମୁଖ୍ୟ ଅଭିଯୁକ୍ତଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ସହିତ ସାମ୍ବାଦିକ ସୁରକ୍ଷା ଆଇନ ପ୍ରଣୟନ କରିବାକୁ ଦାବିପତ୍ରରେ ଉଲ୍ଲେଖ କରାଯାଇଛି। ଉତ୍କଳ ସାମ୍ବାଦିକ ସଂଘ ରାଜ୍ୟ ସଭାପତି ବିଭୂତି ଭୂଷଣ କରଙ୍କ ଆହ୍ୱାନକ୍ରମେ ବଲାଙ୍ଗୀର ଜିଲା ପେଶାଦାର ସାମ୍ବାଦିକ ସଂଘ ପକ୍ଷରୁ ଏହି ଦାବିପତ୍ର ପ୍ରଦାନ କରାଯାଇଥିଲା। ଜିଲା ସଭାପତି ଅଶ୍ୱିନୀ କୁମାର ନାଏକଙ୍କ ନେତୃତ୍ୱରେ ସାଧାରଣ ସମ୍ପାଦକ ଶ୍ୟାମ ସୁନ୍ଦର ମେହେର, ବରିଷ୍ଠ ସଦସ୍ୟ ତଥା ପୂର୍ବ ସଭାପତି ସନ୍ଦୀପ କୁମାର କୁଅଁର, ବିମଳେନ୍ଦୁ ସାହୁ, ଶ୍ୟାମପ୍ରସାଦ ଗୁରୁ, ସୁବାସ ଚନ୍ଦ୍ର ମିଶ୍ର, ଅନ୍ତର୍ଯାମୀ ସାହୁ, ଦେବରାଜ ନାହାକ ଉପସ୍ଥିତ ଥିଲେ।

# ସରପଞ୍ଚଙ୍କ ବିରୋଧରେ ଅନାସ୍ଥା ନୋଟିସ

**ଟିଟିଲାଗଡ଼/ସଇଁତଲା୨୯।୫ (ଶରତ ମିଶ୍ର/ରାଖାଲ ପ୍ରସାଦ ଶତପଥୀ)**

ଟିଟିଲାଗଡ଼ ଉପଖଣ୍ଡ ଅନ୍ତର୍ଗତ ସଇଁତଲା ବ୍ଲକ ବୁଢାବାହାଲ ପଞ୍ଚାୟତର ସରପଞ୍ଚ ଲତା କୁମ୍ଭାରଙ୍କ ବିରୋଧରେ ନାଏବ ସରପଞ୍ଚଙ୍କ ସମେତ ୯ ଜଣ ୱାର୍ଡମେମ୍ବର ଅନାସ୍ଥା ପ୍ରସ୍ତାବ ନୋଟିସ ବୁଧବାର ଟିଟିଲାଗଡ଼ ଉପଜିଲାପାଳଙ୍କ କାର୍ଯ୍ୟାଳୟରେ ଦାଖଲ କରିଛନ୍ତି । ଗତ୧୦ ତାରିଖରେ ବୁଢାବାହାଲ ପଞ୍ଚାୟତ ଅନ୍ତର୍ଗତ ଡୁଙ୍ଗୁରିପାଲି ଗିରିଗୋବର୍ଦ୍ଧନ ପୀଠ ରେ ନାଏବ ସରପଞ୍ଚ ବିଜୟ ସେଲମାଙ୍କ ଅଧ୍ୟକ୍ଷତାରେ ଗ୍ରାମ ପଞ୍ଚାୟତର ସ୍ୱତନ୍ତ୍ର ବୈଠକ ବସି ସରପଞ୍ଚଙ୍କ କାର୍ଯ୍ୟକଳାପ ନେଇ ୱାର୍ଡ ମେମ୍ବର ଅସନ୍ତୋଷ ପ୍ରକାଶ କରିଥିଲେ । ସରପଞ୍ଚ ମନୋମୁଖୀ ଭାବରେ କାର୍ଯ୍ୟ କରୁଥିବା, ଗ୍ରୀଷ୍ମ ଋତୁରେ ଚହଲା ଖନନରେ ଦୁର୍ନୀତି, ଉନ୍ନୟନ କାର୍ଯ୍ୟରେ ଅବହେଳା ଆଦି ଅଭିଯୋଗ ହୋଇଛି। ଏନେଇ ପଞ୍ଚାୟତର ନାଏବ ସରପଞ୍ଚ ସେଲମା, ୱାର୍ଡମେମ୍ବର ବିଶ୍ୱମ୍ଭର ମାହାଡ଼ିକ, ତୁଳସୀ ସାହୁ, ପ୍ରକାଶ ଚନ୍ଦ୍ର ସାହୁ, ସମାରୀ ଗହୀର, ମୋହନ ସାହୁ, ବନିତା ଗହୀର, ମଦନ ବାଗ ପ୍ରମୁଖ ୯ ଜଣ ସଭ୍ୟାସଭ୍ୟ ଭାରପ୍ରାପ୍ତ ଉପଜିଲାପାଳ ସମୀର ବିଲୁଙ୍ଗଙ୍କୁ ଅନାସ୍ଥା ପ୍ରସ୍ତାବ ନୋଟିସ ଦେଇଛନ୍ତି। ପଞ୍ଚାୟତର ୧୨ ଜଣ ସଭ୍ୟାସଭ୍ୟଙ୍କ ମଧ୍ୟରୁ ୯ ଜଣଙ୍କର ସରପଞ୍ଚଙ୍କ ଉପରେ ଅନାସ୍ଥା ତୁଟିଥିବା ବେଳେ ତୁରନ୍ତ ଭୋଟ ଗ୍ରହଣ ସହ ସରପଞ୍ଚଙ୍କୁ ଅପସାରଣ ପାଇଁ ସେମାନେ ଦାବି କରିଛନ୍ତି।

# ବିକଶିତ କୃଷି ସଂକଳ୍ପ ଅଭିଯାନ ରଥର ଶୁଭାରମ୍ଭ

**ବଲାଙ୍ଗୀର,୨୯।୫(ବୀରେନ୍ଦ୍ର କୁମାର ଝାଙ୍କର)**



ବିକଶିତ କୃଷି ସଂକଳ୍ପ ଅଭିଯାନ ରଥର ଶୁଭାରମ୍ଭ କରାଯାଉଛି।

ବଲାଙ୍ଗୀର କୃଷି ବିଭାଗ ପକ୍ଷରୁ ଗୁରୁବାର ବିକଶିତ କୃଷି ସଂକଳ୍ପ ଅଭିଯାନ ରଥର ଶୁଭାରମ୍ଭ କରାଯାଇଛି। ଅତିରିକ୍ତ ଜିଲାପାଳ ଡ. ବିଜୟାନନ୍ଦ ସେଠୀ ସବୁଜ ପତାକା ଦେଖାଇ ଏହି ରଥର ଶୁଭାରମ୍ଭ କରିଥିଲେ। ଏହି ରଥ ଗୁରୁବାର ଠାରୁ ଆସନ୍ତା ଜୁନ ୧୨ ତାରିଖ ପର୍ଯ୍ୟନ୍ତ ଜିଲାର ତିନି ସବ୍‌ଡିଭିଜନ୍‌ର ବିଭିନ୍ନ ବ୍ଲକ, ଗ୍ରାମପଞ୍ଚାୟତ ଏବଂ ଗ୍ରାମାଞ୍ଚଳ ପରିକ୍ରମା କରି ଚାଷୀ ଓ ଜନସାଧାରଣଙ୍କୁ ସରକାରଙ୍କ ବିଭିନ୍ନ କୃଷକ ସମୃଦ୍ଧି କରଣ ଯୋଜନା, ସରକାରୀ ସହାୟତା, ବିଭିନ୍ନ କୃଷି ଯୋଜନା ସମ୍ପର୍କରେ ଅବଗତ କରିବେ ବୋଲି ଅତିରିକ୍ତ ଜିଲାପାଳ ଡ. ସେଠୀ କହିଥିଲେ। ଏହି କାର୍ଯ୍ୟକ୍ରମରେ ଜିଲା ମୁଖ୍ୟ କୃଷି ଅଧିକାରୀ ବାବୁଲି ଚରଣ ସେଠୀ, ଉଦ୍ୟାନ କୃଷି ନିର୍ଦ୍ଦେଶକ ସୁଦେଶ ଚୌଧୁରୀ, କୃଷି ବିଜ୍ଞାନ କେନ୍ଦ୍ର ମୁଖ୍ୟ ସତ୍ୟମୟ ଶତପଥୀ, ଡେପୁଟି କଲେକ୍ଟର ପ୍ରମୋଦ କୁମାର ମହାପାତ୍ର, କୃଷି ଅଧିକାରୀ ସୁଧାକର ନନ୍ଦ, ସୁନନ୍ଦା ସାହୁ ଓ ଅନ୍ୟମାନେ ଉପସ୍ଥିତ ଥିଲେ।

# କାର୍ଯ୍ୟରତ ସାମ୍ବାଦିକଙ୍କ ସୁରକ୍ଷା ଦାବିରେ ତହସିଲଦାରଙ୍କୁ ଦାବିପତ୍ର ପ୍ରଦାନ

**କଣ୍ଟାବାଞ୍ଜି,୨୯।୫(ଗୁରୁଦୟାଲ ହଂସ)**

ବଲାଙ୍ଗୀର ଜିଲା କଣ୍ଟାବାଞ୍ଜି ସାମ୍ବାଦିକ ସଂଘ ପକ୍ଷରୁ ଗୁରୁବାର ଦିନ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ସ୍ଥାନୀୟ ତହସିଲଦାର ବିଶ୍ୱନାଥ ଖାଲକୋଙ୍କ ଜରିଆରେ ପ୍ରଦାନ କରାଯାଇଛି । ବିଗତ ଦିନରେ ରାସ୍ତା ଦୁର୍ନୀତି ସମ୍ପର୍କିତ ଖବର ପରିବେଷଣକୁ ନେଇ ବଲାଙ୍ଗୀର ଜିଲାର ଗଣମାଧ୍ୟମ ପ୍ରତିନିଧି ବିଜୟ ପଧାନଙ୍କୁ କେତେଜଣ ଦୁର୍ବୃତ୍ତ ମରଣାନ୍ତକ ଆକ୍ରମଣ କରିଥିଲେ । ଏହି ଘଟଣାରେ ସମ୍ପୃକ୍ତ ଅଭିଯୁକ୍ତଙ୍କୁ ଗିରଫ କରାଯାଇଥିଲେ ସୁଦ୍ଧା ରାଜ୍ୟରେ କାର୍ଯ୍ୟରତ ସାମ୍ବାଦିକମାନେ ସୁରକ୍ଷିତ ନୁହନ୍ତି । ଫଳରେ ସାମ୍ବାଦିକ ସୁରକ୍ଷା ଆଇନ ପ୍ରଣୟନ ପାଇଁ ଏହି ଦାବିପତ୍ର ମୁଖ୍ୟମନ୍ତ୍ରୀଙ୍କୁ ପ୍ରଦାନ କରାଯାଇଛି। ଦାବିପତ୍ର ପ୍ରଦାନ ସମୟରେ ସଂଘର ସଦସ୍ୟ ଜୀବନାନନ୍ଦ ମହାନ୍ତି, ମୋହନ ସୋନି, ଶେଖ ସମିମ,କୃତିକର ବାଗ,କୈଳାଶ ସଗରିଆ,ବିନୋଦ ସିଂ ଓ ଗୁରୁଦୟାଲ ହଂସ ପ୍ରମୁଖ ସାମିଲ ଥିଲେ ।





ସାମ୍ବାଦିକ ସଂଘ ପକ୍ଷରୁ ତହସିଲଦାରଙ୍କୁ ଦାବିପତ୍ର ପ୍ରଦାନ କରାଯାଉଛି ।

# ସମ୍ପାଦକ ପଦବୀ ପୂରଣ ଦାବିରେ ଚାଷୀଙ୍କ ଧାରଣା

**ପାଟଣାଗଡ,୨୯।୫(ସଚ୍ଚିଦାନନ୍ଦ ମହାକୁର)**

ସ୍ଥାୟୀ ସମ୍ପାଦକ ପଦବୀ ପୂରଣ ଦାବି ନେଇ ବଲାଙ୍ଗୀର ଜିଲା ପାଟଣଗଡ ବ୍ଲକ ତମିଆଁ କୃଷି ସେବା ସମବାୟ ସମିତି ସମ୍ମୁଖରେ ଗୁରୁବାର ଚାଷୀ ଓ ପରିଚାଳନା କମିଟି ସଦସ୍ୟମାନେ ଧାରଣା ଦେଇଛନ୍ତି' ଏହି ପାକ୍ସର ସମ୍ପାଦକ ପଦବୀ ଖାଲି ପଡିଥିବାରୁ ଚାଷୀମାନେ ବିଭିନ୍ନ ସୁବିଧାରୁ ବଞ୍ଚିତ ହେବା ସହ ଅଫିସ କାମ ସମ୍ପୂର୍ଣ୍ଣ ଭାବେ ଠପ୍ ହୋଇପଡିଛି। ସେଥିପାଇଁ ଚାଷୀ ଓ ପରିଚାଳନା କମିଟିର ସଦସ୍ୟମାନେ ଏକତ୍ରିତ ହୋଇ ଚାଷୀ ଏକତା ଜିନ୍ଦାବାଦ, ତମିଆଁ ପାକ୍ସରେ ସ୍ଥାୟୀ ସମ୍ପାଦକ ନିଯୁକ୍ତି ଆମର ଦାବି ନାରା ଦେଇ ଧାରଣା ଦେଇଛନ୍ତି। ଦାବି ପୂରଣ ନ ହେବା ଯାଏ ଧାରଣା ଚାଲୁ ରହିବ ବୋଲି ଧାରଣାକାରୀମାନେ ଚେତାବନୀ ଦେଇଛନ୍ତି। ବର୍ତ୍ତମାନ ରବିଧାନ କିଣିବା ପାଇଁ ବ୍ଲକର ବିଭିନ୍ନ ସ୍ଥାନରେ ଗତ ୨୨ ତାରିଖରୁ ମଣ୍ଡିଗୁଡ଼ିକ ଆରମ୍ଭ ହୋଇଗଲାଣି। କିନ୍ତୁ ଉକ୍ତ ପାକ୍ସରେ ଦେଢମାସ ହେବ ଏହି ପଦବୀ ଖାଲି ପଡିରହିଛି। ଏପର୍ଯ୍ୟନ୍ତ ଏହି ପଦବୀ ପୂରଣ ହୋଇ ନ ଥିବାରୁ ଧାନକିଣା ପ୍ରକ୍ରିୟା ଆରମ୍ଭ ହୋଇନାହିଁ। ଏଥିପ୍ରତି ଚାଷୀ ମହଲରେ ଅସନ୍ତୋଷ ଦେଖାଦେଇଛି। ଏ ନେଇ ବିଭାଗୀୟ ଅଧିକାରୀଙ୍କ ନିକଟରେ ବାରମ୍ବାର ଅଭିଯୋଗ କଲେ ମଧ୍ୟ କୌଣସି ସୁଫଳ ମିଳିନାହିଁ। ସୂଚନା ଅନୁସାରେ ଦେଢମାସ ପୂର୍ବରୁ ଏହି ପାକ୍ସରେ କାର୍ଯ୍ୟରତ ଥିବା ସମ୍ପାଦକଙ୍କର ମୃତ୍ୟୁ ଘଟିଥିବା ବେଳେ ସେହି ଦିନଠାରୁ ଏହି ପଦବୀ ଖାଲି ପଡ଼ିରହିଛି। ଏଥିପ୍ରତି କାହାରି ଦୃଷ୍ଟି ପଡୁନାହିଁ। ଫଳରେ ଏହି ପାକ୍ସର କାମ ସବୁ ଠପ୍ ହୋଇ ପଡିରହିଛି ବୋଲି ଚାଷୀ ଓ ପରିଚାଳନା କମିଟିର ସଦସ୍ୟମାନେ ଅଭିଯୋଗ କରିଛନ୍ତି। ଏଥିପ୍ରତି ଜିଲା ପ୍ରଶାସନ ଦୃଷ୍ଟି ଦେଇ ସମସ୍ୟାର ସମାଧାନ କରିବାକୁ ସେମାନେ ଦାବି କରିଛନ୍ତି।



ସେବା ସମବାୟ ସମିତି ସମ୍ମୁଖରେ ଚାଷୀ ଓ ପରିଚାଳନା କମିଟି ସଦସ୍ୟ ଧାରଣାରେ ବସିଛନ୍ତି ।

**ଦାବି ପୂରଣ ନ ହେଲେ ଅନିର୍ଦ୍ଦିଷ୍ଟ କାଳ ଧାରଣା ଚେତାବନୀ**

## ସଂକ୍ଷେପରେ

### ଜଙ୍ଗଲରୁ ଚେତାଶୂନ୍ୟ ଅବସ୍ଥାରେ ନାବାଳିକା ଉଦ୍ଧାର

**ବୀରମହାରାଜପୁର/ଅମରପାଲି, ୨୯।୫ (ଯୁଗଳ କିଶୋର ମିଶ୍ର/ପୀତାମ୍ବର ସାହୁ)**

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ କେନ୍‌ଝିରିଆପାଲି ପଞ୍ଚାୟତ ବାଘରଟେଲା ଜଙ୍ଗଲରୁ ଗୁରୁବାର ଅପରାହ୍ନ ୨ଟାରେ ଜଣେ ନାବାଳିକାଙ୍କୁ ଚେତାଶୂନ୍ୟ ଅବସ୍ଥାରେ ଉଦ୍ଧାର କରାଯାଇଛି। ତାଙ୍କୁ ବୀରମହାରାଜପୁର ଉପଖଣ୍ଡ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ତାଙ୍କ ସ୍ୱାସ୍ଥ୍ୟବସ୍ଥା ସ୍ଥିର ରହିଛି। ବୀରମହାରାଜପୁର ଡାକ୍ତରଖାନାରେ ଭାରପ୍ରାପ୍ତ ଥାନା ଅଧିକାରୀ ଗଞ୍ଜୁ ଓରାମ ପ୍ରାଥମିକ ତଦନ୍ତ ପରେ ଘଟଣାସ୍ଥଳକୁ ଯାଇଥିଲେ। ପାଞ୍ଚ ଦିନ ପୂର୍ବରୁ ଜଣେ ଯୁବକ ସମ୍ପୃକ୍ତ ୧୭ବର୍ଷୀୟା ନାବାଳିକାଙ୍କୁ ନେଇ ଫେରାର ହୋଇଯାଇଥିଲେ। ଗୁରୁବାର ବାଘରଟେଲା ପାହାଡ଼ ପାଖରେ ଛାଡି ଦେଇ ଫେରାର ହୋଇଯାଇଥିବା ପ୍ରାଥମିକ ତଦନ୍ତରୁ ଜଣାପଡିଛି । ନାବାଳିକାଙ୍କ ବଡ଼ ଭଉଣୀ ବୀରମହାରାଜପୁର ଥାନାରେ ଏ ନେଇ ଲିଖିତ ଅଭିଯୋଗ କରିଛନ୍ତି। ଅଭିଯୋଗକୁ ଭିତ୍ତି କରି ଥାନାରେ ଏକ ମାମଲା (ନଂ.୧୨୭/୨୫)ରୁଜୁ ହୋଇଛି। ଅଧିକ ତଦନ୍ତ ଚାଲିଥିବା ଥାନା ଅଧିକାରୀ ଓରାମ କହିଛନ୍ତି।

ସୂଚନାଯୋଗ୍ୟ ଯେ, ସମ୍ପୃକ୍ତ ନାବାଳିକାଙ୍କ ବାପା ରୋଗାକ୍ରାନ୍ତ ହୋଇ ଶଯ୍ୟାଶାୟୀ ଥିବାବେଳେ ଦୁଇ ବଡ ଭଉଣୀ ବିବାହିତା। ଘରେ ନାବାଳିକା ନିଜ ରୋଗାକ୍ରାନ୍ତ ବାପା ଓ ମା'ଙ୍କ ସହିତ ରହନ୍ତି। ନାବାଳିକା ଜଣକ ନିଖୋଜ ପରେ ତାଙ୍କ ମା' ଗ୍ରାମବାସୀଙ୍କ ସହାୟତାରେ ଖୋଜାଖୋଜି କରିଥିଲେ ହେଁ ପାଇ ନ ଥିଲେ। ତେବେ ଗୁରୁବାର ବାଘରଟେଲା ଜଙ୍ଗଲ ନିକଟରେ ସେ ସଂଜ୍ଞାହୀନ ଅବସ୍ଥାରେ ପଡ଼ିଥିବା ଲୋକେ ଦେଖି ପୋଲିସକୁ ଖବର ଦେଇଥିଲେ। ପୋଲିସ ଏହାର ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି ହେଉଛି।

# କଳା ପ୍ରଦର୍ଶନ ପାଇଁ ସୁବର୍ଣ୍ଣପୁରରେ ନାହିଁ ପ୍ରେକ୍ଷାଳୟ

**ସୋନପୁର, ୨୯।୫ (ମୃତ୍ୟୁଞ୍ଜୟ ଶତପଥୀ)**

ସୁବର୍ଣ୍ଣପୁର ଜିଲା ହେଉଛି କଳା, ସଂସ୍କୃତିର ମାଟି। ଏଠାରେ ବାର ମାସରେ ତେର ପର୍ବ ପାଳନ ହୁଏ। ସବୁବେଳେ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ ସହିତ ନାଟକ ଓ ନୃତ୍ୟଗୀତ ପରିବେଷଣ ହୋଇଥାଏ। କିନ୍ତୁ ଜିଲା ସଦର ମହକୁମାରେ କଳା ପ୍ରଦର୍ଶନ ପାଇଁ ପ୍ରେକ୍ଷାଳୟ ନାହିଁ। ଜିଲାରେ ଲୀଳା ଦଣ୍ଡର ବହୁତ ସୁନାମ ରହିଛି। ଏହି ମାଟିରେ ଫକୀର ପଟ୍ଟନାୟକ, ଅଟଳ ବିହାରୀ ପଣ୍ଡା, ବୃନ୍ଦାବନ ନାଏକ ଓ ପୁରନ୍ଦର ବାରିକ ପ୍ରମୁଖ ବହୁ ସୁନାମଧନ୍ୟ କଳାର ସାଧକ ଜନ୍ମ ନେଇଥିଲେ। ମହାନଦୀ ସାହିତ୍ୟ ସଂସଦ, ପଏଁରୀ, ଭୀମଭୋଇ କଳା ପରିଷଦ, ନାଟ୍ୟଚକ୍ର, ତ୍ରେଣ୍ଡି, ନାଟ୍ ଓ ସୋନପୁର ନୃତ୍ୟ ସଙ୍ଗୀତ ମହାବିଦ୍ୟାଳୟ ଭଳି ଅନୁଷ୍ଠାନ ରହିଛି। ବିଭିନ୍ନ ସମୟରେ ଏହି ସବୁ ଅନୁଷ୍ଠାନ ଦ୍ୱାରା ଭୀମ ଭୋଇ କଳା ମଣ୍ଡପରେ ନାଚ, ଗୀତ, ନାଟକ ଆଦି ପରିବେଷଣ ହୋଇଥାଏ। ନୂତନ ବଷଷ୍ଟାଣ୍ଡ ନିର୍ମାଣ ପାଇଁ ତରବରିଆ ଭାବେ ଏହି କଳା ମଣ୍ଡପକୁ ପ୍ରାୟ ୨ ବର୍ଷ ପୂର୍ବରୁ ଭାଙ୍ଗି ଦିଆଯାଇଛି। କଳା ପ୍ରଦର୍ଶନ ପାଇଁ ଆଉ କୌଣସି ପ୍ରେକ୍ଷାଳୟ ନାହିଁ।

### ଟାଉନ ହଲ, ସଂସ୍କୃତି ଭବନରେ ନାହିଁ ସ୍ଥାୟୀ ଚୌକି



ଭୀମଭୋଇ କଳା ମଣ୍ଡପରେ ନାଟକ ପରିବେଷଣ ହେଉଛି(ଫାଇଲ ଫଟୋ)।

ଏଠାରେ ୮ କୋଟି ଟଙ୍କା ବ୍ୟୟରେ ନୂଆ ଟାଉନ ହଲ ନିର୍ମାଣ ହୋଇଛି। କିନ୍ତୁ କଳା ପ୍ରଦର୍ଶନ ପାଇଁ କୌଣସି ବ୍ୟବସ୍ଥା ନାହିଁ। ନୂଆ ଟାଉନ ହଲରେ କେବଳ ସଭା ସମିତି ଆୟୋଜନ ପାଇଁ ସୁବିଧା ଅଛି। ସେହିପରି କଳିଙ୍ଗନଗର ଠାରେ ଜିଲା ସଂସ୍କୃତି ଭବନ ନିର୍ମାଣ ହୋଇଛି। ତ୍ରୁଟିପୂର୍ଣ୍ଣ ନିର୍ମାଣ ଯୋଗୁ ସାଉଣ୍ଡ ବ୍ୟବସ୍ଥା ଠିକ୍ ନାହିଁ। ତେଣୁ ଶୃତି ମଧୁର ନହେଲେ ମଧ କେବଳ ସଭା ସମିତି ଆୟୋଜନ ହୋଇପାରୁଛି। ଏହି ଦୁଇ ସ୍ଥାନରେ ସ୍ଥାୟୀ ଭାବରେ ଚୌକି ବି ପଡିନାହିଁ। କୌଣସି ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ କଲେ ଚୌକି ଭଡାରେ ଆଣିବାକୁ ପଡୁଛି। ନୃତ୍ୟ ଗୀତ ବହୁ କଷ୍ଟରେ ଆୟୋଜନ ହୋଇ ଯାଉଥିବା ବେଳେ ନାଟକ ଆୟୋଜନ ପାଇଁ କୌଣସି ସୁବିଧା ନାହିଁ। ତେବେ ସବୁଠୁ ବଡ ସମସ୍ୟା ହେଲା ଟାଉନ ହଲରେ କଳା ପ୍ରଦର୍ଶନ ପାଇଁ ଗୋଟିଏ ଦିନର ଭଡା ହେଲା ୧୦ ହଜାର ଟଙ୍କା। ସୌଖୀନ କଳାକାରମାନଙ୍କ ପାଇଁ ଏତେ ଟଙ୍କା ଦେଇ କଳା ପ୍ରଦର୍ଶନ କରିବା କଷ୍ଟ ଦାୟକ। ଅନ୍ୟପକ୍ଷରେ ସଂସ୍କୃତି ଭବନରେ କୌଣସି ସୁବିଧା ନଥାଇ ବି ଦିନର ଭଡା ହେଉଛି ୪ହଜାର ଟଙ୍କା। ଏଭଳି ସ୍ଥିତିରେ ସହରର ସାଂସ୍କୃତିକ ଅନୁଷ୍ଠାନ ଗୁଡିକ କେଉଁ ଠାରେ କଳା ପ୍ରଦର୍ଶନ କରିବେ ତାହା ବଡ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏଥିପାଇଁ ନାଟ୍ ଅନୁଷ୍ଠାନ ପକ୍ଷରୁ ରାଷ୍ଟ୍ରୀୟ ନାଟ୍ ମେଳା ଆୟୋଜନ ହୋଇପାରୁନି। ପୂର୍ବରୁ ସହର ମଧ୍ୟ ଭାଗରେ ଥିବା ଭୀମଭୋଇ କଳାମଣ୍ଡପ ସୁବର୍ଣ୍ଣପୁର ସାଂସ୍କୃତିକ ଇତିହାସର ପ୍ରାଣକେନ୍ଦ୍ର ଥିଲା। ଏଠାରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ ବେଳେ ହଜାର ହଜାର ଦର୍ଶକ ବିଳମ୍ବିତ ରାତି ଯାଏ ଉପଭୋଗ କରୁଥିଲେ। କେତେ ନୂଆ କଳାକାରଙ୍କୁ ଏହି ମଣ୍ଡପ ତିଆରି କରିଥିଲା ତାର ହିସାବ ନାହିଁ। ଏହି ମଣ୍ଡପରେ ହଜାର ହଜାର ସାଂସ୍କୃତିକ ଉତ୍ସବ ଆୟୋଜନ ହୋଇଛି। ପଣ୍ଡିତ ରଘୁନାଥ ପାଣିଗ୍ରାହୀ, ପ୍ରଫୁଲ୍ଲ କର, ଫକରୀ ପଟ୍ଟନାୟକ, ଶାନ୍ତନୁ ମହାପାତ୍ର, ବିଭୂତି ପଟ୍ଟନାୟକ, ପଦ୍ମଶ୍ରୀ ଜିତେନ୍ଦ୍ର ହରିପାଲ ଓ ପଦ୍ମଶ୍ରୀ ଡ. ସାଧୁ ମେହେରଙ୍କ ଭଳି ବିଶିଷ୍ଟ କଳାକାର ଏଠାରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ମଣ୍ଡପକୁ ଭଙ୍ଗାଯିବା ପରେ ନାଟକ ଆଉ ଆୟୋଜନ ହୋଇପାରୁନି। ସଂସ୍କୃତି ଭବନ ପରିସରରେ ଏକ ପ୍ରେକ୍ଷାଳୟ ନିର୍ମାଣ ପାଇଁ ଜିଲାର ବୁଦ୍ଧିଜୀବୀଙ୍କ ପକ୍ଷରୁ ଦାବି ହୋଇଆସୁଛି। ମାତ୍ର ଏଥିପାଇଁ ସରକାରୀ ଅନୁଦାନ ମିଳିପାରୁନି। ଏମ୍‌ପି ଓ ବିଧାୟକ ଏଥିପ୍ରତି ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି।

# ରଥଯାତ୍ରା ପାଳନ ପାଇଁ ପ୍ରସ୍ତୁତି ବୈଠକ



ବୈଠକରେ ଉପସ୍ଥିତ ଲୋକ ପ୍ରତିନିଧି ଓ ଅଧିକାରୀ।

**ତରଭା, ୨୯।୫ (ମାନଭଞ୍ଜନ ମିଶ୍ର)**

ସୁବର୍ଣ୍ଣପୁର ଜିଲା ତରଭା ବିଜ୍ଞାପିତ ଅଞ୍ଚଳ ପରିଷଦ ସଭା ଗୃହରେ ବୁଧବାର ଉପାଧ୍ୟକ୍ଷ ଗଗନ ଅଗ୍ରୱାଲଙ୍କ ସଭାପତିତ୍ୱରେ ରଥଯାତ୍ରା ପାଳନ ସକାଶେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ନିର୍ବାହୀ ଅଧିକାରୀ ଲକ୍ଷ୍ମୀକାନ୍ତ ମଲ୍ଲିକ ଚଳିତବର୍ଷ ରଥଯାତ୍ରା କିପରି ସୁରୁଖୁରୁରେ ପାଳିତ ହେବ ସେ ବିଷୟରେ ଉପସ୍ଥିତ ଜନସାଧାରଣ ଓ କାଉନସିଲରମାନଙ୍କ ମତ ଲୋଡିଥିଲେ। ତରଭା ଶ୍ରୀ ଦଧିବାବନଙ୍କ ରଥଯାତ୍ରାର ସୁପରିଚାଳନା ସକାଶେ ବିଭିନ୍ନ କମିଟି ମାନ ଗଠନ କରଯାଇଥିଲା। ରଥ ପରିଚାଳନା କମିଟି ସଭାପତି ଭାବେ ରତନଲାଲ ଅଗ୍ରୱାଲ, ଉପସଭାପତି ମଧୁ ସୂଦନ ପାଣ୍ଡେ ସର୍ବସମ୍ମତିକ୍ରମେ ମନୋନୀତ ହୋଇଥିଲେ। ପୂଜା କମିଟି, ସାଂସ୍କୃତିକ କମିଟି ଗଠନ କରାଯାଇଥିଲା। ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ତରଭାର ସମସ୍ତ କ୍ଲବ ଓ ସ୍ୱେଚ୍ଛାସେବୀ ଅନୁଷ୍ଠାନମାନଙ୍କ ସହଯୋଗ କାମନା କରାଯାଇ କମିଟି ମାନ ଗଠନ କରାଯାଇଥିଲା। ରଥଟଣା ସନ୍ଧ୍ୟା ୫ଟାରେ ଆରମ୍ଭ କରିବାକୁ ଗୁରୁତ୍ୱାରୋପ କରାଯାଇଥିଲା। ରେଜିଷ୍ଟ୍ରିଭୁକ୍ତ ପଡ଼ା ମାନଙ୍କ ତରଫରୁ ପ୍ରଦାନ କରାଯାଉଥିବା ଛପନ ଭୋଗ ସାନ୍ଧ୍ୟା ୫ଟା ପୂର୍ବରୁ ସାରିବାକୁ ଅନୁରୋଧ କରାଯାଇଥିଲା। ରଥ ମରାମତି ପାଇଁ ଆବଶ୍ୟକ କାଠ ଓ ବିଭିନ୍ନ ଉପକରଣ ଶୀଘ୍ର ଆଣି ରଥ ପ୍ରସ୍ତୁତ କରିବା ଏବଂ ଦେବୋତ୍ତର ବିଭାଗରୁ ପ୍ରତିବର୍ଷ ଯେପରି ଅନୁଦାନ ଆସିବ ସେ ବିଷୟରେ ଚିଠି କରାଯିବା, ଶାନ୍ତି ଶୃଙ୍ଖଳା ରକ୍ଷା ପାଇଁ ସୋନପୁର ଆରକ୍ଷୀ ଅଧୀକ୍ଷକଙ୍କୁ ସାକ୍ଷାତ କରିବା, ରାତି ୧୦ଟାରେ ମୀନା ବଜାର ବନ୍ଦ କରାଯିବା, ରଥଯାତ୍ରା ସମୟରେ ପ୍ରତ୍ୟେକ ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ କରାଯିବା ସମ୍ବନ୍ଧେ ଆଲୋଚନା ପରେ ପ୍ରସ୍ତାବ ଗ୍ରହଣ କରାଯାଇଥିଲା। ବୈଠକରେ ଅତିରିକ୍ତ ତହସିଲଦାର ଦୀପ୍ତିମୟୀ ଭୁଏ, ଆଇଆଇସି ଅନିତା କିଡୋ, ଅଗ୍ନିଶମ ଅଧିକାରୀ ଅନୀଲ ମିଶ୍ର, ବ୍ଲକ କୋଷାଧ୍ୟକ୍ଷ ଲକ୍ଷ୍ୟବ୍ରତ ନାଏକ, କାଉନସିଲର ଆକବର ଅଲ୍ଲୀ, ସନ୍ତୋଷ ମେହେର, ବିଦ୍ୟାଧର ଦେହେରୀ, ସୁଜାତା ରଥଙ୍କ ସମେତ ସତ୍ୟ ନାରାୟଣ ପୂଜାହାରୀ, ମାନସ ସାହୁ, କିରଣ ନାଏକ, ସୁରେନ୍ଦ୍ର ଦଳବେହେର ଓ ଗଣମାଧ୍ୟମ ପ୍ରତିନିଧି ଉପସ୍ଥିତ ଥିଲେ। କିରାଣୀ ବିଶ୍ୱ ରଞ୍ଜନ ମିଶ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ବିକଶିତ କୃଷି ସଂକଳ୍ପ ଅଭିଯାନ



କାର୍ଯ୍ୟକ୍ରମରେ ଉପସ୍ଥିତ ବୈଜ୍ଞାନିକ ଓ କୃଷି ଅଧିକାରୀ।

**ସୋନପୁର, ୨୯।୫ (ମୃତ୍ୟୁଞ୍ଜୟ ଶତପଥୀ)**

ସୁବର୍ଣ୍ଣପୁର ଜିଲା ଉଲୁଣ୍ଡା ବ୍ଲକ ବିଶିପଡା ପଞ୍ଚାୟତ ସଭାଗୃହରେ ବିକଶିତ କୃଷି ସଂକଳ୍ପ ଅଭିଯାନ କାର୍ଯ୍ୟକ୍ରମ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଟିମ ଲିଡର ତଥା କୁକୁଡ଼ା ଗବେଷଣା କେନ୍ଦ୍ରର ପ୍ରଧାନ ବୈଜ୍ଞାନିକ ଡ ଧୀରେନ୍ଦ୍ର କୁମାର, ବୈଜ୍ଞାନିକ ଡ଼ ପି କେ ମେହେର, ସୋନପୁର କୃଷି ବିଜ୍ଞାନ କେନ୍ଦ୍ରର ମୁଖ୍ୟ ତଥା ବରିଷ୍ଠ ବୈଜ୍ଞାନିକ ଡ଼ ବିଶ୍ୱରଞ୍ଜନ ପଟ୍ଟନାୟକ, ବୈଜ୍ଞାନିକ ତ୍ରିନାଥ ଖଣ୍ଡାୟତ ରାୟ, ମୁଖ୍ୟ ଜିଲା କୃଷି ଅଧିକାରୀ ରୁଦ୍ରଦେବ ରାଉତ ଓ ବୀରମହାରାଜପୁର କୃଷି ଜିଲା ଅଧିକାରୀ ଧୀରେନ୍ଦ୍ର ସିଂ ବରିହା ଅତିଥିଭାବେ ଯୋଗ ଦେଇଥିଲେ। ଚାଷୀଙ୍କୁ ନୂତନ ପ୍ରଯୁକ୍ତି ବିଦ୍ୟା ଓ ସରକାରୀ ଯୋଜନା ସମ୍ବନ୍ଧୀୟ ସୂଚନା ପ୍ରଦାନ କରାଯାଇଥିଲା। ସମୃଦ୍ଧ କୃଷକ ଯୋଜନା, ସିଏମ କିସାନ, କୃଷି ବିଦ୍ୟା ନିଧି ଯୋଜନା, ଶ୍ରୀଅନ୍ନ ଓ ମୁଖ୍ୟମନ୍ତ୍ରୀ କୃଷି ଉଦ୍ୟୋଗ ଆଦି ବିଭିନ୍ନ ଯୋଜନା ବିଷୟରେ ବୁଝାଇବା ସହ ଚାଷୀମାନଙ୍କ ଆୟକୁ ଦ୍ୱିଗୁଣିତ କରିବା ପାଇଁ ଚାଷର ବିଭିନ୍ନ ପଦ୍ଧତି ତଥା ପ୍ରଣାଳୀ ବିଷୟରେ ଚାଷୀମାନଙ୍କ ସହିତ ଆଲୋଚନା ହୋଇଥିଲା । ଅନ୍ୟ ମାନଙ୍କ ମଧ୍ୟରେ ଉଲୁଣ୍ଡା ବ୍ଲକ କୃଷି ଅଧିକାରୀ ରଶ୍ମି ରଞ୍ଜନ ଟପ୍ପୋ, ସହକାରୀ ଉଦ୍ୟାନ ଅଧିକାରିଣୀ ବିନ୍ଦୁଲତା ମାଝୀ, ଉଲୁଣ୍ଡା ଏଏଓ ଶୁଭଲକ୍ଷ୍ମୀ ସାହୁ, ସୌମ୍ୟ ରଞ୍ଜନ ପଧାନ ଓ ସରପଞ୍ଚ ଦୈତାରୀ ବେହେରା ଉପସ୍ଥିତ ଥିଲେ । ଗ୍ରାମ କୃଷି ଅଧିକାରୀ ଯଶୋବନ୍ତି ସାହୁ, ଦିପ୍ତିମୟୀ ମାଝୀ ଓ କୃଷି ଅଧିକାରୀ ଇନ୍ଦ୍ର ନାଏକ ପ୍ରମୁଖ ସହଯୋଗ କରିଥିଲେ। ଏହି ଅବସରରେ ଶତାଧିକ ଚାଷୀ ଉପସ୍ଥିତ ଥିଲେ।

### ଗଞ୍ଜେଇ ଜବତ, ୨ ଗିରଫ

**ପଲସାଗୋରା, ୨୯।୫ (ଅଶ୍ୱିନୀ କୁମାର ନନ୍ଦ)**

ଗଞ୍ଜେଇ ଚାଲାଣ ଅଭିଯୋଗରେ କନ୍ଧମାଳ ପୋଲିସ ଲମସରୀ ପଞ୍ଚାୟତ ଅନ୍ତର୍ଗତ କୁଲିହାପାଲି ଛକ ନିକଟରେ ଗୁରୁବାର ଚଢ଼ାଉ କରି ୨ଜଣଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ହେଲେ ମନମୁଣ୍ଡା ଥାନା ଖଳିଆ ମୁଣ୍ଡାର ଗୋପୀନାଥ କର୍ଣ୍ଣ(୪୦) ଓ ମହୁଲବାହାଲି ଗ୍ରାମର ଶାନ୍ତନୁ କଲତା(୩୬)। ସେମାନଙ୍କଠାରୁ ୩୨ କେଜି ଗଞ୍ଜେଇ ଓ ଏକ ମୋବାଇଲ ଜବତ କରାଯାଇଛି। ସୂଚନା ଅନୁସାରେ, ବିଶ୍ୱସ୍ତ ସୂତ୍ରରୁ ଖବର ପାଇ କନ୍ଧମାଳ ପୋଲିସ କୁଲିହାପାଲି ଛକ ନିକଟରେ ଏକ ଗାଡି (ନଂ.ଓଡି ୦୩ଏଲ/୭୧୭୮)କୁ ଯାଞ୍ଚ କଲା ବେଳେ ସେଥିରୁ ଉକ୍ତ ଗଞ୍ଜେଇ ମିଳିଥିଲା। ଏ ନେଇ କନ୍ଧମାଳ ଥାନାରେ ଏକ ମାମଲା (ନଂ.୧୨୦/୨୫) ରୁଜୁ କରି ଉଭୟଙ୍କୁ କୋର୍ଟଚାଲାଣ କରାଯାଇଥିବା ଥାନାଧିକାରୀ ଭାବାନନ୍ଦ ପ୍ରଧାନ ସୂଚନା ଦେଇଛନ୍ତି।

# ତାଲାଭାଙ୍ଗି ଘରୁ ଲୁଟିନେଲେ

**ବିନିକା, ୨୯।୫ (ରାମ ଗୋପାଳ ବାଘ)**

ସୁବର୍ଣ୍ଣପୁର ଜିଲା ବିନିକା ସହରାଞ୍ଚଳ ୱାର୍ଡ ନଂ ୫ ଗଉଡ଼ ପଡ଼ାଠାରେ ବୁଧବାର ବିଳମ୍ବିତ ରାତିରେ ଘରେ କେହି ନଥିବା ସୁଯୋଗ ନେଇ ଜଣେ ବ୍ୟକ୍ତିଙ୍କ ଘରୁ ଚୋରି ହୋଇଛି। ଚୋରିର ଶିକାର ହୋଇଛନ୍ତି ଲକ୍ଷ୍ମୀନାରାୟଣ ପଳିଆ। ଘର ତାଲା ତାଡି ଚୋର କଂସା ବାସନ ସାମଗ୍ରୀ, ଟିଭି ଚୋରି କରିବା ସହିତ ଅନ୍ୟାନ୍ୟ ସାମଗ୍ରୀ ଫିଙ୍ଗାଫୋପଡା କରି ପଳାଇ ଯାଇଛନ୍ତି ଦୁର୍ବୃତ୍ତ। ଖବର ପାଇ ଘଟଣାସ୍ଥଳରେ ବିନିକା ପୋଲିସ ପହଞ୍ଚି ଅନୁସନ୍ଧାନ ଚଳାଇଥିଲା। ସୋନପୁରରୁ ଡଗସ୍କ୍ୱାଡ ଆସି ଛାନଭିନ କରିଛନ୍ତି।

## ଅବସରପ୍ରାପ୍ତ ପ୍ରଧାନଶିକ୍ଷକଙ୍କ ପରଲୋକ

**ବୀରମହାରାଜପୁର, ୨୯।୫ (ଯୁଗଳ କିଶୋର ମିଶ୍ର)**

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ମେଣ୍ଡାମାଳ ଗ୍ରାମର ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ସୁରେଶ ପ୍ରସାଦ ନନ୍ଦଙ୍କ ବୁଧବାର ରାତି ୩ଟାରେ ଜବଲପୁରରୁ ରାୟପୁର ବାଟରେ ପରଲୋକ ଘଟିଛି। ମୃତ୍ୟୁବେଳକୁ ତାଙ୍କୁ ୭୦ ବର୍ଷ ହୋଇଥିଲା। ସ୍ୱର୍ଗତ ନନ୍ଦ ତାଙ୍କ ସାନପୁଅ କୋରାପୁଟ କୋଟପାଡ ଜେଏମ୍‌ଏଫ୍‌ସି ତ୍ରିଜିବ ନନ୍ଦଙ୍କ ପାଖରେ ରହୁଥିଲେ। ଦୁଇଦିନ ତଳେ ସେ ଅସୁସ୍ଥ ହେବାରୁ ତାଙ୍କୁ ଛତିଶଗଡ଼ ଜବଲପୁରରେ ଭର୍ତ୍ତି କରାଯାଇଥିଲା। ସେଠାରେ ତାଙ୍କ ସ୍ୱାସ୍ଥ୍ୟବସ୍ଥା ଅବନତି ହେବାରୁ ରାୟପୁର ନେଉଥିବା ବେଳେ ବାଟରେ ପରଲୋକ ଘଟିଥିଲା।



ସୁରେଶ ପ୍ରସାଦ ନନ୍ଦ।

ଗୁରୁବାର ସ୍ୱର୍ଗତ ନନ୍ଦଙ୍କ ମରଶରୀର ନିଜ ଗ୍ରାମ ମେଣ୍ଡାମାଳ ଅଣାଯାଇଥିଲା। ମେଣ୍ଡାମାଳରେ ସ୍ୱର୍ଗତ ନନ୍ଦଙ୍କ ଧର୍ମପତ୍ନୀ ଜ୍ୟୋସ୍ନାମୟୀ ନନ୍ଦ, ଜ୍ୟେଷ୍ଠପୁତ୍ର ବ୍ୟାଙ୍କ ଅଫିସର ସଞ୍ଜିବ କୁମାର ନନ୍ଦ, ପୁତ୍ରବଧୂ ବ୍ୟାଙ୍କ ଅଫିସର ଶ୍ୱେତା ନନ୍ଦ, ମଧ୍ୟମପୁତ୍ର ବ୍ୟାଙ୍କ ଅଫିସର ରାଜୀବ ନନ୍ଦ, ପୁତ୍ରବଧୂ ଆରାଧନା, ପୁତୁରା ଜେଏମଏଫସି ଅବିନାଶ ନନ୍ଦ, କନିଷ୍ଠ ପୁତ୍ର ଜେଏମଏଫସି ତ୍ରିଜିବ କୁମାର ନନ୍ଦ, ପୁତ୍ରବଧୂ ଜେଏମଏଫସି ସ୍ୱସ୍ତିକା ପଣ୍ଡା, ଦୁଇଭାଇ ସନ୍ତୋଷ, ସୁଧାଂଶୁ, ପୁତୁରା ଶିକ୍ଷକ ବିପିନ ବିହାରୀ ନନ୍ଦ, ମାଗୁଣି ନନ୍ଦ ଓ ନାତି ନାତୁଣୀ ଉପସ୍ଥିତ ଥିଲେ। ସ୍ୱର୍ଗତ ନନ୍ଦଙ୍କ ଅନ୍ତିମ ସଂସ୍କାର ହରିହର ଯୋର୍ ସ୍ୱର୍ଗ ଦ୍ୱାରଠାରେ ସମ୍ପନ୍ନ ହୋଇଥିଲା। ଜ୍ୟେଷ୍ଠପୁତ୍ର ସଞ୍ଜିବ କୁମାର ନନ୍ଦ ମୁଖାଗ୍ନି ଦେଇଥିଲେ। ସ୍ୱର୍ଗତ ନନ୍ଦ ୨୦୧୩ରୁ ଅବସର ଗ୍ରହଣ କରିଥିଲେ। କିଛି ଦିନ ହେବ ସେ ଅସୁସ୍ଥ ଥିଲେ। ବୀରମହାରାଜପୁର ଅଞ୍ଚଳରେ ଜଣେ ଆଦର୍ଶ ଶିକ୍ଷକ ଭାବେ ପରିଚିତ ଥିଲେ। ତାଙ୍କ ବିୟୋଗରେ ବୀରମହାରାଜପୁର ମିଳିତ ଶିକ୍ଷକ ସଂଘ ସଭାପତି ଯୁଗଳ କିଶୋର ମିଶ୍ର, ସମ୍ପାଦକ ମେଘନାଦ ଭୋଇ, ସହସମ୍ପାଦକ ରାସବିହାରୀ ମେହେରଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ବିଶେଷ ଶୋକବ୍ୟକ୍ତ କରିଛନ୍ତି।

## ଦେବୋତ୍ତର ବିଭାଗ ଅଧୀନ ମନ୍ଦିର ସମୀକ୍ଷା ବୈଠକ

**ବୌଦ୍ଧ, ୨୯।୫ (ଅଜିତ କୁମାର ବାରିକ)**

ବୌଦ୍ଧ ଜିଲାପାଳଙ୍କ କାର୍ଯ୍ୟାଳୟରେ ଗୁରୁବାର ଉପଜିଲାପାଳ ପ୍ରବୀଣ କୁମାର ବାଣୁଆଙ୍କ ଅଧ୍ୟକ୍ଷତାରେ ଜିଲାରେ ଦେବୋତ୍ତର ବିଭାଗ ଅଧୀନରେ ଥିବା ମନ୍ଦିରଗୁଡିକର ପରିଚାଳନା ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଥିଲା। ଜିଲାରେ ଭାରତ ସରକାରଙ୍କ ପ୍ରତ୍ନତତ୍ତ୍ୱ ବିଭାଗ ଅଧୀନରେ ଥିବା ୨ଟି ମନ୍ଦିର ଓ ଦେବୋତ୍ତର ବିଭାଗ ଅଧୀନରେ ଥିବା ୧୩ଟି ମନ୍ଦିରକୁ ନେଇ ଏହି ବୈଠକ ହୋଇଥିଲା। ମନ୍ଦିର ପରିଚାଳନା ସମ୍ବନ୍ଧୀୟ ଆୟବ୍ୟୟ ଓ ସମସ୍ୟା ବିଷୟରେ ଆଲୋଚନା କରାଯାଇଥିଲା। ୫ ମନ୍ଦିରର ଆୟବ୍ୟୟ ୩ଦିନ ମଧ୍ୟରେ ଦେବାକୁ କୁହାଯାଇଥିବା ବେଳେ କିଛି ମନ୍ଦିର କମିଟି ଗଠନର ସମୟସୀମା ପୂର୍ଣ୍ଣ ହୋଇଥିବା ବେଳେ ନୂତନ କମିଟି ଗଠନ କରିବାକୁ ପ୍ରସ୍ତାବ ଦିଆଯାଇଥିଲା। ମନ୍ଦିରଗୁଡିକର ରକ୍ଷଣାବେକ୍ଷଣା ଓ ମରାମତି ପାଇଁ ବୈଠକରେ ପ୍ରସ୍ତାବ ଗୃହୀତ କରି ୨ଲକ୍ଷ ଟଙ୍କା ଭିତରେ ପ୍ରସ୍ତାବ ଦେଲେ ଅନୁଦାନ ବ୍ୟବସ୍ଥା କରାଯିବ ବୋଲି ମତପ୍ରକାଶ ପାଇଥିଲା। ଏଥିସହ ମନ୍ଦିରର ସ୍ଥାବର ଓ ଅସ୍ଥାବର ସମ୍ପତ୍ତି ତାଲିକାଭୁକ୍ତ କରି ରଖିବାକୁ ଉପଜିଲାପାଳ ବାଣୁଆ ପରାମର୍ଶ ଦେଇଥିଲେ।

### ମନମୁଣ୍ଡା ମାର୍କେଟ ୟାର୍ଡରେ ରବି ଧାନକିଣା ଆରମ୍ଭ

**କନ୍ଧମାଳ, ୨୯।୫ (ଆଦିତେଶ୍ୱର ମିଶ୍ର)**

ବୌଦ୍ଧ ଜିଲା କନ୍ଧମାଳ ବ୍ଲକ ମନମୁଣ୍ଡା ନିୟନ୍ତ୍ରିତ ବଜାର କମିଟି ପ୍ରାଙ୍ଗଣରେ ବୁଧବାର ପୂର୍ବାହ୍ନ ୧୧ଟାରେ ରବି ଧାନକ୍ରୟର ଶୁଭାରମ୍ଭ ହୋଇଛି। କନ୍ଧମାଳ ବିଧାୟକ କହ୍ନେଇ ଚରଣ ଡାଙ୍ଗ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହାର ଶୁଭାରମ୍ଭ କରିଥିଲେ। ବୌଦ୍ଧ ଜିଲାପାଳ ସୁବ୍ରତ କୁମାର ପଣ୍ଡା, ଅତିରିକ୍ତ ଜିଲାପାଳ ଅନିରୁଦ୍ଧ ପ୍ରଧାନ, ଉପ ଜିଲାପାଳ ପ୍ରବୀଣ କୁମାର ବାଣୁଆ, ସମବାୟ ସମିତି ସମୂହର ଉପ ନିବନ୍ଧକ ହାଡ଼ିବନ୍ଧୁ ମହାକୁଡ, ଜିଲା ଯୋଗାଣ ନିରୀକ୍ଷକ ଶ୍ରୀନାଥ ହାଁସଦା, ମନମୁଣ୍ଡା ପାକ୍ସ ସଭାପତି ଗିରିଜା ପ୍ରସାଦ ଦାନୀ ପ୍ରମୁଖ ସମ୍ମାନିତ ଅତିଥି ଭାବେ ମଞ୍ଚାସୀନ ଥିଲେ। ପାରମ୍ପରିକ ପୂଜାର୍ଚ୍ଚନା କରାଯାଇ ଧାନକ୍ରୟ ହୋଇଥିଲା। ଏହି ଅବସରରେ କୃଷକମାନଙ୍କୁ ନେଇ ଅନୁଷ୍ଠିତ ସଭାରେ ଧାନବିକ୍ରି ପାଇଁ ଥିବା ନୀତି ନିୟମ ସମ୍ପର୍କରେ ଚାଷୀମାନଙ୍କୁ ସଚେତନ କରାଯାଇଥିଲା। ମନମୁଣ୍ଡା ପାକ୍ସ ସମ୍ପାଦକ ମୃତ୍ୟୁଞ୍ଜୟ ହୋତା ସହଯୋଗ କରିଥିଲେ।

# ଠିକିକାଯୋର ରଥ ମହୋତ୍ସବ ପ୍ରସ୍ତୁତି ବୈଠକ



ରଥଯାତ୍ରା ପ୍ରସ୍ତୁତି ବୈଠକରେ ଉପସ୍ଥିତ ଅଧିକାରୀଗଣ।

**ହରଭଙ୍ଗା, ୨୯।୫ (ନରେନ୍ଦ୍ର କୁମାର ସାହୁ)**

ବୌଦ୍ଧ ଜିଲା ହରଭଙ୍ଗା ବ୍ଲକ ସଦର ମହକୁମା ଚାରିଛକସ୍ଥିତ ଠିକିକାଯୋଗର ଶ୍ରୀ ଜଗନ୍ନାଥଙ୍କ ରଥଯାତ୍ରା ପାଇଁ ପ୍ରସ୍ତୁତି ବୈଠକ ବ୍ଲକ ସଭା ଗୃହରେ ବୁଧବାର ଅନୁଷ୍ଠିତ ହୋଇଯାଇଛି। ପୂର୍ବତନ ପଞ୍ଚାୟତ ସମିତି ଅଧ୍ୟକ୍ଷ ସୁଶାନ୍ତ କୁମାର ପ୍ରଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ହରଭଙ୍ଗା ବ୍ଲକ ଉପାଧ୍ୟକ୍ଷ କାହ୍ନୁ ଚରଣ ନାଥ, ତହସିଲଦାର ତଥା ଦେବୋତ୍ତର ଅଧିକାରୀ ବଳଦେବ ବେହେରା, ବିଡିଓ ଶରତ କୁମାର ସେଠି ମଞ୍ଚାସୀନ ଥିଲେ। ମନ୍ଦିର କମିଟି ସମ୍ପାଦକ ବାମଦେବ ଦାସ ପୂର୍ବ ବୈଠକର ବିବରଣୀ ପାଠ କରିଥିଲେ। ବୈଠକରେ ରଥ ନିର୍ମାଣ ଓ ରଥଯାତ୍ରା ପାଣ୍ଠି ସଂଗ୍ରହ ନେଇ ଆଲୋଚନା ହେବା ସହ ଯାତ୍ରାକୁ ଅଧିକ ସୁନ୍ଦର କରିବା ପାଇଁ ମିନା ବଜାର, ସାଂସ୍କୃତିକ କାର୍ଯ୍ୟକ୍ରମ ସହ ପୁରୀ ଭୋଗ କରିବା ନେଇ ଆଲୋଚନା ହୋଇଥିଲା। ପୁରୁଣାକଟକ ଥାନାଧିକାରୀ ଅରୁଣ କୁମାର ସିଂ, ଚିତ୍ତ ରଞ୍ଜନ ମଲିକ, କାର୍ଯ୍ୟକାରୀ ସଭାପତି କୃଷ୍ଣଚନ୍ଦ୍ର ମଲିକ, ଜନକ ପାତ୍ର, ସୁବାସ ଚନ୍ଦ୍ର ପ୍ରଧାନ, ଶୁଭଶ୍ରୀ ପାତ୍ର, ବେଦବର ପ୍ରଧାନ, ବିପୁଲ ବିଶ୍ୱାସ, ପୂର୍ଣ୍ଣଚନ୍ଦ୍ର ମହାରଣା ପ୍ରମୁଖ ଉପସ୍ଥିତ ଥିଲେ।

## ମା' ଆଦିଶକ୍ତିଙ୍କ ବାର୍ଷିକୋତ୍ସବ ପାଳିତ

**ବଘିଆପଡା, ୨୯।୫ (ଶ୍ରୀକାନ୍ତ ସାହୁ)**

ବୌଦ୍ଧ ବ୍ଲକ ଅଧୀନ ବଘିଆପଡା ଗ୍ରାମପଞ୍ଚାୟତର ଆମଠାପଡା ଲଉରିଆ ସାହିଠାରେ ଥିବା ମା' ଆଦିଶକ୍ତିଙ୍କ ବାର୍ଷିକୋତ୍ସବ ଗୁରୁବାର ପାଳିତ ହୋଇଯାଇଛି। ଏହି ଉପଲକ୍ଷେ ଶ୍ରଦ୍ଧାଳୁମାନେ ବଘିଆପଡ଼ା ଶିବ ମନ୍ଦିରରୁ ବିଶାଳ କଳସ ଶୋଭାଯାତ୍ରାରେ ଆସି ଆଦିଶକ୍ତି ପୀଠରେ ପହଞ୍ଚିଥିଲେ। ଏହାପରେ ବୌଦ୍ଧ ଜିଲା ଧାର୍ମିକ ସାଂସ୍କୃତିକ ସେବା ମହାସଂଘର ଜିଲା ସମ୍ପାଦକ ଅରୁଣ କୁମାର ମେଣ୍ଡିଲିଙ୍କ ତତ୍ତ୍ୱାବଧାନରେ କୃଷ୍ଣଗୁରୁ ସମାବେଶ ଅନୁଷ୍ଠିତ ହୋଇଥିଲା। ସେହିପରି ଗାୟତ୍ରୀ ପରିବାର ତରଫରୁ ପଞ୍ଚକୁଣ୍ଡୀୟ ମହାଯଜ୍ଞ ଅନୁଷ୍ଠିତ ହୋଇଥିଲା। ପୀଠର ପୂଜକ ଜୟଶ୍ୱର ପାତ୍ର ପୂଜା କାର୍ଯ୍ୟ କରିଥିବା ବେଳେ ମା' ଆଦିଶକ୍ତି ପୀଠ କମିଟି ସହଯୋଗ କରିଥିଲା।



ଶ୍ରଦ୍ଧାଳୁମାନେ କଳସ ଶୋଭାଯାତ୍ରାରେ ଯାଉଛନ୍ତି।

# ଟାଏକୋଣ୍ଡୋ ଆସୋସିଏଶନର ବେଲ୍ଟ ପ୍ରମୋଶନ ଟେଷ୍ଟ

**ବୌଦ୍ଧ, ୨୯।୫ (ଅଜିତ କୁମାର ବାରିକ)**

ବୌଦ୍ଧ ଜିଲା ଟାଏକୋଣ୍ଡା ଆସୋସିଏଶନ ପକ୍ଷରୁ ସ୍ଥାନୀୟ ଟାଉନହଲଠାରେ ଗୁରୁବାର ପଞ୍ଚମ ଟାଏକୋଣ୍ଡୋ ଚାମ୍ପିୟନଶିପ୍, ଦଶମ କଲର ବେଲ୍ଟ ଓ ତୃତୀୟ ବ୍ଲାକ ବେଲ୍ଟ ପ୍ରମୋଶନ ଟେଷ୍ଟ ଅନୁଷ୍ଠିତ ହୋଇଯାଇଛି। ସଭାପତି ଯଜ୍ଞେଶ୍ୱର ମିଶ୍ରଙ୍କ ଅଧ୍ୟକ୍ଷତାରେ କାର୍ଯ୍ୟକ୍ରମ ଉଦ୍‌ଘାଟିତ ହୋଇଥିଲା। ଓଡ଼ିଶା ଟାଏକୋଣ୍ଡା ଆସୋସିଏଶନର ସାଧାରଣ ସମ୍ପାଦକ ମନମୋହନ ଭଞ୍ଜ, ଜିଲା ଶାରୀରିକ ଶିକ୍ଷାଧିକାରୀ ଆନନ୍ଦ କୁମାର ବେହେରା ଅତିଥି ଭାବେ ଯୋଗଦେଇ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। କୋଚ୍ ଅଜିତ କୁମାର ସାହୁଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବିଜୟ କୁମାର ସାହୁ, ବିଶ୍ୱଜିତ ମହିଶାଳ, ତ୍ରିଲୋଚନ ବେହେରା, ଅମନ କୁମାର ସାହୁ, ଦିଗଦହନ ପ୍ରଧାନ, ପ୍ରଦୀପ କୁମାର ପ୍ରଧାନ ପ୍ରମୁଖ ସହଯୋଗ କରିଥିଲେ। ଏଥିରେ ୪୫ ଜଣ ଖେଳାଳି ଭାଗ ନେଇଛନ୍ତି।



ଭାଗ ନେଇଥିବା ଖେଳାଳି ଓ ଅତିଥି।

## ସଂକ୍ଷେପରେ

### ରଥ ଚକ ଅଖ ଡେରା ନୀତି ସମ୍ପନ୍ନ

**ରାଉରକେଲା,୨୯।୫(ଦିନେଶ ମିଶ୍ର):** ରାଉରକେଲା ସହରରେ ଥିବା ବିଭିନ୍ନ ଶ୍ରୀଜଗନ୍ନାଥ ମନ୍ଦିରରେ ରଥଚକ ଅଖ ଡେରା ନୀତି ଗୁରୁବାର ସମ୍ପନ୍ନ ହୋଇଛି। ଏ ନେଇ ଉଦିତନଗରସ୍ଥିତ ପଞ୍ଚଦେବ କଲଚରାଲ ଟ୍ରଷ୍ଟ, ସେକ୍ଟର ୩-ସ୍ଥିତ ଶ୍ରୀଜଗନ୍ନାଥ ମନ୍ଦିର, ବାସନ୍ତୀ କଲୋନି ଜଗନ୍ନାଥ ମନ୍ଦିର, ପ୍ଲାଣ୍ଟସାଇଟ୍ ଜଗନ୍ନାଥ ମନ୍ଦିରରେ ଏହି ନୀତି ହୋଇଥିଲା। ପରମ୍ପରା ଅନୁଯାୟୀ ଜଗନ୍ନାଥ ମନ୍ଦିରର ସକାଳ ଧୂପ ସରିବା ପରେ ରଥଖଳାକୁ ଆଜ୍ଞାମାଳ ଅଣାଯାଇଥିଲା। ସେଠାରେ ସେବାୟତମାନେ ୩ ରଥର ଚକଅଖରେ ୨ଟି ଲେଖାଏଁ ଚକକୁ ସଂଯୋଗ କରି ପ୍ରଥମ ହରିବୋଲ ପକାଇ ରଥ ଚକ ଡେରା କାମ ଅନୁକୂଳ କରିଥିଲେ। ରଥ ନିର୍ମାଣ କରୁଥିବା କାରିଗର ରଥ ଅଖରେ ପୋଲାଙ୍ଗ ତେଲ ବୋଳିଥିଲେ। ପବିତ୍ର ଅକ୍ଷୟ ତୃତୀୟାରୁ ରଥଖଳାରେ ରଥ ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଥିବାବେଳେ ଗୁରୁବାର ରଥଚକ ଡେରା ପ୍ରକ୍ରିୟା ଶେଷ ହୋଇଛି। ଆଗାମୀ ସ୍ନାନପୂର୍ଣ୍ଣିମା ପୂର୍ବରୁ ରଥ ନିର୍ମାଣ କାର୍ଯ୍ୟ ଶେଷ ହେବ ବୋଲି ମନ୍ଦିର କମିଟି ପକ୍ଷରୁ ଜଣାପଡିଛି।

### ବାସନ୍ତୀ କଲୋନୀରେ ହରିନାମ ସଂକୀର୍ତ୍ତନ

**ରାଉରକେଲା,୨୯।୫(ଦିନେଶ ମିଶ୍ର):** ରାଉରକେଲା ଇସ୍କନ ପକ୍ଷରୁ ବାସନ୍ତୀ କଲୋନୀ ଅଞ୍ଚଳରେ ଗୁରୁବାର ପ୍ରାତଃ ସମୟରେ ସାମୂହିକ ନଗର ସଂକୀର୍ତ୍ତନ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଇସ୍କନର ବହୁ ଶ୍ରଦ୍ଧାଳୁ ଯୋଗଦେଇ ରହି ନାମ ଜପ କରି ବାସନ୍ତୀ କଲୋନି ଅଞ୍ଚଳ ଦେଇ ଡିଏଲ ଛକରେ ପହଞ୍ଚିଥିଲେ। ପ୍ରତିଷ୍ଠାତା ଶ୍ରୀପ୍ରଭୁପାଦ ଓ ଶ୍ରୀରାଧାକୃଷ୍ଣଙ୍କୁ ଏକ ରଥରେ ସୁସଜ୍ଜିତ କରି ପରିଭ୍ରମଣ କରାଯାଇଥିଲା। ରାଉରକେଲା ଇସ୍କନ ଦାୟିତ୍ୱରେ ଥିବା ଶ୍ରୀରାମ ପ୍ରଭୁ, ହରି ଦାସ, ବିଷ୍ଣୁ ଦାସ, ଗୋପାଳ ବୈଷ୍ଣବ, ମନୋଜ ବୈଷ୍ଣବ, ସରୋଜ ରାମସେବକଙ୍କ ସହ ବହୁ ଶ୍ରଦ୍ଧାଳୁ ଉପସ୍ଥିତ ଥିଲେ। ଇସ୍କନର କର୍ମକର୍ତ୍ତା କାର୍ଯ୍ୟକ୍ରମ ସହଯୋଗ କରିଥିଲେ।

### ବୃଦ୍ଧଙ୍କୁ ପଥରରେ ଆକ୍ରମଣ

**ରାଉରକେଲା,୨୯।୫(ସଙ୍ଗୀତା ଜେନା):** ପ୍ଲାଣ୍ଟ ସାଇଟ୍ ଥାନା ଅନ୍ତର୍ଗତ ରାଉରକେଲା ରେଲୱେ ଷ୍ଟେଶନ ନିକଟରେ ଗୁରୁବାର ରାତି ୮ଟାରେ ଜଣେ ବୃଦ୍ଧଙ୍କୁ ପଥରରେ ଆକ୍ରମଣ କରାଯାଇଛି। ଗୁରୁତର ଅବସ୍ଥାରେ ତାଙ୍କୁ ସରକାରୀ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ଅପରପକ୍ଷେ ପୋଲିସ ଆକ୍ରମଣକାରୀ ଯୁବକଙ୍କୁ ଥାନାରେ ଅଟକ ରଖି ପଚରାଉଚୁରା କରୁଛି। ସୂଚନା ଅନୁଯାୟୀ, ଅଟକ ଯୁବକ ଓ ବୃଦ୍ଧ ଉଭୟ ପରିଚିତ ଅଟନ୍ତି। ରେଲୱେ ଷ୍ଟେଶନରେ ଯୁବକ ଶୋଇଥିବା ବେଳେ ବୃଦ୍ଧ ଜଣଙ୍କ ତାଙ୍କ ପକେଟରୁ ୯ଶହ ଟଙ୍କା ଚୋରି କରିନେଇଥିଲେ। ଏହାକୁ କେନ୍ଦ୍ର କରି ଉଭୟଙ୍କ ମଧ୍ୟରେ ଗଣ୍ଡଗୋଳ ହୋଇଥିଲା। ଏଥିରେ ଉତ୍କ୍ଷିପ୍ତ ହୋଇ ଯୁବକ ଜଣଙ୍କ ବୃଦ୍ଧଙ୍କୁ ପଥରରେ ଆକ୍ରମଣ କରିଥିଲେ। ତେବେ ରାତି ୧୦ଟା ପର୍ଯ୍ୟନ୍ତ ଏ ନେଇ କୌଣସି ଏତଲା ହୋଇ ନ ଥିବା ସୂଚନା ମିଳିଛି।




ରାଉରକେଲା ବିମାନ ବନ୍ଦରରେ ବିସ୍ଫୋରକ ଲୁଟ୍ ଘଟଣାର ତଦନ୍ତ କରିବାକୁ ଆସିଥିବା ଏନ୍ଆଇଏ ଟିମ୍।

# ସମ୍ବେଦନଶୀଳ ସ୍ଥାନରେ ଯାଞ୍ଚ କଡ଼ାକଡ଼ି

**ରାଉରକେଲା, ୨୯।୫(ସଙ୍ଗୀତା ଜେନା)**

**ସୀମାନ୍ତ ଅଞ୍ଚଳରେ ବିସ୍ଫୋରକ ଲୁଟ୍ ମାମଲା**

ସୁନ୍ଦରଗଡ଼ ଜିଲା କେ. ବଳାଙ୍ଗ ଥାନା ଅଞ୍ଚଳରେ ଗତ ୨ ଦିନ ତଳେ ହୋଇଥିବା ବିସ୍ଫୋରକ ଲୁଟ୍ ମାମଲାରେ ଏପର୍ଯ୍ୟନ୍ତ କେହି ଧରାପଡ଼ିନାହାନ୍ତି। ପୋଲିସ ଡିଜିଙ୍କ ନିର୍ଦ୍ଦେଶ ଅନୁସାରେ ଘଟଣାର ଅନୁସନ୍ଧାନ ଜାରି ରହିଛି। ଏ ନେଇ ପୋଲିସ ନିଜ ପଟୁ ଏତଲା ଦେଇଛି। ଏନ୍ଆଇଏ ଟିମ୍ ବରିଷ୍ଠ ପଦାଧିକାରୀଙ୍କ ସହ ଯାଞ୍ଚ କରି ଫେରିଯାଇଛନ୍ତି। ବିସ୍ଫୋରକ ଲୁଟ୍ ସ୍ଥାନ, ସୀମାନ୍ତରେ ଥିବା ସମ୍ବେଦନଶୀଳ ସ୍ଥାନମାନଙ୍କରେ ଯାଞ୍ଚକୁ ଗୁରୁତ୍ୱ ଦେବା ପାଇଁ ନିର୍ଦ୍ଦେଶ ଦିଆଯାଇଛି। ସରଣ୍ଡା ଜଙ୍ଗଲରେ ପୂର୍ବରୁ ସକ୍ରିୟ ଥିବା ମାଓବାଦୀମାନେ ଏହି ଘଟଣାରେ ସମ୍ପୃକ୍ତ ଥିବା ସନ୍ଦେହ କରାଯାଉଛି। ବିସ୍ଫୋରକ ରଖାଯାଉଥିବା ଗୋଦାମ ଘର ଗୁଡ଼ିକର ସୁରକ୍ଷା କଡାକଡି କରିବାକୁ ନିର୍ଦ୍ଦେଶ ଦିଆଯାଇଛି ବୋଲି ଗୁରୁବାର ପୂର୍ବାହ୍ନ ୧୦ଟାରେ ରାଉରକେଲା ପୋଲିସ ଜିଲା ମୁଖ୍ୟାଳୟରେ ସମୀକ୍ଷା ବୈଠକ ପରେ ପଶ୍ଚିମାଞ୍ଚଳ ଡିଆଇଜି ବ୍ରିଜେଶ ରାୟ ସୂଚନା ଦେଇଛନ୍ତି। ଏହି ବୈଠକରେ ରାଜ୍ୟ ପୋଲିସ ମହାନିର୍ଦ୍ଦେଶକ ୱାଇ. ବି. ଖୁରାନିଆ, ପଶ୍ଚିମାଞ୍ଚଳ ଡିଆଇଜି ରାୟ, ରାଉରକେଲା ଏସ୍‌ପି ନିତେଶ ୱାଧୱାନୀ, ସୁନ୍ଦରଗଡ଼ ଏସ୍‌ପି ପ୍ରତ୍ୟୁଷ ଦିବାକରଙ୍କ ସମେତ ବରିଷ୍ଠ ପୋଲିସ ଅଧିକାରୀମାନେ ଉପସ୍ଥିତ ଥିଲେ। ବୈଠକରେ ସୀମାନ୍ତରେ ମାଓବାଦୀ କାର୍ଯ୍ୟକଳାପ ଉପରେ ଆଲୋଚନା ହୋଇଥିବା ଜଣାପଡିଛି। ଅପରାହ୍ନ ୨ଟାରେ ପୋଲିସ ଡିଜିଙ୍କ ସମେତ ଏନ୍ଆଇଏ ଟିମ୍ ରାଉରକେଲା ବିମାନ ବନ୍ଦରକୁ ଯାଇ ସେଠାରୁ ଭୁବନେଶ୍ୱର ଫେରିଯାଇଥିଲେ।

ସୂଚନାଯୋଗ୍ୟ, ମଙ୍ଗଳବାର ବାଙ୍କୋ ପଥର ଖଣିରୁ ପରିବହନ ବେଳେ ୨୫ କେଜି ଓଜନର ୨ଶହ ପ୍ୟାକେଟ୍ ବିସ୍ଫୋରକ ବୋଝେଇ ଗାଡି ଲୁଟ୍ କରାଯାଇଥିଲା। ମାଓବାଦୀମାନେ ଏହାକୁ ଲୁଟ୍ କରିଥିବା ଗାଡ଼ିଚାଳକ ପ୍ରକାଶ କରିଥିଲେ। ଏହି ଘଟଣା ପରେ ରାଜ୍ୟ ପୋଲିସ ଡିଜି ବୁଧବାର ଘଟଣାସ୍ଥଳରେ ପହଞ୍ଚି ଅନୁସନ୍ଧାନ କରିଥିଲେ। ଅନୁରୂପ ଭାବେ ଏହାକୁ ନେଇ ଉଭୟ ଝାଡଖଣ୍ଡ ଏବଂ ଓଡ଼ିଶାରେ ସୁରକ୍ଷା ବ୍ୟବସ୍ଥା କଡାକଡ଼ି କରାଯାଇଛି। ଓଡ଼ିଶା ପୋଲିସ, ସିଆର୍‌ପିଏଫ୍ ଏବଂ ଡିଭିଏଫ୍ ପକ୍ଷରୁ ସର୍ଚ୍ଚ ଅପରେଶନ ଜାରି ରହିଛି। ସେହିପରି ସୀମାନ୍ତରେ ପୋଲିସ ପାଟ୍ରୋଲିଂ ଓ ଯାଞ୍ଚ କରାଯାଉଛି।

# ବିକଶିତ କୃଷି ସଂକଳ୍ପ ଅଭିଯାନ ଆରମ୍ଭ

**ରାଉରକେଲା,୨୯।୫(ସଙ୍ଗୀତା ଜେନା)**

**ପାନପୋଷ ଉପଖଣ୍ଡ**

ଭାରତ ସରକାର ଏବଂ ଓଡ଼ିଶା ସରକାରଙ୍କ କୃଷି ଓ କୃଷକ ସଶକ୍ତୀକରଣ ବିଭାଗର ମିଳିତ ଆନୁକୂଲ୍ୟରେ ବିକଶିତ କୃଷି ସଂକଳ୍ପ ଅଭିଯାନ ଗୁରୁବାର ପାନପୋଷ ଉପଖଣ୍ଡରେ ଆରମ୍ଭ ହୋଇଛି। ଏହି ପରିପେକ୍ଷୀରେ ପାନପୋଷ କୃଷି ଜିଲା ଅଧିକାରୀଙ୍କ କାର୍ଯ୍ୟାଳୟରୁ ଏକ କୃଷି ରଥକୁ ଉପଜିଲାପାଳ ବିଜୟ କୁମାର ନାୟକ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ଏହି ରଥ ଉପଖଣ୍ଡର ପ୍ରତି ବ୍ଲକ ଅଞ୍ଚଳରେ ବୁଲିବ ଏବଂ ଲୋକମାନଙ୍କୁ ସଚେତନ କରାଇବ। ଏହି ଅବସରରେ କୃଷି ଜିଲା ଅଧିକାରୀ ଜି. ଜୟନ, ରାଉରକେଲା କୃଷି ବିଜ୍ଞାନ କେନ୍ଦ୍ର (୨)ର ବରିଷ୍ଠ ବୈଜ୍ଞାନିକ ଡା. ଜୟନ୍ତ ପତି, ସମରେନ୍ଦ୍ର ବରାଳ, ସଞ୍ଜୟ ପ୍ରଧାନ, ସହକାରୀ ଉଦ୍ୟାନ କୃଷି ନିର୍ଦ୍ଦେଶକ ଦୁଷ୍ମନ୍ତ ବେହେରା, ସହକାରୀ କୃଷି ଅଧିକାରୀ ନବୀନ ଚନ୍ଦ୍ର ସାହୁ ଓ କାର୍ଯ୍ୟାଳୟର କର୍ମଚାରୀମାନେ ଉପସ୍ଥିତ ଥିଲେ। ଚାଷୀଙ୍କ ପାଖରେ ସରକାରଙ୍କ ବିଭିନ୍ନ ଯୋଜନାର ବାର୍ତ୍ତା ପହଞ୍ଚାଇବା ଏହି କାର୍ଯ୍ୟକ୍ରମର ଲକ୍ଷ୍ୟ। ସେହିପରି ବିକଶିତ କୃଷି ସଂକଳ୍ପ ଅଭିଯାନ ଅନ୍ତର୍ଗତ ବିଶ୍ରା କୃଷି କାର୍ଯ୍ୟାଳୟରେ ଗୁରୁବାର ଏକ ସଭା ଆୟୋଜନ କରାଯାଇଥିଲା। ବିଶ୍ରା କୃଷି ଅଧିକାରୀ ଡା. ମଞ୍ଜୁବାଳା ନାୟକଙ୍କ ଅଧ୍ୟକ୍ଷତାରେ ସରପଞ୍ଚ, ସମିତି ସଭ୍ୟ ଏବଂ ଚାଷୀମାନେ ଯୋଗ ଦେଇଥିଲେ। ପାନପୋଷ କୃଷି ଜିଲା ଅଧୀନରେ ଥିବା ସମସ୍ତ ବ୍ଲକରେ ଏହି କାର୍ଯ୍ୟକ୍ରମ ଆୟୋଜନ କରାଯିବ ବୋଲି ସୂଚନା ଦିଆଯାଇଥିଲା।




ସଭାରେ ମଞ୍ଚାସୀନ ଅତିଥିଗଣ।

# ସୃଜନୀ ଅନୁଷ୍ଠାନର ନୂତନ କର୍ମକର୍ତ୍ତା ଚୟନ

**ସୁନ୍ଦରଗଡ,୨୯।୫(ଜୟ ନାରାୟଣ ମେଣ୍ଢୁଲି)**

ସୁନ୍ଦରଗଡ଼ ସହର ଉପକଣ୍ଠ ଇବ୍ ନଗର (ଆର. ଆର. ଆଇ. ଟି କଲୋନୀ )ଠାରେ ଥିବା ସାମାଜିକ ଅନୁଷ୍ଠାନ ସୃଜନୀର ଆଗାମୀ ଦୁଇ ବର୍ଷ (୨୦୨୬-୨୭) ପାଇଁ ନୂତନ କର୍ମକର୍ତ୍ତା ଚୟନ ଅନୁଷ୍ଠିତ ହୋଇଯାଇଛି। ବୁଧବାର ସନ୍ଧ୍ୟାରେ ନୀଳକଣ୍ଠେଶ୍ୱର ମନ୍ଦିର ପରିସର (ଦୁର୍ଗା ମଣ୍ଡପ) ଠାରେ ସ୍ଥାନୀୟ ଲୋକଙ୍କ ଉପସ୍ଥିତିରେ ଅନୁଷ୍ଠିତ ସାଧାରଣ ସଭାରେ ବରିଷ୍ଠ ସଭ୍ୟ ଗୌରଚନ୍ଦ୍ର ଚାନ୍ଦ ସଭାପତିତ୍ୱ କରିଥିଲେ। ଅନୁଷ୍ଠିତ ବୈଠକରେ ଗତ କମିଟିର ସମସ୍ତ କର୍ମକର୍ତ୍ତା ଓ ସ୍ଥାନୀୟ ବାସିନ୍ଦାମାନେ ଯୋଗ ଦେଇଥିଲେ। ନୂତନ ଭାବେ ମନୋନୀତ ହୋଇଥିବା କର୍ମକର୍ତ୍ତାମାନେ ହେଲେ ସଭାପତି ଅଜିତ ପ୍ରସାଦ, ଉପସଭାପତି ମଦନ ମୋହନ ପଟେଲ ଓ ଆଦିତ୍ୟ ପ୍ରସାଦ ଦାନୀ, ସାଧାରଣ ସମ୍ପାଦକ ଗୋବିନ୍ଦ ଚନ୍ଦ୍ର ସୁଅର, ଯୁଗ୍ମ ସମ୍ପାଦକ ଅସ୍ମିତ ପଟେଲ, କୋଷାଧ୍ୟକ୍ଷ ମନୋଜ କୁମାର ବାରିକ, ସାଂସ୍କୃତିକ ସମ୍ପାଦକ ରାଜୀବ ଲୋଚନ ଆଚାର୍ଯ୍ୟ, ସହ ସାଂସ୍କୃତିକ ସମ୍ପାଦକ ରୋଶନ କୁମାର ପଟେଲ, କ୍ରୀଡା ଓ ଯୁବ ବ୍ୟାପାର ଶୁଭମ ପଟେଲ ତଥା ଅଡିଟରଭାବେ ପ୍ରତାପ ଚନ୍ଦ୍ର ତ୍ରିପାଠୀ। ପରବର୍ତ୍ତୀ ବୈଠକରେ ୨ଜଣ ମହିଳା ସଦସ୍ୟାଙ୍କୁ ସାମିଲ କରାଯିବା ପାଇଁ ତଥା ଉପଦେଷ୍ଟା ମଣ୍ଡଳୀ ଗଠନ କରିବାପାଇଁ ନିଷ୍ପତ୍ତି ନିଆଯାଇଛି। ଏହି ବୈଠକରେ ସ୍ଥାନୀୟ ଅଞ୍ଚଳର ବାସିନ୍ଦା ବିପିନ ବିହାରୀ ପଟେଲ, ପ୍ରଶାନ୍ତ ବାରିକ, ଚନ୍ଦ୍ରଶେଖର ରାଓ, ପ୍ରଦୀପ ନାଏକ, କରୁଣାକର ପଟେଲ, ପୂର୍ଣ୍ଣ ଚନ୍ଦ୍ର ମହାରଣା, ଅଜୟ ପଟେଲ, ରଶ୍ମିରଞ୍ଜନ ମହାନ୍ତି, ପ୍ରଶାନ୍ତ ତ୍ରିପାଠୀ, ଲଳିନ୍ଦ୍ର ବୁଖରା, ହେମନ୍ତ ଠାକୁର, ମାନସ ରଞ୍ଜନ ଦାଶ, କୁଶଧର ପଟେଲ, ସୁରଜ ନାଏକ, ବିଭୂତି ଭୂଷଣ ନାଏକ, ରମେଶ ଚନ୍ଦ୍ର ପଟେଲ, ସୁକାନ୍ତ ପଟେଲ ପ୍ରମୁଖ ଯୋଗ ଦେଇଥିଲେ। ଶେଷରେ ନୂତନ ଭାବେ ମନୋନୀତ ହୋଇଥିବା ସଭାପତି ଅଜିତ ପ୍ରସାଦ ଉପସ୍ଥିତ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ। ଆଗାମୀ ଦିନରେ କଲୋନୀର ବିଭିନ୍ନ ଉନ୍ନତି ମୂଳକ କାର୍ଯ୍ୟକ୍ରମ ଓ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଗୁଡିକ କିଭଳି ସଫଳ ଭାବରେ ହୋଇପାରିବ ସେଥିପାଇଁ ସମସ୍ତଙ୍କ ସହଯୋଗ କାମନା କରିଥିଲେ।

# ପୋଡ଼ି ଯାଇଛି ଟ୍ରାନ୍ସଫର୍ମର ଅନ୍ଧାରରେ ଗ୍ରାମବାସୀ

**ହେମଗିର,୨୯।୫(ଚୈତନ୍ୟ ପଟେଲ):** ସୁନ୍ଦରଗଡ଼ ଜିଲା ହେମଗିର ବ୍ଲକ ଜୁଲୁମବାହାଲ ପଞ୍ଚାୟତ ନାକାଡେରା ଗ୍ରାମରେ ମଙ୍ଗଳବାର ବଜ୍ରପାତ ଯୋଗୁ ବିଦ୍ୟୁତ୍ ଟ୍ରାନ୍ସଫରମର ପୋଡ଼ିଯାଇଛି। ଫଳରେ ଗ୍ରାମବାସୀ ଅନ୍ଧାରରେ ରହି ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଏନେଇ ହେମଗିର ବିଦ୍ୟୁତ୍ ବିଭାଗ ଯନ୍ତ୍ରୀ ଶୋଦାଗର ମେହେରଙ୍କୁ ପଚାରିବାରୁ, ୩ ରୁ ୪ ଦିନ ଭିତରେ ଟ୍ରାନ୍ସଫରମର ଲାଗିଯିବ ବୋଲି କହିଛନ୍ତି।

# ବିପିୟୁଟିରେ ବୈଷୟିକ ଶିକ୍ଷା କର୍ମଶାଳା

**ରାଉରକେଲା,୨୯।୫(ଦିନେଶ ମିଶ୍ର)**

ଛେଣ୍ଡସ୍ଥିତ ବିପିୟୁଟି ପରିସରରେ ଗୁରୁବାର ବୈଷୟିକ ଶିକ୍ଷା କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଏହି କର୍ମଶାଳାରେ ରାଉରକେଲା ୟୁନିଟେକ୍‌ର ଅଧ୍ୟକ୍ଷ ନରେଶ ଆରିୟା ଯୋଗଦେଇ ବିଦ୍ୟାର୍ଥୀଙ୍କୁ ବୈଷୟିକ ଶିକ୍ଷା ଓ ଏହାର ମହତ୍ୱ ଉପରେ ମାର୍ଗଦର୍ଶନ କରିଥିଲେ। ଏଥିସହ ଆଇଟି କ୍ଷେତ୍ରରେ ଡିଜିଟାଲ ଶିକ୍ଷା ବ୍ୟବସ୍ଥା, ଅନ୍‌ଲାଇନ ଶିକ୍ଷା ବ୍ୟବସ୍ଥା, ଇ-ଏଜୁକେଶନ ପ୍ରକିୟାର ଆବଶ୍ୟକତା ଉପରେ ବିଦ୍ୟାର୍ଥୀଙ୍କୁ ଅବଗତ କରାଯାଇଥିଲା। ଏଥିରେ ବିଟେକ୍, ଏମ୍‌ବିଏ, ଆଇଟି ବିଦ୍ୟାର୍ଥୀମାନେ ଯୋଗ ଦେଇଥିଲେ। ବିଦ୍ୟାର୍ଥୀମାନେ ବୈଷୟିକ ଶିକ୍ଷା ସମ୍ବନ୍ଧୀୟ ପ୍ରଶ୍ନ ପଚାରି ବୁଝିଥିଲେ। ବିପିୟୁଟି କୁଳପତି ଅମୀୟ କୁମାର ରଥଙ୍କ ସମେତ ବିଶ୍ୱବିଦ୍ୟାଳୟର ବହୁ ଅଧିକାରୀ ଉପସ୍ଥିତ ଥିଲେ।



କର୍ମଶାଳାରେ ମଞ୍ଚାସୀନ ଅତିଥି।

# ଏଡିଏମ୍‌ଙ୍କୁ ଆପ୍‌ର ସ୍ମାରକପତ୍ର ପ୍ରଦାନ

**ରାଉରକେଲା,୨୯।୫(ଦିନେଶ ମିଶ୍ର)**

ଖବରଦାତାମାନଙ୍କୁ ସୁରକ୍ଷା ପ୍ରଦାନ ସମେତ ୧୨ ଦଫା ଦାବିରେ ଆମ୍ ଆଦମୀ ପାର୍ଟି ରାଉରକେଲା ପକ୍ଷରୁ ଗୁରୁବାର ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଅତିରିକ୍ତ ଜିଲାପାଳଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଛି। ଖବରଦାତାମାନେ ଖରା ହେଉ କି ବର୍ଷା ପ୍ରତ୍ୟେକ ମୁହୂର୍ତ୍ତରେ ନିଷ୍ଠାପର ଭାବେ ଖବର ପ୍ରସାରଣ ପାଇଁ ଜୀବନକୁ ବାଜି ଲଗାଉଛନ୍ତି। ଏହା ସତ୍ତ୍ୱେ ଖବରଦାତାମାନେ ସରକାରୀ ସ୍ତରରେ ସୁବିଧା ପାଇବାରୁ ବଞ୍ଚିତ ହେଉଛନ୍ତି। ଖବରଦାତାମାନଙ୍କୁ ମାଗଣା ସ୍ୱାସ୍ଥ୍ୟସେବା, ନିଃଶୁଳ୍କ ଟ୍ରେନ ଓ ବସ୍ ପାସ୍, ଆବାସ ଗୃହ ପ୍ରଦାନ, ଆଇନଗତ ସୁରକ୍ଷା ପ୍ରଦାନ, ମାସିକ ୨୫ ହଜାର ଟଙ୍କା ଭତ୍ତା ଓ ୨୦ ହଜାର ଟଙ୍କା ପେନ୍‌ସନ୍, ପ୍ରତ୍ୟେକ ଜିଲାରେ ପ୍ରେସ୍ କ୍ଲବ ନିର୍ମାଣ ଆଦି ୧୨ ଦଫା ଦାବି ନେଇ ଆପ୍‌ର କର୍ମକର୍ତ୍ତାମାନେ ଉଦିତନଗରସ୍ଥିତ ଏଡିଏମ୍ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ପରେ ଦଳର ଲାକସଭା ପ୍ରଭାରୀ ବିନୟ ତିୱାରୀଙ୍କ ନେତୃତ୍ୱରେ ଏଡିଏମ୍ ଆଶୁତୋଷ କୁଲକର୍ଣ୍ଣିଙ୍କୁ ସ୍ମାରକପତ୍ର ପ୍ରଦାନ କରିଥିଲେ। ସ୍ମାରକପତ୍ର ପ୍ରଦାନ ବେଳେ ଆପ୍‌ର ସତ୍ୟ କିଶୋର ମହାନ୍ତି, ଅମରଜିତ୍ ସିଂ, ଭରତ ବାଇ, ଉମାକାନ୍ତ ନାୟକ, ଦେବରଞ୍ଜନ ଦାସ, ଆଶିଷ ମହାରଣା, ସନ୍ତୋଷ ବେହେରା, ଚିନ୍ତାମଣି ମହାନନ୍ଦ, ରଞ୍ଜନ ପୃଷ୍ଟି, ମନିଷା ଟପ୍ପୋ, ବଳବନ୍ତ ଜେନାଙ୍କ ସହ ବହୁ କର୍ମୀ ଉପସ୍ଥିତ ଥିଲେ।




ରାଉରକେଲା ଏଡିଏମ୍‌ଙ୍କୁ ସ୍ମାରକପତ୍ର ପ୍ରଦାନ କରାଯାଉଛି।

# ଜନବସତିରୁ ସ୍ଥାନାନ୍ତର ହେଉନି ଖାଦ୍ୟ ପ୍ରକ୍ରିୟାକରଣ ଶିଳ୍ପ

**ରାଉରକେଲା,୨୯।୫(ସଙ୍ଗୀତା ଜେନା)**

- **ବଏଲର ବିଭାଗ ପକ୍ଷରୁ ଉଚିତ ଯାଞ୍ଚ ହେଉନି**
- **ଜନବସତିରେ ଶିଳ୍ପ ଯୋଗୁ ପରିବେଶ ପ୍ରଦୂଷଣ**

ସ୍ମାର୍ଟସିଟି ରାଉରକେଲାର ଜନବସତି ଅଞ୍ଚଳରେ ମାଳ ମାଳ ଖାଦ୍ୟ ପ୍ରକ୍ରିୟାକରଣ ଶିଳ୍ପ ଗଢି ଉଠିଛି। ଏହି ଶିଳ୍ପ ଦ୍ୱାରା ସ୍ଥାନୀୟ ପରିବେଶ ପ୍ରଦୂଷିତ ହେଉଛି। ଏହାର କେମିକାଲଯୁକ୍ତ ଗନ୍ଧରେ ଲୋକେ ଅତିଷ୍ଠ ହୋଇପଡୁଛନ୍ତି। ଏହା ମଧ୍ୟ ଲୋକଙ୍କ ସ୍ୱାସ୍ଥ୍ୟ ଉପରେ ପ୍ରଭାବ ପକାଉଛି। ଜନବସତିରୁ ଏଭଳି ଶିଳ୍ପକୁ ସ୍ଥାନାନ୍ତର କରାଯାଉ ନ ଥିବାରୁ ସ୍ଥାନୀୟ ଜନସାଧାରଣଙ୍କ ମଧ୍ୟରେ ଅସନ୍ତୋଷ ବଢିବାରେ ଲାଗିଛି।

ରାଉରକେଲା ସମେତ ସୁନ୍ଦରଗଡ଼ ଜିଲାର ଜନବସତି ଅଞ୍ଚଳରେ ଛୋଟବଡ଼ ୨୯୮ଟି ଖାଦ୍ୟ ପ୍ରକ୍ରିୟାକରଣ ଶିଳ୍ପ ରହିଛି। ରାଉରକେଲାର ଜଗଦା, ମେନ୍‌ରୋଡ୍, ଶକ୍ତିନଗର, ସିଭିଲଟାଉନଶିପ୍ ଏବଂ ହମିରପୁରରେ ଏଭଳି ଶିଳ୍ପ ଚାଲିଛି। ଉକ୍ତ ୟୁନିଟ୍‌ଗୁଡ଼ିକରେ ନିରନ୍ତର ଭାଟି ଦ୍ୱାରା ଅନେକ ପ୍ରକାର ରୁଟି, ବିସ୍କୁଟ, କେକ୍, ପାସ୍ତା, ଅନ୍ୟାନ୍ୟ ମିଠା, ନମକିନ୍ ଆଦି ଖାଦ୍ୟପଦାର୍ଥ ତିଆରି କରାଯାଉଛି। ଏଥିପାଇଁ ସ୍ୱତନ୍ତ୍ର ଡିଜାଇନ ସମ୍ପନ୍ନ ଚିମିନି କରାଯାଇଛି, ଯାହା ଦିନରାତି କାର୍ଯ୍ୟକ୍ଷମ ରହୁଛି। ତେବେ ଏହିସବୁ ଅଞ୍ଚଳରେ ବଡ଼ ବଡ଼ ବହୁତଳ ବିଶିଷ୍ଟ କୋଠା ଓ ଗୁରୁତ୍ୱପୂର୍ଣ୍ଣ ଆବାସସ୍ଥଳୀ ରହିଥିବାବେଳେ ଏଥିରୁ ବାହାରୁଥିବା ଉତ୍ତାପ ଓ କେମିକାଲ ଗନ୍ଧରେ ସ୍ଥାନୀୟ ଲୋକଙ୍କ ସ୍ୱାସ୍ଥ୍ୟ ଉପରେ ପ୍ରଭାବ ପକାଉଛି। ତେବେ କିଛିଦିନ ତଳେ ରାଉରକେଲାର ମେନ୍ ରୋଡ୍‌ରେ ଥିବା ଏକ ବେକେରୀକୁ ପରିବେଶ ପ୍ରଦୂଷଣ କରୁଥିବା ଅଭିଯୋଗରେ ସାମୟିକ ଭାବେ ବନ୍ଦ କରିଦିଆଯାଇଥିଲା।

ଏ ସମ୍ପର୍କରେ ଫ୍ୟାକ୍ଟ୍ରି ଆଣ୍ଡ ବଏଲର ବିଭାଗର ଡେପୁଟି ଡାଇରେକ୍ଟର ଇଂ. ବିଭୁ ପ୍ରସାଦଙ୍କୁ ପଚରାଯିବାରୁ ସେ କହିଲେ, ପୂର୍ବରୁ ଏପରି ଶିଳ୍ପଗୁଡ଼ିକ ଫ୍ୟାକ୍ଟ୍ରି ନିୟମ ଅଧୀନରେ ନ ଥିଲା। ସମୟ କ୍ରମେ ଏହି ଶିଳ୍ପଗୁଡିକୁ ନିୟମ ଭିତରକୁ ଅଣାଯାଇଛି। ଯେଉଁ ସ୍ଥାନରେ ଉକ୍ତ ଶିଳ୍ପ ହୋଇଛି ସେଠାରେ ପୂର୍ବରୁ ଜନବସତି ନ ଥିଲା। ଖାଦ୍ୟ ପ୍ରକ୍ରିୟାକରଣ ଶିଳ୍ପ ଦ୍ୱାରା ସାଧାରଣତଃ ଉତ୍ତାପ ଓ କେମିକାଲ ଗନ୍ଧ ହୋଇଥାଏ। ବର୍ତ୍ତମାନ ବେକେରୀ ୟୁନିଟ୍‌ଗୁଡିକ ନିକଟରେ ଜନବସତି ହୋଇଗଲାଣି। ରାଉରକେଲାରେ ମାତ୍ର ୨ଟି ବଡ଼ଧରଣର ୟୁନିଟ୍ ପଞ୍ଜୀକୃତ ହୋଇଛି। ଅନ୍ୟ ବେଆଇନ ୟୁନିଟ୍ ସମ୍ପର୍କରେ ସୂଚନା ମିଳିଲେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ବିଭୁପ୍ରସାଦ କହିଥିଲେ। ସେହିପରି ଆଞ୍ଚଳିକ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ଅଧିକାରୀ ଇଂ. ଅନୂପ ମଲ୍ଲିକଙ୍କୁ ପଚରାଯିବାରୁ ସେ କହିଲେ, ରାଉରକେଲାରେ ୬ଟି ବଡ଼ ବେକେରୀ ୟୁନିଟ୍ ରହିଛି। ଯାହା ମଧ୍ୟରୁ ଗୋଟିଏ ବଡ଼ ୟୁନିଟ୍‌କୁ ରାଉରକେଲା ଶିଳ୍ପାଞ୍ଚଳକୁ ସ୍ଥାନାନ୍ତର କରାଯାଇଛି। ଅନ୍ୟ ରାଜ୍ୟ ଭଳି ଏଠାରେ ଶିଳ୍ପ ସ୍ଥାନାନ୍ତର ପାଇଁ କୌଣସି ପ୍ରସ୍ତାବ ଆସିନାହିଁ। ମହାନଗର ନିଗମ ଏଥିରେ ହସ୍ତକ୍ଷେପ କରିବା ଉଚିତ। ସେମାନଙ୍କୁ ପ୍ରଶାସନ ପକ୍ଷରୁ ସୁବିଧା ଯୋଗାଇ ଦିଆଯାଉନି। ବର୍ତ୍ତମାନ ସୁଦ୍ଧା ଉକ୍ତ ବେକେରୀ ୟୁନିଟ୍ ଗୁଡ଼ିକ ଜନବସତିରେ ରହିଛି। ଏହାବ୍ୟତୀତ ଅନ୍ୟ ଛୋଟ ୟୁନିଟ୍‌ଗୁଡ଼ିକ ଆମ ଅଧିକାର ବହିର୍ଭୂତ ବୋଲି ମଲ୍ଲିକ କହିଥିଲେ।

# ରକ୍ଷଣାବେକ୍ଷଣ ଅଭାବରୁ ଅବସ୍ଥା ଶୋଚନୀୟ

**ବାସନ୍ତୀ କଲୋନି ଓଭରବ୍ରିଜ୍ ପରିବା ପିଣ୍ଡି**

**ରାଉରକେଲା,୨୯।୫(ଦିନେଶ ମିଶ୍ର)**

ରାସ୍ତାକଡ଼ ପରିବା ବ୍ୟବସାୟୀମାନଙ୍କୁ ଥଇଥାନ କରିବା ପାଇଁ ରାଉରକେଲା ମ୍ୟୁନିସିପାଲିଟି (ଆର୍‌ଏମ୍‌ସି) ପକ୍ଷରୁ ଲକ୍ଷ ଲକ୍ଷ ଟଙ୍କା ବ୍ୟୟରେ ପିଣ୍ଡି ତିଆରି କରାଯାଇଥିଲା। ଏହି ପିଣ୍ଡି ନିର୍ମାଣ ପରେ ପରିବା ବ୍ୟବସାୟୀଙ୍କୁ ସେଠାରେ ଥଇଥାନ କରି ଟିକସ ଆଦାୟ କରାଯାଉଛି। ତେବେ ରକ୍ଷଣାବେକ୍ଷଣ ଅଭାବରୁ ବର୍ତ୍ତମାନ ଏହି ପିଣ୍ଡି ଅବସ୍ଥା ଶୋଚନୀୟ ହୋଇପଡିଛି। ଏଭଳି ଦୃଶ୍ୟ ବାସନ୍ତୀ କଲୋନିସ୍ଥିତ ଓଭରବ୍ରିଜ୍ କଡ଼ରେ ଥିବା ପରିବା ପିଣ୍ଡିରେ ଦେଖିବାକୁ ମିଳିଛି।

ସୂଚନା ଅନୁସାରେ, ବାସନ୍ତୀ ଓଭରବ୍ରିଜ୍ ନିର୍ମାଣ ହେବା ପରେ ଏହି ବ୍ରିଜ୍ କଡ ରାସ୍ତାରେ ପ୍ରତିଦିନ ସହରର ଗ୍ରାମାଞ୍ଚଳର ବ୍ୟବସାୟୀମାନେ ପରିବା ବିକ୍ରି କରୁଥିଲେ। ଫଳରେ ଏହି ବ୍ରିଜ୍ କଡ଼ ରାସ୍ତାରେ ପ୍ରତିଦିନ ଟ୍ରାଫିକ୍ ସମସ୍ୟା ଉପୁଜୁଥିଲା। ଏହାକୁ ଦୃଷ୍ଟିରେ ରଖି ସ୍ଥାନୀୟ ଆର୍‌ଏମ୍‌ସି ପ୍ରଶାସନ ସେମାନଙ୍କୁ ଥଇଥାନ କରିବା ପାଇଁ ୨୦୨୨ ଜୁଲାଇ ୨୮ ତାରିଖରେ ଡିଏଭି ପାଚେରି କଡରେ ୨୭ଟି ପରିବା ପିଣ୍ଡି ନିର୍ମାଣ କରିଥିଲା। ଏହି ପିଣ୍ଡି ନିର୍ମାଣ ପାଇଁ ଆର୍‌ଏମ୍‌ସି ୫୯ଲକ୍ଷ ୭୫ହଜାର ଟଙ୍କା ବ୍ୟୟ କରିଥିଲା। ପିଣ୍ଡିରେ ସ୍ୱତନ୍ତ୍ର ଲୁହା ବ୍ୟାରିକେଟ୍ ସାଙ୍ଗକୁ ପାଦଚଲା ରାସ୍ତାରେ ପେଭର ବ୍ଲକ ବିଛାଇଥିଲା। ଏଥିସହ ପିଣ୍ଡିରେ ବସି ପରିବା ବ୍ୟବସାୟ କରିବା ପାଇଁ ସ୍ୱତନ୍ତ୍ର ପ୍ଲାଷ୍ଟିକ ଛାତ ପକାଇ ସେଡ୍ ତିଆରି କରିଥିଲା। ୨୦୨୩ ଜାନୁଆରୀ ମାସରେ ହକି ବିଶ୍ୱକପ୍ ପୂର୍ବରୁ ରାସ୍ତାକଡ଼ରେ ବସି ପରିବା ବିକ୍ରି କରୁଥିବା ବ୍ୟବସାୟୀମାନଙ୍କୁ ଏହି ପିଣ୍ଡିଗୁଡିରେ ବ୍ୟବସାୟ କରିବା ପାଇଁ ଆର୍‌ଏମ୍‌ସି ଅନୁମତି ଦେଇଥିଲା। ବ୍ୟବସାୟୀମାନେ ମଧ୍ୟ ସ୍ଥାନୀୟ ପ୍ରଶାସନକୁ ମାସକୁ ୫୦ ଟଙ୍କା ଲେଖାଏଁ ଟିକସ ଦେଇ ବ୍ୟବସାୟ ଆରମ୍ଭ କଲେ। ପରବର୍ତ୍ତୀ ସମୟରେ ପ୍ରଶାସନ ଏହାର ରକ୍ଷଣାବେକ୍ଷଣ କରିବାକୁ ଭୁଲିଯାଇଥିଲା। ଫଳରେ ବର୍ତ୍ତମାନ ପିଣ୍ଡି ଅବସ୍ଥା ଶୋଚନୀୟ ହୋଇପଡିଛି। ଏହି ପିଣ୍ଡିରେ ଏକାଧିକ ଅଂଶ ଭାଙ୍ଗିଯାଇଥିବା ବେଳେ ଗ୍ରାହକମାନଙ୍କ ପାଇଁ ତିଆରି ହୋଇଥିବା ପାଦଚଲା ପେଭର ବ୍ଲକଗୁଡିକ ଭୁଶୁଡି ପଡିଛି। ପିଣ୍ଡି ସମ୍ମୁଖରେ ଦିଆଯାଇଥିବା ସ୍ୱତନ୍ତ୍ର ଲୁହା ବ୍ୟାରିକେଟ୍ ଅଧାରୁ ଅଧିକ ଭାଙ୍ଗିଗଲାଣି। ସେହିପରି ପିଣ୍ଡିର ପ୍ଲାଷ୍ଟିକ ସେଡ୍ ଫାଟିଯାଇଥିବାରୁ ବର୍ଷାପାଣି ଝରୁଛି। ଏହି ସବୁ ଅବ୍ୟବସ୍ଥା ଯୋଗୁ ବର୍ତ୍ତମାନ ପିଣ୍ଡିରେ ଅଧିକାଂଶ ବ୍ୟବସାୟୀ ସେଠାରେ ପରିବା ବ୍ୟବସାୟ ନ କରି ପୁଣି ରାସ୍ତାକଡ଼ରେ ବସୁବାକୁ ମିଳୁଛି। ଅନ୍ୟପକ୍ଷେ ପିଣ୍ଡି ସମ୍ମୁଖ ପାଦଚଲା ରାସ୍ତାରେ ଜଳଖିଆ ଠେଲା ଦୋକାନଗୁଡିକ ଏହି ପିଣ୍ଡି ପରିସରକୁ କବ୍‌ଜା କରିବାରେ ଲାଗିଛି। ଆରଏମ୍‌ସି ପ୍ରଶାସନ ଏଥିପ୍ରତି ପଦକ୍ଷେପ ଗ୍ରହଣ କରିବାକୁ ଦାବି ହୋଇଛି। ଏ ନେଇ ଆର୍‌ଏମ୍‌ସି ଉପଆୟୁକ୍ତ ଅନିତା ନାୟକଙ୍କୁ ପଚାରିବାରୁ ସେ କହିଥିଲେ, ବାସନ୍ତୀ କଲୋନିସ୍ଥିତ ପରିବା ପିଣ୍ଡି ଅବ୍ୟବସ୍ଥା ନେଇ ଆମ ପାଖରେ କୌଣସି ଅଭିଯୋଗ ହୋଇନାହିଁ। ତଥାପି ଆମେ ଆମର ଏନ୍‌ଫୋର୍ସମେଣ୍ଟ ଟିମ୍ ପଠାଇ ଉକ୍ତ ପିଣ୍ଡି ସ୍ଥିତି ଅନୁଧ୍ୟାନ କରିବୁ। ପରେ ଏହାକୁ ନିର୍ମାଣ କରିବା ପାଇଁ ପଦକ୍ଷେପ ନେବୁ ବୋଲି ନାୟକ କହିଥିଲେ।



ବାସନ୍ତୀ କଲୋନି ଓଭରବ୍ରିଜ୍ କଡ଼ରେ ଥିବା ପରିବା ପିଣ୍ଡି।





**ସମ୍ବଲପୁର ଶୀତଳଷଷ୍ଠୀ ଯାତ୍ରାରେ ପତରପେଁଡି**

ଝାଡୁଆପଡ଼ା ଶ୍ରୀଲୋକନାଥ ବାବାଙ୍କୁ କନ୍ୟାଦାନ କରିବାକୁ ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ ସପତ୍ନୀକ ସଙ୍କଳ୍ପ କରୁଛନ୍ତି(ବାମ), ମୁଦିପଡା ଶ୍ରୀଜାଗେଶ୍ୱର ବାବା(ମଝି), ବଡ଼ବଜାର ଶ୍ରୀଶୀତଳେଶ୍ୱର ବାବା(ଡାହାଣ)।



ଠାକୁରପଡା ଶ୍ରୀଗୁପ୍ତେଶ୍ୱର ବାବା।



ବାଲିବନ୍ଧା ଶ୍ରୀସୋମନାଥ ବାବା।

# ଶ୍ରୀଲୋକନାଥ, ଜାଗେଶ୍ୱର ବାବାଙ୍କ ପତରପେଁଡି

**ସମ୍ବଲପୁର,୨୯।୫(ବି.ଶଙ୍କର)**

ସମ୍ବଲପୁର ପ୍ରସିଦ୍ଧ ଶୀତଳଷଷ୍ଠୀ ଯାତ୍ରାର ବିବିଧ ରୀତିନୀତି ଅନନ୍ୟ ଓ ନିଆରା ପରମ୍ପରା ରହିଛି। ଏହିକ୍ରମରେ ଗୁରୁବାର ରାତିରେ ସମ୍ବଲପୁର ମହାନଗର ନିଗମ ଅର୍ନ୍ତଗତ ୨୦ଟି ଯାତ୍ରା କମିଟି ଆୟୋଜନରେ ଦେବଦେବ ମହାଦେବଙ୍କ ପତରପେଁଡି ସମ୍ପନ୍ନ ହୋଇଛି। ମହାଦେବଙ୍କ ପତରପେଁଡି ଶୋଭାଯାତ୍ରାରେ ଲୋକନୃତ୍ୟ, ଲୋକବାଦ୍ୟ ଏବଂ ସାଂସ୍କୃତିକ କାର୍ଯ୍ୟକ୍ରମରେ ରାଜପଥ ଦୁଲୁକି ଉଠିଥିଲା। ଘଣ୍ଟ, ଶଙ୍ଖ, ହରିବୋଲ, ହୁଳହୁଳିରେ ଝଂକୃତ ହୋଇଥିଲା ବିଭିନ୍ନ ଶୈବ ପୀଠ । ମହାଦେବଙ୍କ ଜୟଧ୍ୱନିରେ ଶିବାଳୟଗୁଡିକରେ ଆଧ୍ୟାତ୍ମିକ ପରିବେଶ ସୃଷ୍ଟି ହୋଇଥିଲା। ରଙ୍ଗ ବେରଙ୍ଗ ଆଲୋକମାଳାରେ ଝଟକୁ ଥିଲା କନ୍ୟା ମାତାପିତାଙ୍କ ବାସଭବନ। ଯାତ୍ରା କମିଟି ଦ୍ୱାରା ନୂତନ ଶ୍ୱେତ ପାଟବସ୍ତ୍ରରେ ସଜ୍ଜିତ ହୋଇଥିବା ସର୍ଗିପତ୍ର, ଫୁଲ, ବେଲପତ୍ର ପତରପେଁଡି ମଣ୍ଡପରୁ କନ୍ୟାମାତା ପିତା ଗ୍ରହଣ କରିଥିଲେ। ଏହାପରେ ସର୍ଗିପତ୍ରକୁ ସେମାନେ ନିଜ ଠାକୁର ଘରେ ସାଇତି ରଖି ଥିଲେ। ବାଜା ରୋଶଣୀ, ଆତଶବାଜି, ଦୁଲ୍‌ଦୁଲି ବଜା, କିନ୍ନରଙ୍କ ନୃତ୍ୟ ଛଟା, ବାଡିଖେଳରେ ପ୍ରଭୃତି ସାଂସ୍କୃତିକ କାର୍ଯ୍ୟକ୍ରମର ତାଳରେ ଝାଡୁଆପଡା ଶ୍ରୀଶ୍ରୀ ଲୋକନାଥ ବାବା, ମୁଦିପଡା ଶ୍ରୀଶ୍ରୀ ଜାଗେଶ୍ୱର ବାବାଙ୍କ ସମେତ ସର୍ବ ପୁରାତନ ଶ୍ରୀଶ୍ରୀ ସୋମନାଥ ବାବା, ବଡବଜାର ଶ୍ରୀଶ୍ରୀ ଶୀତଳେଶ୍ୱର ବାବା, ଠାକୁରପଡା ଶ୍ରୀଶ୍ରୀ ଗୁପ୍ତେଶ୍ୱର ବାବା, ବୁଢ଼ାରଜା ମହାଦେବ, ଭତରା ଶଙ୍କର ମଠ, ଭୁତାପଡା ଭୁତନାଥ ବାବା, କୁଲୁଥକାନୀ କଣ୍ଟେଶ୍ୱର, ସିନ୍ଦୁରପଙ୍କ ତାରେକେଶ୍ୱର, ହୀରାକୁଦ, ମାନେଶ୍ୱର, ସାଲିଆ ବଗିଚା, ଫାଟକ, ବରେଇପାଲି, କୁଲୁଥକାନୀ, ଦଲେଇପଡ଼ା, ଦୁର୍ଗାପାଲି, ଶଙ୍କରମଠ, ବୁର୍ଲା, ସାକ୍ଷୀପଡ଼ା ଏବଂ କ୍ଷେତରାଜପୁରଙ୍କ ପଣ୍ଡିତମାନଙ୍କ ସାମୂହିକ ମନ୍ତ୍ରାଚାରଣରେ ପତରପେଁଡି ହୋଇଥିଲା । ବରପିତା, ବରପକ୍ଷ ଅତିଥି ଏବଂ ନିର୍ବନ୍ଧ ଭାରକୁ କନ୍ୟାପକ୍ଷ ଦ୍ୱାରା ପୁଷ୍ପ ବୃଷ୍ଟି କରି ଘରକୁ ପାଛୋଟି ନେଇଥିଲେ। ଶିବ ପାର୍ବତୀଙ୍କ ବିବାହରେ ସାକ୍ଷୀ ହେବାକୁ ସାକ୍ଷୀ ଗୋପିନାଥ ଶୁକ୍ରବାର ରାତି ୮ଟରେ ନନ୍ଦପଡା ବମବରାଡ ବାଲୁଙ୍କେଶ୍ୱର ବାବାଙ୍କ ପୀଠରେ ପହଞ୍ଚିବା ନୀତି ରହିଛି । ଏଥିସହ ବୀର ହନୁମାନ ସୁସଜ୍ଜିତ ବିମାନରେ ଆରୁଢ଼ ହୋଇ ଦେବ ବିବାହର ସାମିଲ ହେବାକୁ ଦେବୀଦେବାଙ୍କୁ ନିମନ୍ତ୍ରଣ କରିବାର କାର୍ଯ୍ୟକ୍ରମ ରହିଛି ।

**ମହାଦେବଙ୍କ ଜୟଧ୍ୱନିରେ ଶିବାଳୟ ମୁଖରିତ**

## ଲୋକନାଥ ବାବା

ଝାଡୁଆପଡା ଶ୍ରୀ ଶ୍ରୀ ଲୋକନାଥ ବାବାଙ୍କ ବରପିତା ଅମରନାଥ ସୁପକାର ସୁସଜ୍ଜିତ ବିମାନରେ ଆରୁଢ଼ ହୋଇ ରୌପ୍ୟ ଥାଳରେ ଶାଳପତ୍ର ଓ ପୂଜା ସାମଗ୍ରୀ ନେଇ ମନ୍ଦିର ସମ୍ମୁଖରୁ ଯାତ୍ରାରେ ବାହାରିଥିଲେ । ସପ୍ତରଷିମାନେ ସୁସଜ୍ଜିତ ବିମାନରେ ବସି ସାକ୍ଷୀପଡାସ୍ଥିତ କନ୍ୟା ବାସଭବନରେ ପହଞ୍ଚିଥିଲେ । ବରପିତା ଓ ସପ୍ତରଷିଙ୍କୁ କନ୍ୟାମାତା ପଦ୍ମିନୀ ନାୟକ ଓ ରାଜସ୍ୱ ମନ୍ତ୍ରୀ ତଥା କନ୍ୟାପିତା ସୁରେଶ ପୂଜାରୀ ଭିତରକୁ ପାଛୋଟି ନେଇଥିଲେ । ପଣ୍ଡିତ ମହେନ୍ଦ୍ର ପୂଜାରୀ ହୋମ, ନିର୍ବନ୍ଧ ପୂଜାର୍ଚ୍ଚନା କରିଥିବା ବେଳେ ମନ୍ଦିର ପୂଜକ ରାମନାଥ ମହାପାତ୍ର ସହଯୋଗ କରିଥିଲେ। ଯାତ୍ରା କମିଟି ସଭାପତି ସରୋଜ ଦଲପତ, ସୁଶାନ୍ତ କୁମାର ପୁରୋହିତ, ସଞ୍ଜୟ ମିଶ୍ର, ଅନୁପମ ମିଶ୍ର, ଅଭିଷେକ ମିଶ୍ରଙ୍କ ତତ୍ତ୍ୱାବଧାନରେ ଯାତ୍ରା ହୋଇଥିଲା। ଯାତ୍ରା ଗୌରମଠ ଗଳି, ଗୁରୁପଡା, ମହାନ୍ତିପଡା, କଂସାରୀପଡା, ବୈଦ୍ୟନାଥ ଛକ, ଗୋଲବଗାର ଛକ, ଲକ୍ଷ୍ମୀ ଟକିଜ ଛକ, ଭିଏସଏସ ମାର୍ଗ, ସାକ୍ଷୀପଡା ପରିକ୍ରମା କରିଥିଲା।

## ଜାଗେଶ୍ୱର ବାବା

ସୁସଜ୍ଜିତ ବିମାନରେ ମୁଦିପଡା ଶ୍ରୀଶ୍ରୀ ଜାଗେଶ୍ୱର ବାବାଙ୍କ ବରପିତା ମଧୁସୂଦନ ନେଗୀ ସପ୍ତରଷିଙ୍କ ସହ ଶୋଭାଯାତ୍ରାରେ କନ୍ୟା ମାତାପିତାଙ୍କ ଅସ୍ଥାୟୀ ବାସଭବନ ପାଟଣେଶ୍ୱରୀଙ୍କ କଲ୍ୟାଣ ମଣ୍ଡପରେ ପହଞ୍ଚିଥିଲେ। ଏହାପରେ ପଣ୍ଡିତ କୃଷ୍ଣଚନ୍ଦ୍ର ପାଣିଗ୍ରାହୀ ପୂଜାର୍ଚ୍ଚନା କରିଥିବାବେଳେ ମନ୍ଦିର ପୂଜକ ଗୋବିନ୍ଦ ପଣ୍ଡା ସହଯୋଗ କରିଥିଲେ। ଅରବିନ୍ଦ ମହାପାତ୍ର, ରାମେଶ୍ୱର ପୁରୋହିତ, ଡ.ବିଶ୍ୱରଞ୍ଜନ ପୂଜାରୀ, ଦୁର୍ଗା ପ୍ରସାଦ ଦାସ, ରାଜକିଶୋର ମିଶ୍ର, ସୁବୋଧ କୁମାର ପଣ୍ଡା ସପ୍ତରଷି ଥିଲେ। କନ୍ୟାମାତା ମଧୁସ୍ମିତା ପଣ୍ଡା ଓ କନ୍ୟାପିତା ମୃତ୍ୟୁଞ୍ଜୟ ଦାଶ ପାଦ ଧୌତ କରିବା ସହ ଘରକୁ ସ୍ୱାଗତ କରିଥିଲେ। ଯାତ୍ରା କମିଟି ସଭାପତି ଜଗଦୀଶ ପଣ୍ଡାଙ୍କ ସମେତ କର୍ମକର୍ତ୍ତାମାନେ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ମୁଦିପଡା ଛକ, କୁଷ୍ୟଜଳପଡା ଛକ, ବାଲିବନ୍ଧା, ରାମଜୀ ଗୁଡି ଅଞ୍ଚଳ ଦେଇ ପତରପେଁଡି ଯାତ୍ରା ପରିକ୍ରମା କରିଥିଲା ।

# ରାଜ୍ୟ ନିର୍ବାଚନ ଆୟୁକ୍ତଙ୍କ ସମ୍ବଲପୁର ଗସ୍ତ

**ସମ୍ବଲପୁର,୨୯।୫(ପ୍ରମୋଦ ବହିଦାର)**

ରାଜ୍ୟ ନିର୍ବାଚନ ଆୟୁକ୍ତ ମଧୁସୂଦନ ପାଢ଼ୀ ସମ୍ବଲପୁର ଗସ୍ତରେ ଆସି ୪ ଜିଲାର ପଞ୍ଚାୟତ ଓ ଅର୍ବାନ ଲୋକାଲ ବଡି(ୟୁଏଲ୍‌ବି) ନିର୍ବାଚନ ପ୍ରସଙ୍ଗରେ ଆଲୋଚନା କରିଛନ୍ତି। ସମ୍ବଲପୁର ଜିଲାପାଳ କାର୍ଯ୍ୟାଳୟ ପରିସରସ୍ଥ ସମଗ୍ର ଶିକ୍ଷା ଅଭିଯାନ ସମ୍ମିଳନୀ କକ୍ଷରେ ଗୁରୁବାର ପୂର୍ବାହ୍ଣରେ ଅନୁଷ୍ଠିତ ବୈଠକରେ ନିର୍ବାଚନ ଆୟୁକ୍ତ ପାଢ଼ୀ ସମ୍ବଲପୁର ସହିତ ବରଗଡ଼, ଦେବଗଡ଼ ଓ ସୁବର୍ଣ୍ଣପୁର ଜିଲାର ଜିଲାପାଳ, ଜିଲା ପଞ୍ଚାୟତ ଅଧିକାରୀ, ମହାନଗର ନିଗମ ଓ ବିଜ୍ଞାପିତ ଅଞ୍ଚଳ ପରିଷଦ କାର୍ଯ୍ୟନିର୍ବାହୀ ଅଧିକାରୀମାନଙ୍କ ସହିତ ରାଜ୍ୟରେ କେତେକ ପଞ୍ଚାୟତରେ ହେବାକୁ ଥିବା ଉପନିର୍ବାଚନ ଓ ଆସନ୍ତା ୨୦୨୭ ପଞ୍ଚାୟତ ଓ ୟୁଏଲ୍‌ବି ନିର୍ବାଚନକୁ ବିଭିନ୍ନ ପ୍ରସଙ୍ଗରେ ଆଲୋଚନା କରିଥିଲେ। ଏହି ଅବସରରେ ପ୍ରତ୍ୟେକ ଜିଲା ପକ୍ଷରୁ ନିଜ ଅଞ୍ଚଳର ନିର୍ବାଚନ ନେଇ ପାୱାର ପଏଣ୍ଟ ଉପସ୍ଥାପନା କରାଯାଇଥିଲା।

# ତହସିଲଦାରଙ୍କ ବିରୋଧରେ ଅଦାଲତ ଅବମାନନା ମାମଲା

**ସମ୍ବଲପୁର,୨୯।୫(ପ୍ରମୋଦ ବହିଦାର)**

ସମ୍ବଲପୁର ସଦର ତହସିଲଦାରଙ୍କ ବିରୋଧରେ ହାଇକୋର୍ଟରେ ଅଦାଲତ ଅବମାନନା ମାମଲା ରୁଜୁ ହୋଇଛି। ୨୦ ଡିସିମିଲ ପରିବର୍ତ୍ତ କେବଳ ୨ଡିସିମିଲ୍ ଉଲ୍ଲେଖ ଥିବା ଏକ ଜମି ପଟ୍ଟାର ସଂଶୋଧନ ପାଇଁ ଟାଳଟୁଳ ନୀତି ଆପଣେଇଥିବା ଅଭିଯୋଗରେ ତହସିଲଦାରଙ୍କ ବିରୋଧରେ ଏହି ମାମଲା ରୁଜୁ ହୋଇଛି।

ମିଳିଥିବା ସୂଚନା ଅନୁସାରେ ଅଇଁଠାପାଲି ଅଞ୍ଚଳର ନିବେଦିତା ନାୟକ ଅଇଁଠାପାଲି ସଙ୍କର୍ମା ନିବାସୀ ଏନ୍ ରାମା ତୁଳସୀ ନାମ୍ନୀ ଜଣେ ମହିଳାଙ୍କଠାରୁ ୨୦ ଡିସିମିଲ୍ ଜମି କ୍ରୟ କରିଥିଲେ। ୨୦୧୩ ମସିହା ମାର୍ଚ୍ଚ ୬ରେ ସମ୍ବଲପୁର ଉପନିବନ୍ଧକଙ୍କ ନିକଟରେ ଏହାକୁ ପଞ୍ଜିକୃତ କରିଥିଲେ। ପରବର୍ତ୍ତୀକାଳରେ ସମ୍ବଲପୁର ସଦର ତହସିଲଦାରଙ୍କ କାର୍ଯ୍ୟାଳୟ ପକ୍ଷରୁ ୨୦୧୪ ମସିହାରେ ତାଙ୍କ ନାମରେ ଦିଆଯାଇଥିବା ପଟ୍ଟାରେ ଜମିର ପରିମାଣ ୨୦ ଡିସିମିଲ ବଦଳରେ କେବଳ ୨ ଡିସିମିଲ ଉଲ୍ଲେଖ ରହିଥିଲା। ଏହାକୁ ନେଇ ସେ ତହସିଲଦାରଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ତହସିଲଦାର ପଟ୍ଟା ସଂଶୋଧନ କରିବାକୁ ପ୍ରତିଶ୍ରୁତି ଦେଇ ଦିନ ଗଡ଼ାଇ ଚାଲିଲେ। ଏଥିରେ ଅତିଷ୍ଠ ହୋଇ ନିବେଦିତା ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ହାଇକୋର୍ଟ ଏହି ମାମଲାର ରାୟ ଶୁଣାଇ ଗତ ୨୦୨୪ ନଭେମ୍ବର ୨୦ରେ ତୁରନ୍ତ ଜମି ପଟ୍ଟାରେ ଥିବା ଭୁଲ୍ ସଂଶୋଧନ କରି ନିବେଦିତାଙ୍କୁ ୨୦ଡିସିମିଲ ପରିମିତ ଜମିର ଏକ ନୂତନ ପଟ୍ଟା ପ୍ରଦାନ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ମାତ୍ର ହାଇକୋର୍ଟଙ୍କ ନିର୍ଦ୍ଦେଶକୁ ପାଳନ କରିବା ପରିବର୍ତ୍ତେ ସଦର ତହସିଲଦାର ମାମଲାକୁ କୋର୍ଟ ବାହାରେ ରଫାରଫା କରିବାକୁ ନିବେଦିତାଙ୍କ ଓକିଲଙ୍କୁ ପ୍ରଲୋଭିତ କରିଥିଲେ। ଏହା ଜାଣିଲା ପରେ ନିବେଦିତା ପୁନର୍ବାର ହାଇକୋର୍ଟରେ ଅଭିଯୋଗ ଦାଖଲ କରିଥିଲେ। ତାଙ୍କ ଅଭିଯୋଗ ଆଧାରରେ ହାଇକୋର୍ଟରେ ତହସିଲଦାରଙ୍କ ବିରୋଧରେ ଅଦାଲତ ନିର୍ଦ୍ଦେଶ ଅବମାନନା ମାମଲା ରୁଜୁ ହୋଇଛି। ଏହାସହ ଏହି ଜାଲିଆତିରେ ସମ୍ପୃକ୍ତ ଥିବା ଅନ୍ୟମାନଙ୍କ ବିରୋଧରେ ମଧ୍ୟ ଏତଲା ଦେବାକୁ ସଜବାଜ ହେଉଛନ୍ତି ବୋଲି ନିବେଦିତା ପ୍ରକାଶ କରିଛନ୍ତି।

**୨୦ ଡେସିମିଲ ବଦଳରେ ୨ ଡେସିମିଲର ପଟ୍ଟା ଦେଇ ମାମଲା ରଫାଦଫା ପ୍ରୟାସ**

# ମା'ଙ୍କୁ କନ୍ୟାରୂପେ ପାଇବା ପୂର୍ବଜନ୍ମର ପୁଣ୍ୟ ଫଳ

**ସମ୍ବଲପୁର,୨୯।୫(ପ୍ରମୋଦ ବହିଦାର)**

ସମ୍ବଲପୁର ଠାକୁରପଡ଼ାର ଗୁପ୍ତେଶ୍ୱରବାବାଙ୍କୁ ମାତା ପର୍ବତାଙ୍କୁ ଝିଅ ଭାବେ କନ୍ୟାଦାନ କରିବୁ। ଦେବ ବିବାହ ଉଭୟ ଓଡ଼ିଆ ଓ ମାରୱାଡ଼ି ପରମ୍ପରା ଅନୁଯାୟୀ ସମ୍ପୂର୍ଣ୍ଣ ଲୋକାଚାରରେ ଆୟୋଜନ କରିବୁ। ଗୁପ୍ତେଶ୍ୱର ବାବାଙ୍କ ଶୀତଳଷଷ୍ଠୀ କମିଟିର ମାତା ପାର୍ବତୀଙ୍କ କନ୍ୟା ମାତାପିତା ଦାୟିତ୍ୱ ବହନ କରିଥିବା ଅଳକା ଦେବୀ ଓ ରାଜେନ୍ଦ୍ର ଶର୍ମା କହିଛନ୍ତି। ପାଞ୍ଚଗଛିଆ ଛକ ନିକଟ ସର୍ବେଶ୍ୱର ଏନକ୍ଲାଭ ବାସିନ୍ଦା ଶର୍ମା ଦମ୍ପତ୍ତି କହିଛନ୍ତି, ଗତ ୧୦ବର୍ଷ ମଧ୍ୟରେ ତାଙ୍କ ପରିବାରରେ ୫ ଜଣଙ୍କୁ ହରାଇ ସାରିଛନ୍ତି। ୨୦୧୪ ମସିହା ହୀରାକୁଦ ଡଙ୍ଗାବୁଡ଼ିରେ ତାଙ୍କର ଦୁଇ ଝିଅ ଓ ସାନଭାଇଙ୍କ ମୃତ୍ୟୁ ଘଟିଥିଲା। ଏଭଳି ପରିସ୍ଥିତିରେ ଚଳିତବର୍ଷ କନ୍ୟା ମାତାପିତା ଦେବାର ସୌଭାଗ୍ୟ ଅର୍ଜନ କରି ଆମେ ବେଶ ଆନନ୍ଦିତ। ମାତା ପାର୍ବତୀଙ୍କୁ କନ୍ୟା ରପେ ପାଇବା ପୂର୍ବ ଜନ୍ମର ପୁଣ୍ୟର ଫଳ ବୋଲି ସେମାନେ କହିଛନ୍ତି। ବିବାହ ପ୍ରସ୍ତୁତି ସମ୍ପର୍କରେ ଅଳକା କହିଛନ୍ତି ଅତିଥି ନିମନ୍ତ୍ରଣ ସରିଛି।



ପରିବାର ଲୋକଙ୍କ ସହ ଗୁପ୍ତେଶ୍ୱର ବାବା ଶୀତଳଷଷ୍ଠୀ କମିଟି କନ୍ୟା ମାତାପିତା।

**ଗୁପ୍ତେଶ୍ୱର ବାବାଙ୍କ ଶୀତଳଷଷ୍ଠୀ**

ମାତା ପାର୍ବତାଙ୍କ ପାଇଁ ପାଟଶାଢ଼ୀ, ମାଳି, ମୁଦି, ମଥାମଣୀ, କାନଫୁଲ, ନଥ, ଗୋଡ଼ମୁଦି, ପାଉଁଜି ଆଦି ସୁନା ଓ ରୂପାର ବିଭିନ୍ନ ଅଳଙ୍କାର ସହିତ ସମସ୍ତ ପ୍ରକାର ଘରକରଣା ଓ ଜାନି ଯୌତୁକ ସାମଗ୍ରୀ କ୍ରୟ ସରିଛି। ଜ୍ୱାଇଁରୂପୀ ମହାଦେବଙ୍କ ପାଇଁ ସୁନାମାଳି, ମୁଦି, ରୂପାର ତ୍ରିଶୂଳ, କଠଉ, ଡମ୍ବରୁ, ବେଲପତ୍ର ଆଦି ମଧ୍ୟ କ୍ରୟ କରାଯାଇଛି। ବିବାହ ୩୧ ତାରିଖ ତାଙ୍କ ସର୍ବେଶ୍ୱର ଏନ୍‌କ୍ଲାଭ୍ ବାସଭବନରେ ଅନୁଷ୍ଠିତ ହେବ। ଏଥିପାଇଁ ତାଙ୍କ ଘରେ ବର୍ତ୍ତମାନଠାରୁ କୁଣିଆ ମୈତ୍ରଙ୍କ ଭିଡ଼ ଆରମ୍ଭ ହୋଇଗଲାଣି ବୋଲି କହିଛନ୍ତି ଅଳକା।

# ଖ୍ରୀଷ୍ଟିଆନ ଫୋରମ ପକ୍ଷରୁ ଦାବିପତ୍ର

**କୁଚିଣ୍ଡା,୨୯।୫(ବିରଞ୍ଚି ଦର୍ଶୀ)**

**ଖ୍ରୀଷ୍ଟୀୟ ଅନୁଷ୍ଠାନରେ ହୋଇଥିବା ଡକାୟତଙ୍କୁ ଧର**

ସମ୍ବଲପୁର ଓ ଝାରସୁଗୁଡା ଜିଲାର ବିଭିନ୍ନ ସ୍ଥାନୀୟ ଅନୁଷ୍ଠାନ ଗୁଡିକରେ ହୋଇଥିବା ଲୁଟ ଓ ଡକାୟତି ଘଟଣାର ଅପରାଧୀଙ୍କୁ ଶୀଘ୍ର ଧରିବାକୁ ଖ୍ରୀଷ୍ଟିଆନ ଫୋରମ ପକ୍ଷରୁ ଗୁରୁବାର କୁଚିଣ୍ଡା ଏସ୍‌ଡିପିଓ ଏବଂ ଉପଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ଫୋରମ ଜନ ସାମିଲ ଲାକ୍ରାଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ପୃଥକ ପୃଥକ ଭାବେ ଏସ୍‌ଡିପିଓ ପ୍ରଦୀପ କୁମାର ଦାସ ଓ ଉପଜିଲାପାଳ ଗୌରବମୟ ପ୍ରଧାନଙ୍କୁ ସାକ୍ଷାତ କରି ଏହି ଦାବିପତ୍ର ପ୍ରଦାନ କରିଛନ୍ତି। ୨୦୨୩ ମେ ୩୧ ବିଳମ୍ବିତ ରାତିରେ ବାମରା ବ୍ଲକ ମହୁଲପାଲି ଥାନା ଅନ୍ତର୍ଗତ ଅମଲିଖମନ ଚର୍ଚ୍ଚ,୨୦୨୪ ଏପ୍ରିଲ ୧୦ରେ ଝାଝାରସୁଗୁଡା ଜିଲା ଲଇକେରା ଥାନା ବାଗଡିହି ଚର୍ଚ୍ଚ ଏବଂ ଚଳିତ ମାସ ୨୩ ତାରିଖ ରାତିରେ କୁଚିଣ୍ଡା ଥାନା ଚାରଭାଟି କାର୍ମଶାଳା ନେଇ ନିକେତନରେ ଖ୍ରୀଷ୍ଟିଆନ ଫାଦରଙ୍କୁ ମାଡମାରି ଡକାୟତମାନେ ଟଙ୍କା ଲୁଟିନେଇଥିଲେ। ବାରମ୍ବାର ଖ୍ରୀଷ୍ଟିଆନ ଅନୁଷ୍ଠାନ ଗୁଡିକରେ ଏଭଳି ଆକ୍ରମଣ ଓ ଡକାୟତି ଘଟଣା ବିରୋଧରେ ପୋଲିସ କାର୍ଯ୍ୟାନୁଷ୍ଠାନ କରି ଡକାୟତିରେ ସଂପୃକ୍ତ ଅପରାଧିଙ୍କୁ ଧରିବାରେ ବିଫଳ ହୋଇଛି। ତେଣୁ ଶୀଘ୍ର ଘଟଣାରେ ତଦନ୍ତ ପୂର୍ବକ ଏଥିରେ ଜଡିତ ଅପରାଧିଙ୍କୁ ଧରିବାକୁ ସେମାନେ ଦାବି କରିଛନ୍ତି। ଦାବିପତ୍ର ପ୍ରଦାନରେ ଖ୍ରୀଷ୍ଟିଆନ ଫୋରମର ପିଟର ଟେଟେ, ପାଉଲୁସ ତିର୍କୀ, ସରୋଜିନୀ ଏକ୍କା, ଅମୃସ ବାଆ, ବେଥେଲ ଚର୍ଚ୍ଚ ବିଶପ ଆଗୁଷ୍ଟିନ ଡୁଙ୍ଗଡୁଙ୍ଗ, ଫାଦର ଅନିଲ ଖାଲଖୋ, ଫାଦର ନିରଞ୍ଜନ ଜେନା, ଜନ ବେକ, ଲୁଇସ ବାର୍ଲା ପ୍ରମୁଖ ସାମିଲ ହୋଇଥିଲେ।




କୁଚିଣ୍ଡା ଏସ୍‌ଡିପିଓଙ୍କୁ ଦାବିପତ୍ର ପ୍ରଦାନ କରାଯାଉଛି।

## ସଂକ୍ଷେପରେ

### ମଣ୍ଡିରେ ପଡିରହିଛି ୩୦ ହଜାର କୁଇଣ୍ଟାଲ ଧାନ

**ନୂଆପଡ଼ା, ୨୯।୫ (ମକାରୁ ବେମାଲ):** ନୂଆପଡ଼ା ଜିଲାରେ ରବି ଧାନ ସଂଗ୍ରହ ପାଇଁ ଗତ ୨୦ରେ ମଣ୍ଡି ଆରମ୍ଭ ହୋଇଥିଲା। ଧାନ ବିକ୍ରୟ କରିବା ପାଇଁ ଜିଲାରେ ୧୩ ହଜାର ୨୭୬ ଜଣ ଚାଷୀ ନାମ ପଞ୍ଜୀକରଣ କରିଛନ୍ତି। ଜିଲାରେ ରବି ଋତୁରେ ୩ ଲକ୍ଷ ୮୯ ହଜାର କୁଇଣ୍ଟାଲ ଧାନ ସଂଗ୍ରହ ପାଇଁ ଲକ୍ଷ୍ୟ ରଖାଯାଇଛି। ୪୧ ପ୍ରାଥମିକ କୃଷି ସମବାୟ ସମିତି ଓ ୬ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ମାଧ୍ୟମରେ ୨୪ ମିଲର୍ସ ଦ୍ୱାରା ଧାନ କ୍ରୟ କରାଯିବ। ଜିଲାରେ ୯ ଦିନ ଭିତରେ ୯୦୬ ଜଣ ଚାଷୀଙ୍କଠାରୁ ୫୬ ହଜାର ୧୯୨ କୁଇଣ୍ଟାଲ ଧାନ ସଂଗ୍ରହ କରାଯାଇଛି। ବିଭିନ୍ନ ମଣ୍ଡିରେ ୨୩୬ ଜଣ ଚାଷୀଙ୍କ ୩୦ ହଜାର ୪୩ କୁଇଣ୍ଟାଲ ଧାନ ପଡି ରହିଛି । ଲଘୁଚାପ ଜନିତ ବର୍ଷାରେ ଧାନ ଉଠାଇବା କାର୍ଯ୍ୟ ଧିମେଇ ଯାଇଛି । ମଣ୍ଡିରେ ଚାଷୀ ଧାନ ରଖି ଜଗି ରହିଛି । ଜିଲାର ଅଧିକାଂଶ ମଣ୍ଡିରେ ଧାନ ରଖିବା ପାଇଁ ସେଡ୍ ନିର୍ମାଣ ହୋଇ ସାରିଥିବା ବେଳେ ୫ରୁ ୬ଟି ମଣ୍ଡିରେ ସେଡ୍ ନିର୍ମାଣ ହୋଇ ନାହିଁ। ଯେଉଁ ମଣ୍ଡିରେ ସେଡ୍ ନିର୍ମାଣ ହୋଇ ନାହିଁ ତାହାର ପ୍ରସ୍ତାବ ସରକାରଙ୍କ ନିକଟକୁ ପଠାଯାଇଛି, ଶୀଘ୍ର ସେଠାରେ ନିର୍ମାଣ କରାଯିବ ବୋଲି ଡିଆର୍‌ସିଏସ୍ ଶିବ ପ୍ରସାଦ ସ୍ୱାଇଁ କହିଛନ୍ତି। ଜିଲାରେ ସୁରୁଖୁରୁରେ ଧାନ ବିକ୍ରୟ କରିବା ପାଇଁ ଜିଲା ପ୍ରଶାସନ ପକ୍ଷରୁ ସମସ୍ତ ପ୍ରକାର ବ୍ୟବସ୍ଥା କରାଯାଇଛି ।

### ବର୍ଷାରେ ବେହାଲ ମୁଖିଗୁଡ଼ା ଘାଟି ରାସ୍ତା



**ଥୁଆମୂଳ ରାମପୁର, ୨୯।୫ (ଦୁର୍ଗା କୀର୍ତ୍ତି):** କଳାହାଣ୍ଡି ଜିଲା ଥୁଆମୂଳ ରାମପୁର ବ୍ଲକ ଅନ୍ତର୍ଗତ ମହୁଲପାଟଣା-ମୁଖିଗୁଡା ଘାଟି ରାସ୍ତା ସାମାନ୍ୟ ବର୍ଷାରେ ବେହାଲ ହୋଇପଡିଛି। ଏହି ରାସ୍ତା ଥୁଆମୂଳ ରାମପୁର ବ୍ଲକଠାରୁ ଜୟପାଟଣା, କୋକସରା, ଜୁନାଗଡ଼, ଧର୍ମଗଡ ବ୍ଲକ ସମେତ ପଡୋଶୀ ଜିଲା ନବରଙ୍ଗପୁରକୁ ସଂଯୋଗ କରୁଛି। ଥୁଆମୂଳ ରାମପୁର ବ୍ଲକର ମହୁଲପାଟଣା, ପାଡେପଦର, ବଡ଼ଛତ୍ରଙ୍ଗ, ଅଡ୍ରି, ଗୋପୀନାଥପୁର ସମେତ ମୁଖିଗୁଡ଼ା, ମଙ୍ଗଳପୁର, ଧନସୁଲି ଆଦି ପଞ୍ଚାୟତର ଜନସାଧାରଣ ଏହି ରାସ୍ତା ଉପରେ ନିର୍ଭର କରୁଛନ୍ତି। ଏପରି କି ବ୍ୟବସାୟୀଙ୍କ ଯାନବାହନଠାରୁ ଆରମ୍ଭ କରି ସ୍କୁଲ କଲେଜର ଛାତ୍ରୀଛାତ୍ର ଘାଟି ରାସ୍ତାରେ ଯାତାୟାତ କରୁଛନ୍ତି। ମହୁଲପାଟଣା-ଗୋପୀନାଥପୁର ରାସ୍ତା ସମ୍ପ୍ରସାରଣ ପାଇଁ ଜେସିବି, ଟିପ୍ପର, ହାଇୱା, ଟ୍ରକ୍ ଆଦି ଯାନ ନିୟମିତ ଯା'ଆସ କରୁଥିବାରୁ ରାସ୍ତା ଶୋଚନୀୟ ହୋଇପଡିଥିବା ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି। ଖାଲଖମାପୂର୍ଣ୍ଣ ରାସ୍ତାରେ ଲୋକେ ଦୁର୍ଘଟଣାର ସମ୍ମୁଖୀନ ହେଉଛନ୍ତି। ଏବେ ବର୍ଷା ଲାଗିରହିଥିବାରୁ ପାହାଡରୁ ପାଣି ଓ ମାଟିଅତଡା ଖସି ରାସ୍ତା ବେହାଲ ହୋଇପଡ଼ିଛି। ସ୍ଥାନୀୟ ଲୋକ ପ୍ରତିନିଧି କିମ୍ବା ଜିଲା ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।

# ୬୩୩ ଅଙ୍ଗନୱାଡ଼ି କେନ୍ଦ୍ରର ନିଜସ୍ୱ ଗୃହ ନାହିଁ

**ଭବାନୀପାଟଣା, ୨୯।୫ (ଉତ୍ତମ କୁମାର ଦାଶ)**

**କଳାହାଣ୍ଡି ଜିଲା**

**ଅନୁଦାନ ଟଙ୍କା ପଡିଛି, ନିର୍ମାଣ ହୋଇପାରୁ ନାହିଁ**

ଛୋଟ ପିଲାଙ୍କୁ ଆନନ୍ଦମୟ ପରିବେଶ ଭିତରେ ଶିକ୍ଷାଦାନ ଲାଗି ଅଙ୍ଗନୱାଡ଼ି କେନ୍ଦ୍ରକୁ ଅଧିକ ଆକର୍ଷଣୀୟ କରାଯିବ। କଳାହାଣ୍ଡି ଜିଲାର ଯେଉଁ କେନ୍ଦ୍ରର ନିଜସ୍ୱ କୋଠା ନାହିଁ ତାହା ନିର୍ମାଣ ହେବ। ବିଶେଷକରି କେନ୍ଦ୍ରର କାନ୍ଥ, ଛାତ, ଚଟାଣ, ହତା ଓ ପାଚେରିକୁ ରଙ୍ଗିନ ଚିତ୍ର ଓ ରୂପ ଦିଆଯିବ। ତା' ସାଙ୍ଗକୁ କେନ୍ଦ୍ରର ହତା ଭିତରେ ଦୋଳି ଓ ସ୍ୟାଣ୍ଡ ପିଟ ଭଳି ସୁବିଧା ପିଲାମାନଙ୍କୁ ଖେଳକୁଦ ସହ ଆନନ୍ଦଦାୟକ ଅନୁଭୂତି ଦେବ ବୋଲି ସୁନ୍ଦର କଥା ଶୁଣାଇଥିଲେ ବିଗତ ଦିନର ରାଜ୍ୟ ସରକାର। ମାତ୍ର ତାହା ଏବେ ବି କଳାହାଣ୍ଡି ଜିଲାରେ ଦେଖିବାକୁ ମିଳିଲା ନାହିଁ। ମିଳିଥିବା ସୂଚନା ଅନୁଯାୟୀ, ଜିଲାରେ ମୋଟ ୨୩୬୩ଟି ଅଙ୍ଗନୱାଡ଼ି କେନ୍ଦ୍ର ଥିବାବେଳେ ଏବେ ବି ୬୩୩ଟି କେନ୍ଦ୍ରର ନିଜସ୍ୱ ଗୃହ ନାହିଁ। ବର୍ତ୍ତମାନ ଏହି କେନ୍ଦ୍ରଗୁଡିକ ଭଡା ଘରେ ଚାଲିଛି। ବିଗତ ଦିନରେ ଜିଲାକୁ ୨୨୭୨ଟି ଅଙ୍ଗନୱାଡ଼ି କେନ୍ଦ୍ର ପାଇଁ ଅନୁଦାନ ମଞ୍ଜୁର ହୋଇଥିବା ଜଣାଯାଇଛି। ମାତ୍ର ତୃଣମୂଳ ସ୍ତରରୁ ମିଳିଥିବା ତଥ୍ୟ ଅନୁଯାୟୀ ନିଜସ୍ୱ କୋଠା ଥିବା ଅଧାରୁ ଅଧିକ କୋଠାର ସ୍ଥିତି ଶୋଚନୀୟ।

ଜିଲାର ଲାଞ୍ଜିଗଡ଼ ବ୍ଲକ ଲାଞ୍ଜି ପଞ୍ଚାୟତକୁ ଉଦାହରଣ ଭାବେ ନିଆଯାଇପାରେ। ଏହି ପଞ୍ଚାୟତର ମୁଶାନାଳ ଅଙ୍ଗନୱାଡ଼ି କେନ୍ଦ୍ର ଅଞ୍ଚଳର ସବୁଠୁ ପୁରୁଣା। ଏଠାରେ ମୁଶାନାଳ ସମେତ ମଠାଗୁଡ଼ା ଓ ଲାଞ୍ଜି ଆଦି ୩ ଗାଁର ପ୍ରାୟ ୫୦ରୁ ଅଧିକ ଶିଶୁ ଓ ମା'ମାନେ ନିର୍ଭର କରୁଛନ୍ତି। ତେବେ ଅଞ୍ଚଳବାସୀଙ୍କ କହିବା ଅନୁଯାୟୀ କେନ୍ଦ୍ରର ନିଜସ୍ୱ ଘର ଥିଲେ ବି ତାହା ବିପଦସଙ୍କୁଳ ଅବସ୍ଥାରେ ରହିଛି। କୁନି ପିଲାଙ୍କ ସୁରକ୍ଷା ପାଇଁ ଉକ୍ତ କେନ୍ଦ୍ରକୁ ବ୍ୟବହାର ନ କରି ନିକଟସ୍ଥ ଜଣକ ଘରେ ଦିଦି ପିଲାଙ୍କୁ ନେଇ ମୁଣ୍ଡ ଗୁଞ୍ଜିଛନ୍ତି। ସେହିପରି ଏହି ପଞ୍ଚାୟତର ଜାନବାହାଲିରେ କେନ୍ଦ୍ରର ନିଜସ୍ୱ ଗୃହ ନାହିଁ। ଆଉ ୬ବର୍ଷ ପରେ ଏଠାରେ ନିଯୁକ୍ତ ଅଙ୍ଗନୱାଡ଼ି ଦିଦି ଅବସର ନେବାକୁ ଯାଉଛନ୍ତି। ଅର୍ଥାତ୍ ୩୦-୪୦ବର୍ଷ ଧରି ଚାଲିଥିବା କେନ୍ଦ୍ରର ନିଜସ୍ୱ ଗୃହ ନିର୍ମାଣ କରିବାରେ ସରକାର ତଥା ଜିଲା ପ୍ରଶାସନ ଫେଲ ମାରିଛନ୍ତି।

ବିଭାଗୀୟ ତଥ୍ୟ ଅନୁସାରେ ଜିଲାରେ ଚାଲିଥିବା ମୋଟ ୨୩୬୩ଟି କେନ୍ଦ୍ରରୁ ୧୭୯୦ଟିର ନିଜସ୍ୱ ଗୃହ ରହିଛି। ସେଥିରୁ ୧୩୯୦ଟିରେ ପାନୀୟ ଜଳ ସୁବିଧା, ୧୧୫୨ଟିରେ ବିଦ୍ୟୁତ୍ ସଂଯୋଗ ମଧ୍ୟ ରହିଛି। ୨୬୮ଟି କେନ୍ଦ୍ର ନିର୍ମାଣ ଚାଲିଥିବା ବେଳେ ଅନୁଦାନ ମିଳିଥିବା ସତ୍ତ୍ୱେ ଏଯାଏ ୮୭ଟି କେନ୍ଦ୍ରର ନିର୍ମାଣ କାମ ଆରମ୍ଭ ହୋଇ ନାହିଁ। ୯୧ଟିର ଅନୁଦାନ ମଞ୍ଜୁର ହୋଇ ନ ଥିବା କୁହାଯାଉଛି। ମୋଟାମୋଟି ଭାବେ ଦେଖିବାକୁ ଗଲେ ଏସବୁ ତଥ୍ୟରେ ତାଳମେଳ ମଧ୍ୟ ରହୁ ନାହିଁ । ଅପରପକ୍ଷେ କେବଳ କେନ୍ଦ୍ରର ଗୃହ ନିର୍ମାଣ ନୁହେଁ, ୧୯୫୬ଟି କେନ୍ଦ୍ରରେ ପାଇଖାନା/ଟୟଲେଟ ନିର୍ମାଣ ଓ ୭୪୦ଟି କେନ୍ଦ୍ରରେ ପାନୀୟ ଜଳ ସୁବିଧା କରାଯିବାକୁ ମଧ୍ୟ ସରକାର ଅନୁଦାନ ପ୍ରଦାନ କରିଛନ୍ତି। ମାତ୍ର ଏହାର ଉପଯୁକ୍ତ ବିନିଯୋଗ କରିବାରେ ଜିଲା ପ୍ରଶାସନ ସମ୍ପୂର୍ଣ୍ଣ ଫେଲ ମାରିଛି କହିଲେ ଅତ୍ୟୁକ୍ତି ହେବ ନାହିଁ। ଏ ନେଇ ଜିଲା ସାମାଜିକ ସୁରକ୍ଷା ଅଧିକାରିଣୀ ମୁଜିବିନ ନିଶାଙ୍କୁ ପଚାରିବାରୁ ନିଜସ୍ୱ ଗୃହ ନ ଥିବା ଅଙ୍ଗନୱାଡ଼ି ନୂତନ ଗୃହ ନିର୍ମାଣ ପାଇଁ ଅନୁଦାନ ଅଛି। କିନ୍ତୁ ସ୍ଥାନ ତଥା ଅନ୍ୟାନ୍ୟ ସମସ୍ୟା ପାଇଁ ଅଟକି ରହିଛି। ତେବେ ଏହାର ସମାଧାନ ପାଇଁ ପ୍ରୟାସ କରାଯାଉଛି ବୋଲି କହିଥିଲେ।

## କୋକସରା ପଞ୍ଚାୟତ ସମିତିର ସ୍ୱତନ୍ତ୍ର ବୈଠକ



ପଞ୍ଚାୟତ ସମିତି ବୈଠକରେ ଉପସ୍ଥିତ ଲୋକପ୍ରତିନିଧି ଓ ଅଧିକାରୀ।

**କୋକସରା, ୨୯।୫ (ଦୁଷ୍ମନ୍ତ କୁମାର ପାଢ଼ଯୋଷୀ)**

ରାଜ୍ୟର ପଞ୍ଚାୟତ ସ୍ତରରେ ମୌଳିକ ସୁବିଧା କିଭଳି ଲୋକଙ୍କ ନିକଟରେ ପହଞ୍ଚିବ ସେ ନେଇ ସରକାର ବ୍ଲକସ୍ତରରେ ନିର୍ବାଚିତ ଜନପ୍ରତିନିଧିଙ୍କୁ ବିକଶିତ ଗାଁ ବିକଶିତ ଓଡିଶା ଯୋଜନାରେ ସାମିଲ କରି କାର୍ଯ୍ୟ ଖସଡ଼ା ପ୍ରସ୍ତୁତ କରିଛନ୍ତି। ଏହି ପରିପ୍ରେକ୍ଷୀରେ କୋକସରା ପଞ୍ଚାୟତ ସମିତି ସଭାଗୃହରେ ଗୁରୁବାର ବିଡିଓ ଡ଼. ହିମାଞ୍ଚଳ ମାଝୀଙ୍କ ସଭାପତିତ୍ୱରେ ସ୍ୱତନ୍ତ୍ର ବୈଠକ ଅନୁଷ୍ଠିତ ହୋଇଥିଲା। ଧର୍ମଗଡ଼ ବିଧାୟକ ସୁଧୀର ରଞ୍ଜନ ପାଢ଼ଯୋଷୀ ମୁଖ୍ୟ ଅତିଥି ଓ ସାଂସଦ ପ୍ରତିନିଧି ପ୍ରମୋଦ କୁମାର ପ୍ରଧାନୀ, ବ୍ଲକ ଉପାଧ୍ୟକ୍ଷ ରାଜୀବ କୁମାର ଅଗ୍ରୱାଲ, ଜିଲା ପରିଷଦ ସଭ୍ୟ ହେମନ୍ତ କୁମାର ମାଝୀ, ସହକାରୀ ଯନ୍ତ୍ରୀ ସର୍ବେଶ୍ୱର ପ୍ରଧାନ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ୨୨ ପଞ୍ଚାୟତର ନିର୍ବାଚିତ ସମିତି ସଭ୍ୟ ଓ ସରପଞ୍ଚ ଉପସ୍ଥିତ ଥିଲେ। ଆର୍ଥିକ ବର୍ଷ ୨୦୨୪-୨୫ ପାଇଁ କୋକସରା ବ୍ଲକକୁ ୨୮୯.୬୫ ଲକ୍ଷ ଅନୁଦାନ ମଞ୍ଜୁର ହୋଇଛି। ଏହି ଅନୁଦାନରେ ୨୨ ପଞ୍ଚାୟତରେ ଉନ୍ନୟନ ପ୍ରକଳ୍ପ କାର୍ଯ୍ୟ ସମ୍ପାଦନ କରାଯିବ ବୋଲି ସୂଚନା ଦିଆଯାଇଛି। କାର୍ଯ୍ୟକ୍ରମକୁ ଜିପିଡ଼ିଓ ଓ ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ଦୀପକ କୁମାର ବେହେରା ପରିଚାଳନା କରିଥିଲେ।

## ୩୧ରେ ଆରମ୍ଭ ହେବ ନୂତନ ସାପ୍ତାହିକ ହାଟ

**ନୂଆପଡ଼ା, ୨୯।୫ (ମକାରୁ ବେମାଲ)**



ନୂତନ ସାପ୍ତାହିକ ହାଟ ପାଇଁ ଆଲୋଚନା କରାଯାଉଛି।

ନୂଆପଡ଼ା ଜିଲା କୋମନା ବ୍ଲକ୍ ଝଗ୍ରାହୀ ପଞ୍ଚାୟତ ଚାରିଛକଠାରେ ନୂତନ ସାପ୍ତାହିକ ହାଟ ବସାଇବା ପାଇଁ ଗୁରୁବାର ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ସରପଞ୍ଚ ପୁଷ୍ପାଞ୍ଜଳି ଚିନାଗୁନଙ୍କ ଅଧକ୍ଷତାରେ ଆୟୋଜିତ ବୈଠକରେ ପୂର୍ବତନ ସରପଞ୍ଚ ପାତ୍ର କୁମ୍ଭାର, ଭାରତ ଚନ୍ଦ୍ର ମାଝି, ବଳିରାମ ମାଝି, ସମିତି ସଭ୍ୟା ସସ୍ମିତା ଗଡତିଆ, ଭୁଗଲି ସୁନାନୀ, ହେମନ୍ତ କୁମ୍ଭାର ପ୍ରମୁଖ ଯୋଗଦେଇଥିଲେ। ବୈଠକରେ ସର୍ବସମ୍ମତି କ୍ରମେ ଆସନ୍ତା ୩୧ ତାରିଖ ଶନିବାର ନୂତନ ସାପ୍ତାହିକ ହାଟ ଚାରିଛକଠାରେ ଆରମ୍ଭ କରିବା ପାଇଁ ନିଷ୍ପତ୍ତି ନିଆଯାଇଛି। ସୂଚନାଯୋଗ୍ୟ, ୧୯୯୭ ଡିସେମ୍ବର ୩୧ରେ ନୂତନ ସାପ୍ତାହିକ ହାଟ ବସାଇବା ପାଇଁ ଝଗ୍ରାହୀ ଗାଁର ଲଛିନ୍ଦର ଗଉଡ ୬୦ ଡେସିମିଲ ଜମି ଦାନ କରିଥିଲେ। ସେହି ଜମିକୁ ପୂର୍ବତନ ସରପଞ୍ଚ ବଳିରାମ ମାଝିଙ୍କ ନେତୃତ୍ୱରେ ପଞ୍ଜୀକରଣ କରାଯାଇ ପଟ୍ଟା ପାଇଁ ଆବେଦନ କରାଯାଇଥିଲା। ଦୀର୍ଘବର୍ଷ ପରେ ୨୦୨୫ ମେ ୨୪ରେ କୋମନା ତହସିଲଦାର ପଟ୍ଟା ପ୍ରଦାନ କରିଛନ୍ତି। ପଟ୍ଟା ମିଳିବା ପରେ ପଞ୍ଚାୟତବାସୀ ଖୁସିବ୍ୟକ୍ତ କରି ନୂତନ ସାପ୍ତାହିକ ହାଟ ବସାଇବା ପାଇଁ ପ୍ରସ୍ତୁତି ଆରମ୍ଭ କରିଛନ୍ତି। ପ୍ରତ୍ୟେକ ଶନିବାର ସକାଳୁ ଅପରାହ୍ନ ପର୍ଯ୍ୟନ୍ତ ହାଟ ବସିବ। ଅଞ୍ଚଳବାସୀ ଦୂର ସ୍ଥାନକୁ ନ ଯାଇ ପାଖରେ ସାମଗ୍ରୀ କ୍ରୟବିକ୍ରୟ କରିବେ ବୋଲି ବଜାର କମିଟି ସଭାପତି ତଥା ସରପଞ୍ଚ ଚିନାଗୁନ ସୂଚନା ଦେଇଛନ୍ତି ।

## ବିବାହିତା ମହିଳାଙ୍କ ସନ୍ଦେହଜନକ ମୃତ୍ୟୁ

**ଥୁଆମୂଳ ରାମପୁର, ୨୯।୫ (ଦୁର୍ଗା କୀର୍ତ୍ତି)**

କଳାହାଣ୍ଡି ଜିଲା ଥୁଆମୂଳ ରାମପୁର ଥାନା ଅନ୍ତର୍ଗତ କୋଷାବରା ଗ୍ରାମର ଜଣେ ବିବାହିତା ମହିଳାଙ୍କ ସନ୍ଦେହଜନକ ମୃତ୍ୟୁ ଘଟିଛି। ମିଳିଥିବା ସୂଚନା ଅନୁଯାୟୀ, କାଶୀପୁର ଥାନା ଅଡାଜୋର ପଞ୍ଚାୟତ ଅଧୀନ ଜୋଡ଼ାଆମ୍ବ ଗ୍ରାମର କାଳିଦାସ ନାଏକଙ୍କ ବଡ଼ଝିଅ ତମାଲ ନାଏକ ଥୁଆମୂଳ ରାମପୁର ଥାନା କୋଷାବରା ଗ୍ରାମର ଲଳିତଙ୍କ ପୁଅ ରଞ୍ଜନ ନାଏକଙ୍କୁ ୪ବର୍ଷ ତଳେ ବୈଦିକ ରୀତିରେ ବିବାହ କରିଥିଲେ। ତାଙ୍କ ପାରିବାରିକ ଜୀବନ ଭଲରେ କଟୁଥିବାବେଳେ କୌଣସି କାରଣରୁ ହଠାତ୍ ଗତ ବୁଧବାର ସକାଳୁ ସେ କୁଆଡେ ନିଖୋଜ ହୋଇଯାଇଥିଲେ। ଏହାକୁ ନେଇ ସ୍ୱାମୀ ରଞ୍ଜନ ନାଏକଙ୍କ ସମେତ ଝିଅର ବାପା କାଳିଦାସ ଥୁଆମୂଳ ରାମପୁର ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଏପରିସ୍ଥଳେ ଗୁରୁବାର ଅପରାହ୍ନରେ ତାଙ୍କ ମୃତଦେହ ଗ୍ରାମ ମଝିରେ ଥିବା ପରିତ୍ୟକ୍ତ କୂଅରେ ପଡ଼ିଥିବା ଦେଖି ପରିବାର ଲୋକେ ଥାନାରେ ଜଣାଇଥିଲେ। ପୋଲିସ ଘଟଣାସ୍ଥଳରେ ପହଞ୍ଚି ସ୍ଥିତି ଅନୁଧ୍ୟାନ କରିଥିଲା। ପୋଲିସ ସୂଚନା ଦେବା ପରେ ସାଇଣ୍ଟିଫିକ ଟିମ ଓ ଅଗ୍ନିଶମ ବିଭାଗ କର୍ମଚାରୀ ପହଞ୍ଚି ମୃତଦେହ ଜବତ କରିଥିଲେ। ପରେ ଏହାକୁ ବ୍ୟବଚ୍ଛେଦ ପାଇଁ ଥୁଆମୂଳ ରାମପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଯାଇଥିଲା। ମୃତ୍ୟୁର କାରଣ ଜଣାପଡି ନ ଥିବା ବେଳେ ମହିଳାଙ୍କ ପିତା ଏହା ଏକ ହତ୍ୟାକାଣ୍ଡ ବୋଲି ଅଭିଯୋଗ କରିଥିଲେ। ଏହି ଘଟଣାରେ ପୂର୍ବରୁ ନିଖୋଜ ମାମଲା (ନଂ.୪/୨୫) ରୁଜୁ ହୋଇଥିବା ବେଳେ କାଳିଦାସଙ୍କ ଅଭିଯୋଗ କ୍ରମେ ହତ୍ୟା ମାମଲା (ନଂ.୭୦/୨୫) ରୁଜୁ କରାଯାଇ ତଦନ୍ତ ଜାରି ରହିଥିବା ଥାନା ଅଧିକାରୀ କୈବଲ୍ୟ ସେଠ ସୂଚନା ଦେଇଛନ୍ତି।

## ବିକଶିତ ସଂକଳ୍ପ ଅଭିଯାନ କୃଷିରଥ ଶୁଭାରମ୍ଭ



କୃଷିରଥ ଶୁଭାରମ୍ଭ କରାଯାଉଛି।

**ନୂଆପଡ଼ା, ୨୯।୫ (ମକାରୁ ବେମାଲ)**

ନୂଆପଡ଼ା ଜିଲାରେ ବିକଶିତ ସଂକଳ୍ପ ଅଭିଯାନ ପାଇଁ ଏକ ସମର୍ପିତ କୃଷିରଥ ଗୁରୁବାର ଶୁଭାରମ୍ଭ ହୋଇଛି। ଜିଲାପାଳ କାର୍ଯ୍ୟାଳୟଠାରେ ଜିଲାପାଳ ମଧୁସୂଦନ ଦାଶ ସବୁଜ ପତାକା ଦେଖାଇ ରଥ ଶୁଭାରମ୍ଭ କରିଛନ୍ତି। ଏହି ଅଭିଯାନର ମୂଳ ଲକ୍ଷ୍ୟ ହେଉଛି ଚାଷୀଙ୍କୁ ନୂତନ ଫସଲ ଉତ୍ପାଦନ ପ୍ରଯୁକ୍ତିବିଦ୍ୟା ପ୍ରଦାନ, କୃଷି କ୍ଷେତ୍ରରେ ସଚେତନତା ସୃଷ୍ଟି, କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ବିଭିନ୍ନ ବିକାଶମୂଳକ ଯୋଜନା ବିଷୟରେ ସଚେତନ କରିବା ପାଇଁ କୃଷି ବୈଜ୍ଞାନିକଙ୍କ ସହ ଆଲୋଚନା କରିବା ଇତ୍ୟାଦି । ଏହି ଅଭିଯାନ ୧୫ ଦିନ ଅର୍ଥାତ୍ ୨୯ ମେରୁ ୧୨ ଜୁନ୍ ପର୍ଯ୍ୟନ୍ତ ଚାଲିବ। ଜିଲା ପ୍ରଶାସନ ଦ୍ୱାରା ନିର୍ଦ୍ଧାରିତ ୬୦ ଗାଁରେ ଏହା ପରିଚାଳିତ ହେବ। ଏହାର ତଦାରଖ ଓ କାର୍ଯ୍ୟକାରୀ କରିବା ପାଇଁ ଜିଲା ପ୍ରଶାସନ ୩ଟି ଟିମ୍ ଗଠନ କରିବେ। ଏଥିରେ କୃଷି ବିଭାଗ ସହ ଆଇସିଏଆର୍, ଓୟୁଏଟିର ବୈଜ୍ଞାନିକ ଗାଁ ପରିଦର୍ଶନ କରି ଚାଷୀମାନଙ୍କ ସହ ଆଲୋଚନା କରିବେ । ଏହି ସମୟରେ ଅତିରିକ୍ତ ଜିଲାପାଳ ସୁବାସ ଚନ୍ଦ୍ର ରଏତ, ଉପଜିଲାପାଳ ଯୋଗେନ୍ଦ୍ର ମାଝି, ସଦର ବ୍ଲକ୍ ଅଧ୍ୟକ୍ଷା ତାରେଶ୍ୱରୀ ସାହୁ, ଉପାଧ୍ୟକ୍ଷ ଦିଲୀପ ନିର୍ମଳକର, ଜିଲା ପରିଷଦ ସଦସ୍ୟ ଭାନୁ ପ୍ରତାପ ସିଂ ମାଝିଙ୍କ ସମେତ ବିଭିନ୍ନ ବିଭାଗୀୟ ଅଧିକାରୀ ଓ କର୍ମଚାରୀ ଉପସ୍ଥିତ ଥିଲେ ।

## ପ୍ରମାଣ ଅଭାବରୁ ନିର୍ଦ୍ଦୋଷରେ ଖଲାସ

**ଭବାନୀପାଟଣା, ୨୯।୫ (ଉତ୍ତମ କୁମାର ଦାଶ)**

**ବିଦ୍ୟୁତ୍ ବିଭାଗର ପୂର୍ବତନ କନିଷ୍ଠ ଯନ୍ତ୍ରୀ**

ପ୍ରମାଣ ଅଭାବରୁ ନୂଆପଡ଼ା ବିଦ୍ୟୁତ୍ ବିଭାଗର ପୂର୍ବତନ କନିଷ୍ଠ ଯନ୍ତ୍ରୀ ରାଜକିଶୋର ସାହୁ ନିର୍ଦ୍ଦୋଷରେ ଖଲାସ ହୋଇଛନ୍ତି। ୨୦୨୦ ମସିହାରେ ବିଦ୍ୟୁତ୍ ସଂଯୋଗ ପାଇଁ ସ୍ଥାନୀୟ ଝିଙ୍ଗିମିଲା ଗ୍ରାମର ଲାଲୁ ସାହୁଙ୍କଠାରୁ କନିଷ୍ଠ ଯନ୍ତ୍ରୀ ସାହୁ ୧୦ ହଜାର ଟଙ୍କା ଲାଞ୍ଚ ନେଉଥିବା ବେଳେ କୋରାପୁଟ ଭିଜିଲାନ୍ସ ବିଭାଗ ତାଙ୍କୁ ଗିରଫ କରିଥିଲା। ଗୁରୁବାର ଭବାନୀପାଟଣା ଭିଜିଲାନ୍ସ ବିଭାଗର ସ୍ୱତନ୍ତ୍ର ବିଚାରପତି ବଦ୍ରିନାରାୟଣ ନନ୍ଦ ଏହି ମାମଲାରେ କୌଣସି ପ୍ରମାଣ ନ ପାଇବାରୁ କନିଷ୍ଠଯନ୍ତ୍ରୀ ସାହୁଙ୍କୁ ନିର୍ଦ୍ଦୋଷରେ ଖଲାସ କରିଛନ୍ତି। ଏହି ମାମଲାକୁ କନିଷ୍ଠ ଯନ୍ତ୍ରୀଙ୍କ ପକ୍ଷରୁ ବରିଷ୍ଠ ଆଇନଜୀବୀ ଦିଲୀପ କୁମାର ସା ଓ ପ୍ରମୋଦ କୁମାର ମିଶ୍ର ପରିଚାଳନା କରୁଥିଲେ। ବର୍ତ୍ତମାନ କନିଷ୍ଠ ଯନ୍ତ୍ରୀ ସାହୁ ସୋନପୁର ବିଦ୍ୟୁତ୍ ବିଭାଗ ଅଧୀନରେ କାର୍ଯ୍ୟରତ ଅଛନ୍ତି।

## ଖାଉଟି ଅଦାଲତରେ ଷ୍ଟେଟ୍‌ବ୍ୟାଙ୍କ ଦଣ୍ଡିତ

**ଭବାନୀପାଟଣା, ୨୯।୫ (ଉତ୍ତମ କୁମାର ଦାଶ)**

ସ୍ୱାମୀଙ୍କ ଋଣ ପାଇଁ ସ୍ତ୍ରୀଙ୍କ ଜମାଖାତା ସ୍ଥଗିତ କରିଥିବାରୁ ଗୁରୁବାର ଖାଉଟି ଅଦାଲତ ଷ୍ଟେଟ ବ୍ୟାଙ୍କକୁ ଦଣ୍ଡିତ କରିଛନ୍ତି। ଏଭଳି ଘଟଣା ଦେଖିବାକୁ ମିଳିଛି କଳାହାଣ୍ଡି ଜିଲା ଭବାନୀପାଟଣା ସହରସ୍ଥିତ ଷ୍ଟେଟବ୍ୟାଙ୍କ ଶାଖାରେ। ପ୍ରକାଶ ଯେ, ଭବାନୀପାଟଣା ସହର ଦେବାନ ସାହେବ ପଡ଼ାର ସ୍ୱର୍ଗତ ଜଳେଶ୍ୱର ଧଙ୍ଗଡ଼ାମାଝୀଙ୍କ ସ୍ତ୍ରୀ ରୀତାଞ୍ଜଳି ଧଙ୍ଗଡ଼ାମାଝୀଙ୍କ ସ୍ଥାନୀୟ ଷ୍ଟେଟବ୍ୟାଙ୍କ ମୁଖ୍ୟ ଶାଖାରେ ଏକ ଜମାଖାତା ରହିଛି। ସ୍ୱାମୀଙ୍କ ଋଣକୁ କେନ୍ଦ୍ରକରି ବ୍ୟାଙ୍କ କର୍ତ୍ତୃପକ୍ଷ ରୀତାଞ୍ଜଳିଙ୍କ ଜମାଖାତାକୁ ଅସ୍ଥାୟୀ ଭାବେ ବନ୍ଦ କରିଥିଲେ। ଫଳରେ ଅଭିଯୋଗକାରୀ ରୀତାଞ୍ଜଳି ସେହି ଜମାଖାତାରୁ ପେନ୍‌ସନ ଟଙ୍କା ଉଠାଣ କରିପାରୁ ନ ଥିଲେ। ଏ ନେଇ ରୀତାଞ୍ଜଳି ଜିଲା ଖାଉଟି ଅଦାଲତଙ୍କ ଦ୍ୱାରସ୍ଥ ହୋଇଥିଲେ। ଜିଲା ଖାଉଟି ଅଦାଲତ ଉକ୍ତ ଜମାଖାତାକୁ ନିୟମିତ କରିବା ପାଇଁ ଷ୍ଟେଟ ବ୍ୟାଙ୍କ କର୍ତ୍ତୃପକ୍ଷଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଏହାସହ ଅଭିଯୋଗକାରୀଙ୍କୁ ୨୫ ହଜାର ଟଙ୍କା କ୍ଷତିପୂରଣ ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି। ୪୫ଦିନ ମଧ୍ୟରେ କ୍ଷତିପୂରଣ ରାଶି ନ ଦେଲେ ଦୈନିକ ୨ଶହ ଟଙ୍କା ସୁଧ ଦେବାକୁ ଅଦାଲତ ଉଲ୍ଲେଖ କରିଛନ୍ତି। ଖାଉଟି ଅଦାଲତ ସଭାପତି ଅଶ୍ୱିନୀ ପାତ୍ର ଓ ସଦସ୍ୟା ଜ୍ୟୋତ୍ସ୍ନାରାଣୀ ମିଶ୍ର ଏହି ମାମଲାର ଶୁଣାଣି କରିଥିଲେ।

## ୧୦ ମାସ ଖାଲିପଡ଼ିଛି ବିଡିଓ ପଦ

**ଖଡ଼ିଆଳ, ୨୯।୫ (ସୁଜିତ କୁମାର ପ୍ରଧାନ):** ନୂଆପଡ଼ା ଜିଲା ଖଡ଼ିଆଳ ବ୍ଲକରେ ବିଡିଓ ପଦ ୧୦ମାସ ହେଲା ଖାଲି ପଡ଼ିଛି। ଇତିମଧ୍ୟରେ ରାଜ୍ୟରେ ନୂତନ ସରକାର ଗଠନକୁ ୮ ମାସ ବିତିଯାଇଥିବା ବେଳେ ବିଭିନ୍ନ ବ୍ଲକ୍‌ରେ ନୂତନ ବିଡିଓ ନିଯୁକ୍ତି ହୋଇସାରିଛି। ମାତ୍ର ଖଡ଼ିଆଳ ବ୍ଲକ୍ ପାଇଁ କାହାକୁ ନିଯୁକ୍ତି ନ ମିଳିବା ଆଶ୍ଚର୍ଯ୍ୟର ବିଷୟ ହୋଇଛି। ଏଥିଯୋଗୁ ବ୍ଲକ୍‌ର ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ଠପ୍ ହୋଇ ପଡିଛି। କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ବିଭିନ୍ନ ଯୋଜନା କାର୍ଯ୍ୟକାରୀ କରିବାରେ ମଧ୍ୟ ଏହି ବ୍ଲକ ପଛରେ ପଡ଼ିଯାଇଛି। ସୂଚନାଯୋଗ୍ୟ, ବିଡିଓ ବୀରସେନ ବେହେରାଙ୍କ ଗତ ଜୁନ୍‌ରେ ଅନ୍ୟତ୍ର ବଦଳି ହୋଇଥିଲା। ସେହିଦିନଠାରୁ ବିଡିଓ ଦାୟିତ୍ୱରେ ଅଛନ୍ତି ଖଡ଼ିଆଳ ତହସିଲଦାର ନରସିଂ ଗଡ଼ବା। ଏ ନେଇ ନୂଆପଡ଼ା ଜିଲାପାଳ ମଧୁସୂଦନ ଦାଶଙ୍କୁ ପଚାରିବାରୁ ସ୍ଥାୟୀ ବିଡିଓ ନିଯୁକ୍ତି ପାଇଁ ପ୍ରସ୍ତୁତି ସରିଛି ବୋଲି ପ୍ରକାଶ କରିଥିଲେ।

## କୃଷି ବିଭାଗର ବିକଶିତ କୃଷି ସଂକଳ୍ପ ଅଭିଯାନ

**ସିନାପାଲି, ୨୯।୫ (ମନଫୁଲ ମେହେର):** ସିନାପାଲି ବ୍ଲକ ଲିଟିଗୁଡ଼ା ପଞ୍ଚାୟତଠାରେ କୃଷି ବିଭାଗ ପକ୍ଷରୁ ବିକଶିତ କୃଷି ସଂକଳ୍ପ ଅଭିଯାନ ଅନୁଷ୍ଠିତ ହୋଇଯାଇଛି। ବ୍ଲକ କୃଷି ଅଧିକାରୀ ଦୀପ୍ତିମୟୀ ବାରିକଙ୍କ ନେତୃତ୍ୱରେ ଅଭିଯାନର ଶୁଭାରମ୍ଭ ହୋଇଥିଲା। ନୂଆପଡା କୃଷି ବିଜ୍ଞାନ କେନ୍ଦ୍ରର ୨ କୃଷି ବୈଜ୍ଞାନିକଙ୍କ ସମେତ ସହକାରୀ କୃଷି ଅଧିକାରୀ ତପସ୍ୱିନୀ ମାଝୀ, କୃଷି ଅଧିଦର୍ଶକ କ୍ଷୀତିଶ କୁମାର ପାତ୍ର, ସରପଞ୍ଚ ରଶ୍ମିତା ଚିନାଗୁନ, ନାଏବ ସରପଞ୍ଚ ଲଳିତ ମାଝୀ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅଭିଯାନ ଜୁନ ୧୨ ତାରିଖ ପର୍ଯ୍ୟନ୍ତ ଚାଲୁରହିବ। ଚାଷୀଙ୍କୁ ଖରିଫ ଫସଲର ସଦ୍ୟତମ ପ୍ରଯୁକ୍ତିର ସୂଚନା, ପ୍ରାକୃତିକ ଚାଷ ଅଭ୍ୟାସ, ମୃତ୍ତିକା ସ୍ୱାସ୍ଥ୍ୟ କାର୍ଡ ଆଧାରିତ ଫସଲ ଚୟନ ଏହି ଅଭିଯାନର ପ୍ରମୁଖ ଉଦ୍ଦେଶ୍ୟ।

## ରବି ଧାନମଣ୍ଡି ଉଦ୍‌ଘାଟିତ

**ରିଷିଡ଼ା, ୨୯।୫ (ସୁଶାନ୍ତ ମଲ୍ଲିକ)**

କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକ୍ ରିଷଡ଼ା ପ୍ରାଥମିକ କୃଷି ସମବାୟ ସମିତି ଜରିଆରେ ଗୁରୁବାର ଦୁଇଟି ସ୍ଥାନରେ ରବିଧାନ ମଣ୍ଡି ଉଦ୍‌ଘାଟିତ ହୋଇଯାଇଛି। ତେରେସିଂହାଠାରେ ମଣ୍ଡି ଉଦ୍‌ଘାଟନୀ ଉତ୍ସବରେ ସ୍ଥାନୀୟ ସରପଞ୍ଚ ପ୍ରମୋଦ ସୁନା ମୁଖ୍ୟ ଅତିଥି, ରିଷିଡ଼ା ପାକ୍ସ ସମ୍ପାଦକ ଗୋଲାପ ଚନ୍ଦ୍ର ରଣା, ତେରେସିଂହା ରାଜସ୍ୱ ନିରୀକ୍ଷକ ମଧୁସ୍ମିତା ନାୟକ, ବିଇଓ ଶିଶୁପାଳ ରଣା ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ସେହିପରି ପୌରକେଲାଠାରେ ଉଦ୍‌ଘାଟନୀ ଉତ୍ସବରେ ସରପଞ୍ଚ ଯଶସ୍ୱିନୀ ଧରୁଆ ମୁଖ୍ୟ ଅତିଥି, ସମିତି ସଭ୍ୟ ସୁଧୀର ଭୋଇ, ରିଷିଡା ରାଜସ୍ୱ ନିରୀକ୍ଷକ ଗିରୀଶ ଚନ୍ଦ୍ର ସାହୁ, ଚାଷୀ ନେତା ଦୟାନିଧି ସାହୁ, ବୈବସ୍ୱତ ସୁନା ପ୍ରମୁଖ ଉପସ୍ଥିତ ଥିଲେ। ତେରେସିଂହା ମଣ୍ଡିରେ ୨୩୦ ଜଣ ଚାଷୀଙ୍କ ୬ ହଜାର ୫୦୦ କୁଇଣ୍ଟାଲ ଓ ପୌରକେଲା ଉପମଣ୍ଡିରେ ୧୬୦ ଚାଷୀଙ୍କ ୩୦୦୦ କୁଇଣ୍ଟାଲ ଧାନ କ୍ରୟ କରିବାକୁ ଥିବା ସମବାୟ ସମିତି ପକ୍ଷରୁ କୁହାଯାଇଛି।



ଅତିଥିମାନେ ମଣ୍ଡି ଉଦ୍‌ଘାଟନ କରୁଛନ୍ତି।

# ଲଘୁଚାପ ବର୍ଷାରେ ଗଜା ହେଲା ଧାନ

**କୋକସରା, ୨୯।୫ (ଦୁଷ୍ମନ୍ତ କୁମାର ପାଢ଼ଯୋଷୀ)**

ଦୁଇଦିନ ଧରି ଲାଗିରହିଥିବା ଲଘୁଚାପଜନିତ ବର୍ଷାରେ କୋକସରା ବ୍ଲକର ଚାଷୀଙ୍କ ବ୍ୟାପକ କ୍ଷୟକ୍ଷତି ହୋଇଛି। ଜମିରେ ପାଣି ଜମିବାରୁ ଧାନ ଭିଜିଯାଇ ଗଜା ହୋଇଯାଇଛି। ଫଳରେ ଚାଷୀ ମୁଣ୍ଡରେ ଚଡ଼କ ପଡ଼ିଛି। ବ୍ଲକ ଅନ୍ତର୍ଗତ ଖୁଣ୍ଟିଆ ଗ୍ରାମର ଚାଷୀ ବିଷ୍ଣୁ ପ୍ରସାଦ ସୁନାନୀ ବାରବଖରାରେ ଥିବା ୫ଏକର ଜମିରେ କରଜ କରି ଧାନ ଚାଷ କରିଥିଲେ। ଚାଷ ମଧ୍ୟ ଭଲ ହୋଇଥିଲା। କିନ୍ତୁ ଧାନ ଅମଳ ସମୟରେ ଦାଉ ସାଧିଲା ଲଘୁଚାପ ଜନିତ ବର୍ଷା। ବର୍ଷା ଯୋଗୁ ପାଚିଲା ଧାନ ପାଣିରେ ଭିଜି ଗଜା ହୋଇଯାଇଛି। ପ୍ରାୟ ତିନି ଏକର ଜମିରେ ଧାନ ନଷ୍ଟ ହୋଇଯାଇଥିବା ଦେଖିବାକୁ ମିଳିଛି। ପାଞ୍ଚ ପ୍ରାଣୀ କୁଟୁମ୍ବକୁ ନେଇ ତାଙ୍କ ପରିବାର। ଚାଷ ଉପରେ ସେ ସମ୍ପୂର୍ଣ୍ଣ ନିର୍ଭର କରୁଥିବାରୁ ପରିବାର ପ୍ରତିପୋଷଣ ଓ କରଜ କିପରି ଶୁଝିବେ ତାକୁ ନେଇ ଚିନ୍ତାରେ ପଡିଛନ୍ତି। ପ୍ରଶାସନ କ୍ଷୟକ୍ଷତି ଆକଳନ କରି ସରକାରୀ ସହାୟତା ଯୋଗାଇ ଦେବାକୁ ସେ ନିବେଦନ କରିଛନ୍ତି।



ଗଜା ହୋଇଥିବା ଧାନ ଦେଖାଉଛନ୍ତି ଚାଷୀ।

## ଚାଷୀଙ୍କୁ ଦାଉ ସାଧୁଛି ଅଦିନିଆ ବର୍ଷା

**କଲମପୁର, ୨୯।୫ (ଗଣେଶରାମ ବାଗ):** କଲମପୁର ଅଞ୍ଚଳର ଚାଷୀଙ୍କୁ ଦାଉ ସାଧୁଛି ଅଦିନିଆ ବର୍ଷା। ଗତ ସୋମବାରଠାରୁ ଅଞ୍ଚଳରେ ଲଘୁଚାପ ଜନିତ ବର୍ଷା ଜାରି ରହିଛି। ଏଥିଯୋଗୁ ଲୋକେ ପାଚିଲା ଧାନ ଅମଳ କରିପାରୁ ନାହାନ୍ତି। ପୁଣି ଯାହା ଅମଳ ହୋଇଛି ତାହାକୁ ମଧ୍ୟ ବିକ୍ରୟ କରିପାରୁ ନାହାନ୍ତି। ବର୍ଷା ପାଇଁ ଧାନ ମଣ୍ଡି ଏକପ୍ରକାର ଠପ ହୋଇପଡିଛି। କେତେକ ସ୍ଥାନରେ ପବନ ବର୍ଷା ଯୋଗୁ ପାଚିଲା ଧାନ କେଣ୍ଡା ଜମିରେ ଶୋଇ ନଷ୍ଟ ହେବା ସମ୍ଭାବନା ଦେଖାଦେଇଛି। ଶ୍ରମିକ ମିଳୁ ନ ଥିବାବେଳେ ମେଶିନରେ ଧାନ କାଟିବା ସମ୍ଭବ ହେଉନାହିଁ। ଅଞ୍ଚଳରେ ୫୦ ପ୍ରତିଶତ ଧାନ ଅମଳ ହୋଇଥିବା କଲମପୁର କୃଷି ବିଭାଗ ଆକଳନ କରିଛି। କଟାଯାଇଥିବା ଧାନ ଗଚ୍ଛିତ ରଖିବା ପାଇଁ ପଲିଥିନ ହିଁ ଭରସା ପାଲଟିଛି। ଅଞ୍ଚଳର ବରଗାଁ, ପଣ୍ଡିଗାଁ, ତେନ୍ତୁଳିଖୁଣ୍ଟି, କୋଟାଗାଁ, ଭଉଁରି ଗାଁ ଭଳି ସ୍ଥାନରେ ଧାନ ମଣ୍ଡି ଖୋଲା ଆକାଶ ତଳେ ଚାଲିଛି। ଏଭଳି ସମୟରେ ଅସାଧୁ ବ୍ୟବସାୟୀ ସକ୍ରିୟ ହୋଇ ଉଠିଛନ୍ତି। ଗାଁକୁ ଗାଁ ଯାଇ କମ ମୂଲ୍ୟରେ ଧାନ ସଂଗ୍ରହ କରିବାରେ ଲାଗିଛନ୍ତି। ଗଚ୍ଛିତ ରଖିବା ପାଇଁ ସ୍ଥାନ ଅଭାବରୁ ଚାଷୀମାନେ କମ ମୂଲ୍ୟରେ ମଧ୍ୟ ଟେକିଦେବାକୁ ବାଧ୍ୟ ହେଉଛନ୍ତି। ଆଗାମୀ ଦୁଇଦିନ ଏପରି ବର୍ଷା ଲାଗି ରହିଲେ ବିପୁଳ କ୍ଷୟକ୍ଷତି ସମ୍ଭାବନାକୁ ଏଡାଇ ଦିଆଯାଇ ନ ପାରେ ବୋଲି କୃଷକ ସଂଗଠନର କର୍ମକର୍ତ୍ତା ପ୍ରକାଶ କରିଛନ୍ତି।







ସ୍ମରଣିକା ରୁଦ୍ର ଜ୍ୟୋତିକୁ ବିଧାୟକ ସନତ କୁମାର ଗଡତିଆ, ବିଧାୟକ ନୀହାର ମହାନନ୍ଦ ଉନ୍ମୋଚନ କରୁଛନ୍ତି। ଭୈରବ ବାବାଙ୍କ ନଗର ପରିକ୍ରମା। କିନ୍ନରଙ୍କ ର୍ୟାମ୍ପ ଶୋ'।

# ଦେବ ନିମନ୍ତ୍ରଣ ପାଇଁ ଭୈରବ ବାବାଙ୍କ ନଗର ପରିକ୍ରମା

ବରପାଲି ଶୀତଳ ଷଷ୍ଠୀ

ବରପାଲି, ୨୯।୫ (ଚିତ୍ତରଞ୍ଜନ ସାହୁ)

ବରଗଡ଼ ଜିଲା ବରପାଲିର ୧୪୮ତମ ଶୀତଳଷଷ୍ଠୀ ଯାତ୍ରାର ଗୁରୁବାର ତୃତୀୟ ଦିବସରେ ଶିବପାର୍ବତୀଙ୍କ ବିବାହ ନିମନ୍ତ୍ରଣ କଲେ ଭୈରବ ବାବା। ଆଜିର ଯାତ୍ରାକୁ 'ଭୈରୋ ବୁଲା' କୁହାଯାଏ। ସୋମବାର ତୃତୀୟା ଦିନ ଭଣ୍ଡାର ଗୃହରେ ଅବସ୍ଥାପିତ ବାବା କପିଳେଶ୍ୱର ଓ ଜଗତ ଜନନୀ ମା' ପାର୍ବତୀଙ୍କ ସ୍ନାନ ଓ ଶତ ଆରତୀ ପରେ ମଧ୍ୟାହ୍ନରେ ଅନ୍ନଭୋଗ ଲାଗି ହୋଇଥିଲା। ସନ୍ଧ୍ୟାରେ ଏକ ବିରାଟ ଶୋଭାଯାତ୍ରାରେ ବାବା ଭୈରବ ଦେବ ଦମ୍ପତିଙ୍କ ବିବାହରେ ଯୋଗ ଦେବା ପାଇଁ ସମସ୍ତ ଦେବା ଦେବୀଙ୍କୁ ନିମନ୍ତ୍ରଣ ପାଇଁ ନଗର ପରିକ୍ରମା କରନ୍ତି। ଏହି ଶୋଭାଯାତ୍ରାରେ ଦୁଲଦୁଲି ବାଜା, ଘଣ୍ଟ, ବାଦ୍ୟ ଡିଜେ ଆଦି ସାମିଲ ହୋଇଥିଲେ। ଅନ୍ୟ ପକ୍ଷରେ ବ୍ରହ୍ମାଙ୍କ ବରରେ ବଳୀୟାନ ହୋଇ ତାରକାସୁରର ନଗର ପରିକ୍ରମା କରି ସ୍ୱର୍ଗ ଉପରେ ଆକ୍ରମଣ କରି ବିଜୟ ଲାଭ କରିବା ପରେ ଗଣ୍ଡା ରାମ ଜ୍ୱେଲର୍ସ ନିକଟରେ ଥିବା ମଞ୍ଚରେ ତାଙ୍କ ରଙ୍ଗ ସଭା ଆୟୋଜନ କରିଥିଲେ। ଉକ୍ତ ରଙ୍ଗ ସଭାରେ ବିଭିନ୍ନ ପ୍ରକାର ନୃତ୍ୟଗୀତ ପରିବେଷଣ କରାଯାଇଥିଲା। ବରପାଲି ଶୀତଳ ଷଷ୍ଠୀର ସାଂସ୍କୃତିକ କାର୍ଯ୍ୟକ୍ରମର ମୁଖ୍ୟ ଆକର୍ଷଣ ଥିବା ନଟରାଜ ମହୋତ୍ସବକୁ ହାଇସ୍କୁଲ ପଡିଆରେ ଗୁରୁବାର ଉଦଘାଟିତ ହୋଇଛି। ଉଦଘାଟନୀ ଦିବସରେ ଓଡ଼ିଶାର ବିଭିନ୍ନ ସାଂସ୍କୃତିକ ଦଳ ମନୋରଞ୍ଜନ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ଏହି ଅବସରରେ ଶୀତଳ ଷଷ୍ଠୀ ଯାତ୍ରା କମିଟି ପକ୍ଷରୁ ପ୍ରକାଶିତ ହେଉଥିବା ସ୍ମରଣିକା ରୁଦ୍ରଜ୍ୟୋତିକୁ ବୁଧବାର ସନ୍ଧ୍ୟାରେ ତରକାସୁର୍ ଦରବାରରେ ବିଧାୟକ ସନତ କୁମାର ଗଡତିଆ, ବିଧାୟକ ନୀହାର ମହାନନ୍ଦ ମୁଖ୍ୟ ଅତିଥି ଭାବରେ ଯୋଗଦେଇ ଉନ୍ମୋଚନ କରିଥିଲେ। ବିଗତ ବର୍ଷପରି ଚଳିତବର୍ଷ ମଧ୍ୟ କିନ୍ନରଙ୍କ ର୍ୟାମ୍ପ ଶୋ' ଅନୁଷ୍ଠିତ ହୋଇ କୃତି ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ସେହିପରି ହିମାଦ୍ରୀ ନଗର ମଧ ଦିନସାରା ଚଳଚଞ୍ଚଳ ହୋଇରହିଛି। ସକାଳେ ମହିଳାମାନଙ୍କର ଏକ ବିରାଟ କଳସ ଶୋଭାଯାତ୍ରା ବାହାରିଥିଲା। ହିମାଦ୍ରୀ ନଗରଠାରେ ମଧ ବିଭିନ୍ନ ମନୋରଞ୍ଜନ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ଯାତ୍ରା କମିଟି ପକ୍ଷରୁ ସହରର ବିଭିନ୍ନ ଛକରେ ରଙ୍ଗାରଙ୍ଗ ମନୋରଞ୍ଜନ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ହାଇସ୍କୁଲ ପଡ଼ିଆରେ ମୀନାବଜାର ପାଇଁ ପ୍ରତିକୂଳ ପାଗ ଯୋଗୁଁ ଜନଗହଳି କମ ପରିଲକ୍ଷିତ ହୋଇଥିଲା। ମଧରାତ୍ରରେ ରାମେଶ୍ୱର ଶିବ ମନ୍ଦିରରେ ମହାଦୀପ ସଂସ୍ଥାପନ କରାଯାଇଥିଲା।

# ୨ ଅଧ୍ୟକ୍ଷଙ୍କ ସମେତ ୫ ନିଲମ୍ବିତ

ବରଗଡ଼, ୨୯।୫(ପ୍ରେମାନନ୍ଦ ଖମାରୀ)

- ୩୩ ଶିକ୍ଷକଙ୍କୁ କାରଣ ଦର୍ଶାଅ ନୋଟିସ୍
- ସିବିଏସ୍ଇ ପରୀକ୍ଷା ପରିଚାଳନାରେ ଅନିୟମିତତା

ବରଗଡ଼ ଜିଲା ପଦ୍ମପୁର ଉପଖଣ୍ଡର ୨ସିବିଏସ୍ଇ ପରୀକ୍ଷାକେନ୍ଦ୍ରରେ ପରୀକ୍ଷା ପରିଚାଳନାରେ ଅନିୟମିତତା ହୋଇଥିବା ଦର୍ଶାଇ ଓଡ଼ିଶା ଆଦର୍ଶ ବିଦ୍ୟାଳୟ (ଓଏଭି)ର ୨ଅଧ୍ୟକ୍ଷଙ୍କ ସମେତ ୫ ଶିକ୍ଷକଙ୍କୁ ବୁଧବାର ନିଲମ୍ବିତ କରାଯାଇଛି। ସେମାନେ ହେଲେ, ବାନ୍ଧୁପାଲି ଓଏଭିର ଅଧ୍ୟକ୍ଷ ରବିରତ୍ନ ହୋତା, ଉପାଧ୍ୟକ୍ଷ ତଥା ଭାରପ୍ରାପ୍ତ ଅଧ୍ୟକ୍ଷ ରୁଦ୍ର ନାରାୟଣ ଭୋଇ, ଇଂରାଜୀ ଶିକ୍ଷକ ଲିମେଶ ଦାସ, କମ୍ପ୍ୟୁଟର ଶିକ୍ଷକ ସୁଙ୍କାନ୍ତ ଗଡ଼ତିଆ ଏବଂ ଫ୍ରେଜରପୁର ଓଏଭିର ଉପାଧ୍ୟକ୍ଷ ତଥା ଭାରପ୍ରାପ୍ତ ଅଧ୍ୟକ୍ଷ ଜୟନ୍ତ କୁମାର ସାହୁ। ନିଲମ୍ବନ ସମୟରେ ଜିଲା ଶିକ୍ଷା କାର୍ଯ୍ୟାଳୟରେ ନିୟମିତ ଉପସ୍ଥାନ ଦେବା ଏବଂ ବିନା ଅନୁମତିରେ ଜିଲା ମୁଖ୍ୟାଳୟ ନ ଛାଡ଼ିବା ପାଇଁ ସେମାନଙ୍କୁ ଓଡ଼ିଶା ଆଦର୍ଶ ବିଦ୍ୟାଳୟ ସଙ୍ଗଠନର ରାଜ୍ୟ ପ୍ରକଳ୍ପ ନିର୍ଦ୍ଦେଶକ (ଷ୍ଟେଟ୍ ପ୍ରୋଜେକ୍ଟ ଡାଇରେକ୍ଟର)ଙ୍କ ନିର୍ଦ୍ଦେଶ ରହିଛି। ପ୍ରକାଶଥାଉକି, ପଦ୍ମପୁର ଉପଖଣ୍ଡର ୨ସିବିଏସ୍ଇ ପରୀକ୍ଷାକେନ୍ଦ୍ରରେ ଦଶମ ଏବଂ ଦ୍ୱାଦଶ ଶ୍ରେଣୀ ପରୀକ୍ଷାଫଳକୁ ନେଇ ଅସନ୍ତୋଷ ଲାଗି ରହିଛି। ପ୍ରଥମେ ଉକ୍ତ ପରୀକ୍ଷାକେନ୍ଦ୍ରର ପରୀକ୍ଷାଫଳକୁ ସ୍ଥଗିତ ରଖାଯାଇଥିଲା। ଏହାର ପ୍ରତିବାଦରେ ପରୀକ୍ଷାର୍ଥି ଏବଂ ଅଭିଭାବକମାନେ ଧାରଣା, ଅନଶନକୁ ଓହ୍ଲାଇଥିଲେ। ଏହା ପରେ ଗତ ୨୭ତାରିଖ ପରୀକ୍ଷାଫଳ ପ୍ରକାଶ ପାଇଥିଲା। ତେବେ ଉକ୍ତ ପରୀକ୍ଷାକେନ୍ଦ୍ରର ସମୁଦାୟ ୧୧୮୫ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ୩୦୦ ପରୀକ୍ଷାର୍ଥୀ କୃତକାର୍ଯ୍ୟ ହୋଇଥିବା ନେଇ ପରୀକ୍ଷାଫଳ ପ୍ରକାଶ ପାଇଥିବାବେଳେ ଅନ୍ୟ ୮୮୫ ପରୀକ୍ଷାର୍ଥୀଙ୍କ ବିଭିନ୍ନ ବିଷୟର ପରୀକ୍ଷାଫଳକୁ ରଦ୍ଦ କରି ଦିଆଯାଇଛି। ପରୀକ୍ଷାଫଳ ପ୍ରକାଶ ଦିଗରେ ସିବିଏସ୍ଇ କର୍ତ୍ତୃପକ୍ଷଙ୍କ ଏଭଳି ଆଭିମୁଖ୍ୟ ନେଇ ଅସନ୍ତୋଷ ଦ୍ୱିଗୁଣିତ ହୋଇଛି।

## ସଂକ୍ଷେପରେ

### ସ୍ଥଗିତ ରହିଲା ପଦ୍ମପୁର ବନ୍ଦ ଡାକରା

**ପ୍ରତିବାଦ ଶୋଭାଯାତ୍ରା କରି ଉପଜିଲାପାଳଙ୍କୁ ଦେବେ ଦାବିପତ୍ର**

ପଦ୍ମପୁର, ୨୯।୫ (ପ୍ରଦୀପ୍ତ ଦାଶ)

ସିବିଏସ୍ସି ପରୀକ୍ଷା ଫଳର ପ୍ରତିବାଦରେ ଅଭିଭାବକ ସଂଘ ତରଫରୁ ପଦ୍ମପୁର ଉପଖଣ୍ଡ ବନ୍ଦ ବୋଲି ନିଷ୍ପତ୍ତି ନିଆଯାଇଥିଲା। ମାତ୍ର ପଦ୍ମପୁରରେ ଚାଲୁଥିବା ଶୀତଳଷଷ୍ଠୀ ଯାତ୍ରାକୁ ଆଖିଆଗରେ ରଖି କେତେକ ଅନୁଷ୍ଠାନ ବନ୍ଦ ପାଳନ ନ କରିବା ପାଇଁ ମିଳିତ ଅଭିଭାବକ ସଂଘକୁ ଅନୁରୋଧ କରିଥିଲେ। ଗୁରୁବାର ପୁଣି ଅଭିଭାବକ ସଂଘ ଶୀତଳଷଷ୍ଠୀ କମିଟି ଓ ପଦ୍ମପୁର ବଣିକ ସଂଘ ଆଲୋଚନା କରି ଶୁକ୍ରବାର ବନ୍ଦ ପାଳନକୁ ସ୍ଥଗିତ କରିବା ସହିତ ସକାଳ ୮ଟାରେ ପଦ୍ମପୁର ଆର୍ଏମସି ପ୍ରାଙ୍ଗଣରୁ ଏକ ପ୍ରତିବାଦ ଶୋଭାଯାତ୍ରା ବାହାରି ଉପଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରାଯିବ ବୋଲି ଅଭିଭାବକ ସଂଘ କହିଛି।

### ଓକିଲ କହି ଟଙ୍କା ଦାବି କରୁଥିବା ଯୁବକ ଗିରଫ

ଝାରବନ୍ଧ, ୨୯।୫(ଦେବେନ୍ଦ୍ର ସାହୁ)

ବରଗଡ଼ ଜିଲା ଝାରବନ୍ଧ ଅଞ୍ଚଳରେ ନିଜକୁ ଓକିଲ କହି ଲୋକମାନଙ୍କଠାରୁ ଟଙ୍କା ଦାବି କରୁଥିବା ଜଣେ ଯୁବକଙ୍କୁ ପୋଲିସ ଗିରଫ କରିଛି। ସେ ହେଲେ ବୁଡେନ ଥାନା ଦର୍ଲିଗୁଡା ଗ୍ରାମର ମାଣିକ ଚନ୍ଦ୍ର ଦାସ। ମାଣିକ ଝାରବନ୍ଧ ଥାନା ଅଧିନସ୍ଥ ଅଡାପାଣି ଗ୍ରାମର ଦିଲ୍ଲୀପ ପ୍ରଧାନଙ୍କୁ ଧମକ ଦେଇ ଟଙ୍କା ଦାବି କରିଥିଲେ। ଦିଲ୍ଲୀପ ଖଇରା ଅଞ୍ଚଳର ଜଣେ ଯୁବତୀଙ୍କ ସହ ସମ୍ପର୍କ ରଖିଥିଲେ। ମାଣିକ ନିଜକୁ ଓକିଲ କହି ଉକ୍ତ ଯୁବତୀଙ୍କୁ ନେଇ ଦିଲ୍ଲୀପ ଘରେ ପହଞ୍ଚିଥିଲେ। ଦୁଇ ଲକ୍ଷ ଟଙ୍କା ଦାବି କରିଥିଲେ। ଦୁଇ ଦିନ ପରେ ଘଟଣାର ସମାଧାନ କରିଦେବା କହି ୬୦ହଜାର ଟଙ୍କା ଦାବି କରିଥିଲେ। ନଚେତ ଗ୍ରାମସଭା କରି ଥାନାରେ କେଶ କରିବାକୁ ଭୟ ଦେଖାଇଥିଲେ। ବାରମ୍ବାର ଅର୍ଥ ଦାବି କରୁଥିବାରୁ ଦିଲ୍ଲୀପଙ୍କ ବାପା ଗଦାଧର ପ୍ରଧାନ ଥାନାର ଦ୍ୱାରସ୍ଥ ହୋଇଥିଲେ। ଅଭିଯୋଗ କ୍ରମେ ଥାନା ଅଧିକାରୀ ଏକ ମାମଲା (ନଂ.୫୯/୨୦୨୫)ରୁଜୁ କରି ମାଣିକଙ୍କୁ କୋର୍ଟ ଚାଲାଣ କରିଛନ୍ତି।

# ଏମ୍ସ ଇଣ୍ଟରନ୍ୟାଶନାଲ ସ୍କୁଲରେ ଗ୍ରୀଷ୍ମକାଳୀନ ସମାପନ ଉତ୍ସବ ଉଦ୍‌ଯାପିତ

ଅତାବିରା, ୨୯।୫(ଯୁଧିଷ୍ଠିର ମହାପାତ୍ର)




ଉଦ୍‌ଯାପନୀ କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି।

ବରଗଡ଼ ଜିଲା ଅତାବିରାସ୍ଥିତ ଏମ୍ସ ଇଣ୍ଟରନ୍ୟାଶନାଲ ସ୍କୁଲରେ ବିଦ୍ୟାର୍ଥୀଙ୍କ ଗ୍ରୀଷ୍ମକାଳୀନ ସମାପନ ଉତ୍ସବ ମଙ୍ଗଳବାର ରାତିରେ ଉଦ୍‌ଯାପିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଚଳଚ୍ଚିତ୍ର ନିର୍ଦ୍ଦେଶକ ଲିଟୁ ମହାନ୍ତି ଯୋଗଦେଇ ସମାପନ ଶବ୍ଦର ବିଶ୍ଳେଷଣ କରି ଛାତ୍ରୀଛାତ୍ରଙ୍କ ଉଦ୍ଦେଶ୍ୟରେ ନିଜ ମତ ଉପସ୍ଥାପନ କରିଥିଲେ। ଏଥିରେ ଅନ୍ୟମାନଙ୍କ ମଧ୍ୟରେ ମିସ ନୟନ୍ତର ସିନା ସୋନାଲି ଦାଶ, କଣ୍ଠଶିଳ୍ପୀ ସୌଭାଗ୍ୟଲକ୍ଷ୍ମୀ ଦାଶ, ଅଙ୍କିତ ରାଜ, କଳାକାର ତଥା ଡ୍ୟାନ୍ସର ଜିତ ସୁନା, ମଡେଲର ଅନିଲ ମୁଣ୍ଡା ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ନିଜ କଳା ପ୍ରଦର୍ଶନ ସହ ଛାତ୍ରୀଛାତ୍ରଙ୍କୁ ଉଦ୍‌ବୋଧନ ଦେଇଥିଲେ। ଏଥିରେ ପରିଚାଳନା କମିଟି ସଭାପତି ଶ୍ରୀନିବାସ ପାତ୍ର, ସମ୍ପାଦକ ବିନୀତ ପାତ୍ର ପ୍ରମୁଖ ମଞ୍ଚାସୀନ ଥିଲେ। ପ୍ରାରମ୍ଭରେ ଅତିଥିମାନେ ମା' ସମଲେଶ୍ୱରୀଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ସହ ଦୀପ ପ୍ରଜ୍ୱଳନ କରି କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ସ୍କୁଲର ଛାତ୍ରୀଛାତ୍ର ସ୍ୱାଗତ ଓ ଉଦ୍‌ଯାପନୀ ସଙ୍ଗୀତଗାନ କରିବା ସହ ବିଭିନ୍ନ ପ୍ରକାର ରଙ୍ଗାରଙ୍ଗ ନୃତ୍ୟ ପରିବେଷଣ କରିଥିଲେ। ଏଥିରେ ପରିଚାଳନା ନିର୍ଦ୍ଦେଶକ ଶ୍ରୀମନ୍ତ ପାତ୍ର ସହଯୋଗ କରିଥିଲେ। ସ୍କୁଲର ଅଧ୍ୟକ୍ଷା ପ୍ରଜ୍ଞା ପରିମିତା ନନ୍ଦ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। କାର୍ଯ୍ୟକ୍ରମରେ ଅଞ୍ଚଳର ଶତାଧିକ ଅଭିଭାବିକା ଅଭିଭାବକଙ୍କ ସମେତ ଶିକ୍ଷାପ୍ରେମୀ ଯୋଗ ଦେଇଥିଲେ। ବିଭିନ୍ନ ଇଭେଣ୍ଟରେ ପାରଦର୍ଶିତା ଲାଭ କରିଥିବା ସ୍କୁଲର ବିଦ୍ୟାର୍ଥୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

# ଥମୁନି ବର୍ଷା, ବଢୁଛି ଚାଷୀଙ୍କ ଦୁଃଖ



ଭେଡ଼େନ ଅଞ୍ଚଳର ଚାଷୀମାନେ ବର୍ଷା ଯୋଗୁ ଧାନ ଘୋଡ଼ାଇ ରଖିଛନ୍ତି।

ଭେଡେନ, ୨୯।୫(ହୃଷୀକେଶ ଖମାରୀ)

ବରଗଡ଼ ଜିଲାରେ ବର୍ତ୍ତମାନ ଚାଷୀମାନଙ୍କ ରବିଧାନ ଅମଳ କାର୍ଯ୍ୟ ଜୋର୍ ଧରିଛି। ସେହିପରି ଧାନ କିଣାବିକା ମଧ୍ୟ ଚାଲିଛି। ଏଭଳି ସମୟରେ କ୍ରମାଗତ ବର୍ଷା ଲାଗି ରହିଥିବା ଯୋଗୁ ଚାଷୀଙ୍କ ଦୁଃଖ ବଢ଼ିବାରେ ଲାଗିଛି। ଜିଲାର ଭେଡ଼େନ ବ୍ଲକରେ ବର୍ଷାଯୋଗୁ ଚାଷୀଙ୍କ ବ୍ୟାପକ ଧାନ କ୍ଷତିଗ୍ରସ୍ତ ହୋଇଛି। କ୍ଷେତରେ କଟାଧାନ ବର୍ଷାପାଣିରେ ଭାସୁଥିବାବେଳେ ଠିଆଧାନ ଢ଼ଳି ପଡ଼ି ପ୍ରଭାବିତ ହୋଇଛି। ବର୍ଷାପାଣିରେ କ୍ଷେତ ପୂରି ରହିଥିବା ଯୋଗୁ ଧାନପେଟାଗୁଡ଼ିକ ପଚି ନଷ୍ଟ ହୋଇଯାଇଛି। ସେହିପରି ଚାଷୀମାନେ ଅମଳ ଧାନକୁ ଶୁଖାଇ ଥିବାବେଳେ ତାହା ମଧ୍ୟ ବର୍ଷାପାଣିରେ କ୍ଷତିଗ୍ରସ୍ତ ହୋଇଛି। ଏପରିକି କେତେକ ସ୍ଥାନରେ ଧାନରୁ ଗଜା ମଧ୍ୟ ବାହାରିଥିବା ପରିଲକ୍ଷିତ ହୋଇଛି। ଉକ୍ତ ବ୍ଲକ ଅନ୍ତର୍ଗତ ଉଦେପୁର ଗ୍ରାମର କ୍ଷୀରୋଦ ପ୍ରଧାନ, ଗଦାଧର ଦନ୍ତା, ତରଣୀ ପଧାନ ପ୍ରମୁଖ ଚାଷୀଙ୍କ ଧାନ ଭିଜି ବର୍ଷାରେ ପ୍ରଭାବିତ ହୋଇଥିବା ସେମାନେ କହିଛନ୍ତି। ଏଭଳି ସ୍ଥଳେ କ୍ଷତିଗ୍ରସ୍ତ ଚାଷୀଙ୍କୁ କ୍ଷତିପୂରଣ ଦେବା ଦିଗରେ ପ୍ରଶାସନ ବିହିତ ପଦକ୍ଷେପ ନେବା ପାଇଁ ଚାଷୀମାନେ ଦାବି କରିଛନ୍ତି। ଅନ୍ୟପଟେ ମଣ୍ଡି ତଥା ଧାନକ୍ରୟ କେନ୍ଦ୍ରଗୁଡ଼ିକରେ ଧାନ ଓଦା ରହିଥିବା ଆଳ କରି କଟନୀଛଟନୀ ଚାଲିଥିବା ଯୋଗୁ ଚାଷୀ ଅସନ୍ତୋଷ ବଢ଼ିବାରେ ଲାଗିଛି।

# ଧାନକେଣ୍ଡା ଧରି ଜିଲାପାଳଙ୍କ ଅଫିସରେ ପହଞ୍ଚିଲେ ଚାଷୀ



ପଚା ଧାନକେଣ୍ଡା ଧରି ଜିଲାପାଳଙ୍କୁ ଫେରାଦ ହୋଇଥିବା କ୍ଷତିଗ୍ରସ୍ତ ଚାଷୀମାନେ।

ବରଗଡ଼, ୨୯।୫(ପ୍ରେମାନନ୍ଦ ଖମାରୀ)

- ଇନପୁଟ୍ ସବସିଡ଼ି, ବୀମା କ୍ଷତିପୂରଣ ଦାବି
- ମଣ୍ଡିରେ ଜୋର୍ ଧରିଲା କଟନୀଛଟନୀ

ବରଗଡ଼ ଜିଲାରେ ଧାନ ଅମଳ ଏବଂ ସଂଗ୍ରହ ପ୍ରକ୍ରିୟା ଜୋର୍ ଧରିଛି। ଅନ୍ୟପଟେ ଚଳିତ ସପ୍ତାହରେ ଦୁହାକୁ ଦୁହା ବର୍ଷା ହେଉଛି। କ୍ଷେତ, ଖଳାଠାରୁ ଆରମ୍ଭ କରି ବିଭିନ୍ନ ଖୋଲାମଣ୍ଡିରେ ରହିଥିବା ଧାନ ଏଥିରେ ପ୍ରଭାବିତ ହେଉଛି। କ୍ଷେତରେ ଧାନପେଟା ବର୍ଷାପାଣି ଘେରରେ ରହି ନଷ୍ଟ ହେଉଛି। ଅନ୍ୟପଟେ ଅମଳ ଅବସ୍ଥାରେ ରହିଥିବା ଧାନଗଛ ମଧ୍ୟ କ୍ଷେତରେ ଢ଼ଳି ପଡ଼ି ପ୍ରଭାବିତ ହୋଇଛି। ସେହିପରି କ୍ଷେତ, ଖଳା ଏବଂ ଖୋଲାମଣ୍ଡିରେ ରହିଥିବା ଧାନ ଓଦା ହେବାରୁ ତାହା ଶୁଖାଇବା ପାଇଁ ଚାଷୀଙ୍କୁ ହଇରାଣ ହରକତ ହେବାକୁ ପଡ଼ିଛି। ଧାନ ଅମଳ ସମୟରେ ଏଭଳି ବର୍ଷା ଚାଷୀଙ୍କ ମାନସିକ ସ୍ଥିତିକୁ ଦୋହଲାଇ ଦେଇଛି।

ଏହି କ୍ରମରେ ଗୁରୁବାର ଜିଲାର ବରପାଲି ତହସିଲ ଅନ୍ତର୍ଗତ କୁମ୍ଭାରୀ ପଞ୍ଚାୟତର କ୍ଷତିଗ୍ରସ୍ତ ଚାଷୀମାନେ ଜିଲାପାଳ ଆଦିତ୍ୟ ଗୋୟଲଙ୍କୁ ଫେରାଦ ହୋଇଥିଲେ। ସେମାନଙ୍କୁ ଇନପୁଟ୍ ସବସିଡ଼ି ଏବଂ ବୀମା କ୍ଷତିପୂରଣ ଯୋଗାଇବା ଦିଗରେ ବିହିତ ପଦକ୍ଷେପ ନେବା ପାଇଁ ଚାଷୀମାନେ ଜିଲାପାଳଙ୍କୁ ନିବେଦନ କରିଛନ୍ତି। ସ୍ମାରକପତ୍ରରେ ଚାଷୀମାନେ ଉଲ୍ଲେଖ କରିଛନ୍ତି, ଗତ ୨୨ରୁ ୨୭ତାରିଖ ପର୍ଯ୍ୟନ୍ତ କ୍ରମାଗତ ବର୍ଷା ହୋଇଥିଲା। ଦୀର୍ଘ ୬ଦିନ ବର୍ଷା ହେବା ଯୋଗୁ ଏହାର ପ୍ରଭାବରେ କ୍ଷେତ, ଖଳାରେ ରହିଥିବା ଧାନ ବ୍ୟାପକ କ୍ଷତି ହୋଇଛି। କ୍ଷେତରେ କଟାହୋଇ ପଡ଼ିଥିବା ଧାନପେଟାଗୁଡ଼ିକ ୭୦ପ୍ରତିଶତ ନଷ୍ଟ ହୋଇଥିବା ଚାଷୀମାନେ କହିଛନ୍ତି। ଧାନପେଟା ବର୍ଷାଜଳ ଯୋଗୁ ପଚିଯାଇଛି। ଫଳରେ ସେଥିରୁ କିଛି ଅମଳ ହେବା ଆଶା ଆଦୌ ନାହିଁ। ସେହିପରି କ୍ଷେତରେ ଠିଆ ହୋଇ ରହିଥିବା ଧାନ ମଧ୍ୟ ୫୦ପ୍ରତିଶତ ନଷ୍ଟ ହୋଇଥିବାବେଳେ ଅମଳ ହୋଇ ରହିଥିବା ବୃନ୍ଦଧାନ ୭୦ପ୍ରତିଶତ ନଷ୍ଟ ହୋଇଥିବା ଚାଷୀମାନେ ସ୍ମାରକପତ୍ରରେ ଉଲ୍ଲେଖ କରିଛନ୍ତି। କୁମ୍ଭାରୀ ପଞ୍ଚାୟତର ରାଧେଶ୍ୟାମ ନାୟକ, ଗୁଣନିଧି ପଧାନ, ଭାଗ୍ୟବନ୍ତ ପଧାନ, ପ୍ରେମାନନ୍ଦ ନାୟକ, ଡାକ୍ତର ପଧାନ, ଉପେନ୍ଦ୍ର ସାହୁ, ରବୀନ୍ଦ୍ର ନାୟକ, ବଳରାମ ନାୟକ ପ୍ରମୁଖ ସ୍ମାରକପତ୍ର ପ୍ରଦାନ ପାଇଁ ଜିଲାପାଳଙ୍କ କାର୍ଯ୍ୟାଳୟକୁ ଆସିଥିଲେ।

ପ୍ରକାଶଥାଉକି, ଗତ ୧୪ତାରିଖରୁ ଜିଲାରେ ଧାନ ସଂଗ୍ରହ ପ୍ରକ୍ରିୟା ଆରମ୍ଭ ହୋଇଛି। ଜିଲାର ୧୮୯ ମଣ୍ଡିରେ ଧାନ କିଣାବିକା ଚାଲିଛି। ତେବେ ଧାନ ଅମଳ ଏବଂ ସଂଗ୍ରହ ପ୍ରକ୍ରିୟା ଜୋର୍ ଧରିଥିବା ସମୟରେ କ୍ରମାଗତ ବର୍ଷା ଚାଷୀଙ୍କୁ ଚଡ଼କ ସଦୃଶ ହୋଇଛି। ଚାଷୀଙ୍କ ଧାନ ଅମଳ ବାଧାପ୍ରାପ୍ତ ହେବା ସହିତ ଧାନ ଉଠାଣ ପ୍ରକ୍ରିୟା ମଧ୍ୟ ଶିଥିଳ ହୋଇ ପଡ଼ିଛି। ଅପରପକ୍ଷେ ଭିତ୍ତିଭୂମି ଅଭାବରୁ ଖୋଲାମଣ୍ଡିରେ ରହିଥିବା ଧାନ ବର୍ଷାରେ ପ୍ରଭାବିତ ହେଉଥିବାବେଳେ କ୍ଷେତ, ଖଳାରେ ରହିଥିବା ଧାନ ଅଧିକ ପ୍ରଭାବିତ ହୋଇଛି। ଏହାକୁ ନେଇ ଚାଷୀ ହତାଶ ହୋଇ ପଡ଼ିଥିବାବେଳେ ମଣ୍ଡି ଗୁଡ଼ିକରେ କଟନୀଛଟନୀ ଜୋର୍ ଧରିଛି। ମଣ୍ଡି ଖୋଲିବା ଆରମ୍ଭରୁ ଧାନ କୁଇଣ୍ଟାଲ ପ୍ରତି ୧କି.ଗ୍ରାରୁ ୨କି.ଗ୍ରା ପର୍ଯ୍ୟନ୍ତ କଟନୀଛଟନୀ ହେଉଥିବାବେଳେ ବର୍ତ୍ତମାନ ଏହା ୪କି.ଗ୍ରାରୁ ୫କି.ଗ୍ରା ପର୍ଯ୍ୟନ୍ତ ବୃଦ୍ଧି ପାଇଥିବା ଅଭିଯୋଗ ହୋଇଛି। କଟନୀଛଟନୀ ପ୍ରକ୍ରିୟାକୁ ଜିଲା ପ୍ରଶାସନ ନିୟନ୍ତ୍ରଣ ନ କଲେ ଅନେକ ଚାଷୀ ସେମାନଙ୍କ କଷ୍ଟୋପାର୍ଜିତ ଧାନର ପ୍ରାପ୍ୟରାଶି ପାଇବାରୁ ବଞ୍ଚିତ ହେବାର ଆଶଙ୍କା ରହିଛି। ସେହିପରି କଟନୀଛଟନୀକୁ ବିରୋଧ କରିବା ପାଇଁ ଚାଷୀମାନ ବିଭିନ୍ନ ସ୍ଥାନରେ ସଙ୍ଗଠିତ ହେଉଥିବା ଯୋଗୁ ଏହାକୁ ନେଇ ଆଗାମୀ ଦିନରେ ଏକ ବଡ଼ ଚାଷୀ ଆନ୍ଦୋଳନ ମଧ୍ୟ ମୁଣ୍ଡ ଟେକିଛି।

# ଉପଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ



କାଉନସିଲରମାନେ ଉପଜିଲାପାଳଙ୍କୁ ଦାବିପତ୍ର ଦେଉଛନ୍ତି।

ପଦ୍ମପୁର, ୨୯।୫(ପ୍ରଦୀପ୍ତ ଦାଶ)

**ବିଧାୟିକାଙ୍କ ଉଦ୍‌ଘାଟନକୁ ଭାଜପା କାଉନ୍‌ସିଲରଙ୍କ ବିରୋଧ**

ବୁଧବାର ପଦ୍ମପୁର ବିଧାୟିକା ବର୍ଷା ସିଂ ବରିହା ବିଜ୍ଞାପିତ ପରିଷଦ ଦ୍ୱାରା ନିର୍ମିତ ପଦ୍ମପୁରର ଆଧୁନିକ ଶ୍ମଶାନଘାଟ ଓ ଆମ୍ବେଦକର ଛକର ସୌନ୍ଦର୍ଯ୍ୟକରଣକୁ କେତେକ ଦଳୀୟ କର୍ମୀଙ୍କୁ ନେଇ ଉଦ୍‌ଘାଟନ କରିଥିଲେ। ଏନଏସି ନିର୍ବାହୀ ଅଧିକାରୀଙ୍କ ବିନା ଉପସ୍ଥିତିରେ ଏହି ଉଦ୍‌ଘାଟନୀ କାର୍ଯ୍ୟକ୍ରମ ହୋଇଥିଲା। ଏପରିକି ଫଳକରେ ନିର୍ବାହୀ ଅଧିକାରୀଙ୍କ ନାମ ମଧ ନାହିଁ। ସରକାରୀ ଅର୍ଥରେ ନିର୍ମିତ ଏହି କାର୍ଯ୍ୟକ୍ରମକୁ ଦଳୀୟ କାର୍ଯ୍ୟ ଭାବେ ଉପସ୍ଥାପିତ କରିଛନ୍ତି ବୋଲି ଗୁରୁବାର କାଉନସିଲର ଚିନ୍ମୟ କୁମାର ପଣ୍ଡା, କୁନାଲ ପାଣିଗ୍ରାହୀ, ପ୍ରମିଳା ମେହେର ପ୍ରମୁଖ ଉପଜିଲାପାଳ ସ୍ନେହା ଅରଗୁଲଙ୍କୁ ଭେଟି ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ଭବିଷ୍ୟତରେ ଏଭଳି କାର୍ଯ୍ୟ ପୁନରାବୃତ୍ତି ନ ହେବା ପାଇଁ ଅନୁରୋଧ କରିଛନ୍ତି।

ପଦ୍ମପୁର ଶୀତଳଷଷ୍ଠୀ




ବାବା ରାମେଶ୍ୱରଙ୍କ ପତ୍ରଫେଣ୍ଟିରେ ଉପସ୍ଥିତ ପଣ୍ଡିତ।

# ରାମେଶ୍ୱର ବାବାଙ୍କ ପତ୍ର ଫେଣ୍ଟି ସମାପନ

**ପଦ୍ମପୁର, ୨୯।୫ (ପ୍ରଦୀପ୍ତ ଦାଶ):** ପଦ୍ମପୁର ଶୀତଳଷଷ୍ଠୀ ଉତ୍ସବରେ ବାବା ରାମେଶ୍ୱରଙ୍କ ପତ୍ରଫେଣ୍ଟି ରୀତିନୀତି ଅନୁସାରେ ସମାପନ ହୋଇଯାଇଛି। ସୁସଜ୍ଜିତ ରଥରେ ବାଜା, ଘଣ୍ଟ ଶଙ୍ଖ ବଜାଇ ବାବା ରାମେଶ୍ୱର କନ୍ୟା ଅନ୍ୱେଷଣରେ ବାହାରିଥିଲେ। ବର ପିତାମାତା ସମୀର ପାଣିଗ୍ରାହୀ, କନକଲତା ପାଣିଗ୍ରାହୀ ଓ ସପ୍ତ ଋଷି ସ୍ଥାନୀୟ ରାମେଶ୍ୱର ମନ୍ଦିରରେ ପହଞ୍ଚିଥିଲେ। ସେଠାରେ ବରପିତାମାତା ଗୋପାଳ ପଣ୍ଡା ଓ ସୁଷମା ପଣ୍ଡା ସେମାନଙ୍କୁ ସ୍ୱାଗତ କରିଥିଲେ। ଏହା ପରେ ଆଗମନର ଉଦ୍ଦେଶ୍ୟ ପଚାରିବା ସହିତ ମହାଦେବଙ୍କ କନ୍ୟା ଖୋଜା କହି ମହାଦେବଙ୍କ ଗୁଣଗାନ କରିଥିଲେ। ଉଭୟ ପକ୍ଷ କଥାବାର୍ତ୍ତା ପରେ କନ୍ୟା ଦାନ ପାଇଁ ରାଜି ହୋଇଥିଲେ। ଏହାପରେ ସରଗି ପତ୍ର ବିଡା ଲେପତ୍ର ଫୁଲ ଦେଇ ନିର୍ବନ୍ଧ ବା ପତ୍ର ଫେଣ୍ଟି ସମାପନ ହୋଇ ପାର୍ବତୀଙ୍କୁ ଅଳଙ୍କାର ଧାରଣ କରାଯାଇଥିଲା। ପଣ୍ଡିତ ସୁବ୍ରତ ମିଶ୍ର, ପ୍ରବୀଣ ମିଶ୍ର, ଗଙ୍ଗାଧର ମହାପାତ୍ର ପ୍ରମୁଖ ପୂଜାକାର୍ଯ୍ୟ ସମାପନ କରିଥିଲେ। କମିଟି ତରଫରୁ ସଭାପତି ସୁରଜ ପ୍ରସାଦ ସାହୁ, ଆକାଶ ସାହୁ, ସମ୍ପାଦକ କମଳ ସାହୁଙ୍କ ସମେତ କମିଟିର ସଦସ୍ୟମାନେ ଉପସ୍ଥିତ ଥିଲେ।

## ସଂକ୍ଷେପରେ

### ସ୍ଥଗିତ ରହିଲା ପଦ୍ମପୁର ବନ୍ଦ ଡାକରା

**ପ୍ରତିବାଦ ଶୋଭାଯାତ୍ରା କରି ଉପଜିଲାପାଳଙ୍କୁ ଦେବେ ଦାବିପତ୍ର**

ପଦ୍ମପୁର, ୨୯।୫ (ପ୍ରଦୀପ୍ତ ଦାଶ)

ସିବିଏସ୍‌ସି ପରୀକ୍ଷା ଫଳର ପ୍ରତିବାଦରେ ଅଭିଭାବକ ସଂଘ ତରଫରୁ ପଦ୍ମପୁର ଉପଖଣ୍ଡ ବନ୍ଦ ବୋଲି ନିଷ୍ପତ୍ତି ନିଆଯାଇଥିଲା। ମାତ୍ର ପଦ୍ମପୁରରେ ଚାଲୁଥିବା ଶୀତଳଷଷ୍ଠୀ ଯାତ୍ରାକୁ ଆଖିଆଗରେ ରଖି କେତେକ ଅନୁଷ୍ଠାନ ବନ୍ଦ ପାଳନ ନ କରିବା ପାଇଁ ମିଳିତ ଅଭିଭାବକ ସଂଘକୁ ଅନୁରୋଧ କରିଥିଲେ। ଗୁରୁବାର ପୁଣି ଅଭିଭାବକ ସଂଘ ଶୀତଳଷଷ୍ଠୀ କମିଟି ଓ ପଦ୍ମପୁର ବଣିକ ସଂଘ ଆଲୋଚନା କରି ଶୁକ୍ରବାର ବନ୍ଦ ପାଳନକୁ ସ୍ଥଗିତ କରିବା ସହିତ ସକାଳ ୮ଟାରେ ପଦ୍ମପୁର ଆର୍‌ଏମସି ପ୍ରାଙ୍ଗଣରୁ ଏକ ପ୍ରତିବାଦ ଶୋଭାଯାତ୍ରା ବାହାରି ଉପଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରାଯିବ ବୋଲି ଅଭିଭାବକ ସଂଘ କହିଛି।

### ଓକିଲ କହି ଟଙ୍କା ଦାବି କରୁଥିବା ଯୁବକ ଗିରଫ

ଝାରବନ୍ଧ, ୨୯।୫ (ଦେବେନ୍ଦ୍ର ସାହୁ)

ବରଗଡ଼ ଜିଲା ଝାରବନ୍ଧ ଅଞ୍ଚଳରେ ନିଜକୁ ଓକିଲ କହି ଲୋକମାନଙ୍କଠାରୁ ଟଙ୍କା ଦାବି କରୁଥିବା ଜଣେ ଯୁବକଙ୍କୁ ପୋଲିସ ଗିରଫ କରିଛି। ସେ ହେଲେ ବୁଢେନ ଥାନା ଦର୍ଲିଗୁଡା ଗ୍ରାମର ମାଣିକ ଚନ୍ଦ୍ର ଦାସ। ମାଣିକ ଝାରବନ୍ଧ ଥାନା ଅଧିନସ୍ଥ ଅଡାପାଣି ଗ୍ରାମର ଦିଲ୍ଲୀପ ପ୍ରଧାନଙ୍କୁ ଧମକ ଦେଇ ଟଙ୍କା ଦାବି କରିଥିଲେ। ଦିଲ୍ଲୀପ ଖଇରା ଅଞ୍ଚଳର ଜଣେ ଯୁବତୀଙ୍କ ସହ ସମ୍ପର୍କ ରଖିଥିଲେ। ମାଣିକ ନିଜକୁ ଓକିଲ କହି ଉକ୍ତ ଯୁବତୀଙ୍କୁ ନେଇ ଦିଲ୍ଲୀପ ଘରେ ପହଞ୍ଚିଥିଲେ। ଦୁଇ ଲକ୍ଷ ଟଙ୍କା ଦାବି କରିଥିଲେ। ଦୁଇ ଦିନ ପରେ ଘଟଣାର ସମାଧାନ କରିଦେବା କହି ୬୦ହଜାର ଟଙ୍କା ଦାବି କରିଥିଲେ। ନଚେତ ଗ୍ରାମସଭା କରି ଥାନାରେ କେଶ କରିବାକୁ ଭୟ ଦେଖାଇଥିଲେ। ବାରମ୍ବାର ଅର୍ଥ ଦାବି କରୁଥିବାରୁ ଦିଲ୍ଲୀପଙ୍କ ବାପା ଗଦାଧର ପ୍ରଧାନ ଥାନାର ଦ୍ୱାରସ୍ଥ ହୋଇଥିଲେ। ଅଭିଯୋଗ କ୍ରମେ ଥାନା ଅଧିକାରୀ ଏକ ମାମଲା (ନଂ.୫୯/୨୦୨୫)ରୁଜୁ କରି ମାଣିକଙ୍କୁ କୋର୍ଟ ଚାଲାଣ କରିଛନ୍ତି।

### ଉପଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ

**ବିଧାୟିକାଙ୍କ ଉଦ୍‌ଘାଟନକୁ ଭାଜପା କାଉନ୍‌ସିଲରଙ୍କ ବିରୋଧ**

ପଦ୍ମପୁର, ୨୯।୫ (ପ୍ରଦୀପ୍ତ ଦାଶ)

ବୁଧବାର ପଦ୍ମପୁର ବିଧାୟିକା ବର୍ଷା ସିଂ ବରିହା ବିଜ୍ଞାପିତ ପରିଷଦ ଦ୍ୱାରା ନିର୍ମିତ ପଦ୍ମପୁରର ଆଧୁନିକ ଶ୍ମଶାନଘାଟ ଓ ଆମ୍ବେଦକର ଛକର ସୌନ୍ଦର୍ଯ୍ୟକରଣକୁ କେତେକ ଦଳୀୟ କର୍ମୀଙ୍କୁ ନେଇ ଉଦ୍‌ଘାଟନ କରିଥିଲେ। ଏନଏସି ନିର୍ବାହୀ ଅଧିକାରୀଙ୍କ ବିନା ଉପସ୍ଥିତିରେ ଏହି ଉଦ୍‌ଘାଟନୀ କାର୍ଯ୍ୟକ୍ରମ ହୋଇଥିଲା। ଏପରିକି ଫଳକରେ ନିର୍ବାହୀ ଅଧିକାରୀଙ୍କ ନାମ ମଧ୍ୟ ନାହିଁ। ସରକାରୀ ଅର୍ଥରେ ନିର୍ମିତ ଏହି କାର୍ଯ୍ୟକ୍ରମକୁ ଦଳୀୟ କାର୍ଯ୍ୟ ଭାବେ ଉପସ୍ଥାପିତ କରିଛନ୍ତି ବୋଲି ଗୁରୁବାର କାଉନସିଲର ଚିନ୍ମୟ କୁମାର ପଣ୍ଡା, କୁନାଲ ପାଣିଗ୍ରାହୀ, ପ୍ରମିଳା ମେହେର ପ୍ରମୁଖ ଉପଜିଲାପାଳ ସ୍ନେହା ଅରଗୁଲଙ୍କୁ ଭେଟି ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ଭବିଷ୍ୟତରେ ଏଭଳି କାର୍ଯ୍ୟ ପୁନରାବୃତ୍ତି ନ ହେବା ପାଇଁ ଅନୁରୋଧ କରିଛନ୍ତି।

# ସାଇବର ଠକେଇ ସୁରକ୍ଷା ପାଇଁ ଡିଜିରକ୍ଷା ଅଭିଯାନ

**ସୁନ୍ଦରଗଡ଼ ଜିଲା ପ୍ରଶାସନ ପକ୍ଷରୁ ୩ ଦିବସୀୟ ପ୍ରଶିକ୍ଷଣ କାର୍ଯ୍ୟକ୍ରମ**

ସୁନ୍ଦରଗଡ଼, ୨୯।୫ (ଜୟ ନାରାୟଣ ମେଣ୍ଡୁଲି)



କାର୍ଯ୍ୟକ୍ରମରେ ଉପସ୍ଥିତ ଅଧିକାରୀମାନେ।

ସାଇବର ଅପରାଧରୁ ଜନସାଧାରଣଙ୍କୁ ସଚେତନ ଏବଂ ସୁରକ୍ଷିତ କରିବା ଲକ୍ଷ୍ୟରେ ସୁନ୍ଦରଗଡ଼ ଜିଲା ପ୍ରଶାସନ ପକ୍ଷରୁ ଏକ ସ୍ୱତନ୍ତ୍ର ପଦକ୍ଷେପ ଗ୍ରହଣ କରାଯାଇଛି। 'ଡିଜିରକ୍ଷା ସାଇବର ଠକେଇରୁ ସୁରକ୍ଷା ପାଇଁ ଏକ ପଦକ୍ଷେପ' ନାମକ ଏକ ଅଭିଯାନ ଆରମ୍ଭ କରିଛି ଜିଲା ପ୍ରଶାସନ। ଏହି କାର୍ଯ୍ୟକ୍ରମ ଅଧୀନରେ ସ୍ଥାନୀୟ ସଂସ୍କୃତି ଭବନଠାରେ ବୁଧବାରଠାରୁ ତିନି ଦିନିଆ ତାଲିମ ତଥା ସଚେତନତା କାର୍ଯ୍ୟକ୍ରମ ଆୟୋଜିତ ହୋଇଛି। ପ୍ରଥମ ଦିନରେ ଜିଲାର ୭ଟି ବ୍ଲକରୁ ପ୍ରାୟ ୩୪୦ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ସଦସ୍ୟା ଏହି କାର୍ଯ୍ୟକ୍ରମରେ ସକ୍ରିୟ ଭାବେ ଅଂଶଗ୍ରହଣ କରିଥିଲେ। ଅତିରିକ୍ତ ଜିଲାପାଳ ରବି ନାରାୟଣ ସାହୁ, ଅତିରିକ୍ତ ପୋଲିସ ଅଧୀକ୍ଷକ ମହେନ୍ଦ୍ର ନାଥ ମୁର୍ମୁ, ଜିଲା ଖଣିଜ ପ୍ରତିଷ୍ଠାନର ମୁଖ୍ୟ କାର୍ଯ୍ୟ ନିର୍ବାହୀ ଅଧିକାରୀ ସୁଷମା ବିଲୁଙ୍ଗ, ଏଲଡିଏମ୍ ଗଗନ ବିହାରୀ ଧଳ, ଜିଲା କାର୍ଯ୍ୟକ୍ରମ ପରିଚାଳକ, ଓଡ଼ିଶା ଜୀବିକା ମିଶନ ସାମୁଏଲ ଟପ୍ପୋ ଏବଂ ଜିଲା ପ୍ରଶାସନର ଅନ୍ୟାନ୍ୟ ଅଧିକାରୀମାନେ କାର୍ଯ୍ୟକ୍ରମରେ ଯୋଗଦେଇଥିଲେ। ସେହିପରି ଦ୍ୱିତୀୟ ଦିନରେ ୬ଟି ବ୍ଲକରୁ ପ୍ରାୟ ୩୦୦ରୁ ଅଧିକ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ସଦସ୍ୟା ଏବଂ ମିଶନ ଶକ୍ତିର ଅନ୍ୟାନ୍ୟ ସଦସ୍ୟମାନେ ଏହି କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ। ସାଇବର ବିଶେଷଜ୍ଞ ଏବଂ ବୈଷୟିକ ଅଧିକାରୀମାନେ ରିପୋର୍ଟ ହୋଇଥିବା ପ୍ରକୃତ ସାଇବର ଠକେଇ ମାମଲାଗୁଡ଼ିକ ବିଷୟରେ କହିବା ସହ ଅଂଶଗ୍ରହଣକାରୀମାନଙ୍କୁ ସତ୍ୟ ଘଟଣା ସହିତ ସଂଯୋଗ କରି ସଚେତନ କରିଥିଲେ। ଅଜଣା ଲିଙ୍କରେ କ୍ଲିକ କରିବା, ଅଜଣା କଲରେ ଓଟିପି ଶେୟାର କରିବା କିମ୍ବା ସୋସିଆଲ ମିଡିଆରେ ବ୍ୟକ୍ତିଗତ ସୂଚନା ଶେୟାର କରିବା ଦ୍ୱାରା କିପରି ବ୍ୟକ୍ତିର ବଡ଼ ଆର୍ଥିକ କ୍ଷତି ହୋଇପାରେ ସେ ସମ୍ପର୍କରେ ଅବଗତ କରାଇଥିଲେ। ବିଶେଷଜ୍ଞମାନେ ଓଟିପି ଠକେଇ, ୟୁପିଆଇ ଠକେଇ, ଫିସିଂ ୱେବ୍‌ସାଇଟ, ନକଲି ଗ୍ରାହକ ସେବା କଲ, ହ୍ୱାଟ୍ସଆପ ହ୍ୟାକିଂ ଏବଂ ଅନ୍‌ଲାଇନ ଲଟେରି ଭଳି ଠକେଇ ମାଧ୍ୟମରେ ଠକମାନଙ୍କ ଦ୍ୱାରା କରାଯାଉଥିବା ସାଇବର ଅପରାଧ ବିଷୟରେ ବିସ୍ତୃତ ଭାବେ ବୁଝାଇଥିଲେ। ଏହା ସହିତ ଆଜିକାଲି ଅପରାଧୀମାନେ ଭ୍ରାମକ ୱେବ୍‌ସାଇଟ ଏବଂ ନକଲି ଆପ୍ଲିକେସନ ମାଧ୍ୟମରେ ଲୋକଙ୍କ ବ୍ୟାଙ୍କ ସୂଚନା ଚୋରି କରି ସେମାନଙ୍କ ଆକାଉଣ୍ଟରୁ କିପରି ଟଙ୍କା ଉଠାଇ ନେଉଛନ୍ତି ସେ ବିଷୟରେ ଅବଗତ କରାଇଥିଲେ। ଏହି କାର୍ଯ୍ୟକ୍ରମରେ ଡିଜିଟାଲ ଦୁନିଆରେ ମହିଳାମାନେ କିପରି ସୁରକ୍ଷିତ ରହିପାରିବେ ସେ ସମ୍ବନ୍ଧରେ ମଧ୍ୟ କୁହାଯାଇଥିଲା। ଓଟିପି କିମ୍ବା ବ୍ୟକ୍ତିଗତ ବିବରଣୀ କାହା ସହିତ ଶେୟାର କରିବେ ନାହିଁ, ଅଜଣା ଲିଙ୍କ କିମ୍ବା ଆପ୍ଲିକେସନ ଡାଉନଲୋଡ କରିବାରୁ ଦୂରେଇ ରହିବେ, କେବଳ ଅଧିକୃତ ଉତ୍ସରୁ ବ୍ୟାଙ୍କ କିମ୍ବା ସରକାରୀ ପ୍ରତିଷ୍ଠାନର ୱେବସାଇଟ ଆକ୍ସେସ କରିବେ। ସାଇବର ଅପରାଧ ବିଷୟରେ ଜାଣିଲେ ତୁରନ୍ତ www.cybercrime.gov.in ରେ ଅଭିଯୋଗ ଦାଖଲ କରିବେ କିମ୍ବା ୧୯୩୦ ଟୋଲ-ଫ୍ରି ନମ୍ବରରେ କଲ କରିବେ। ଜଣେ ସଚେତନ ନାଗରିକ କେବଳ ନିଜକୁ ନୁହେଁ ବରଂ ତାଙ୍କ ସମଗ୍ର ପରିବାର ଏବଂ ସମ୍ପ୍ରଦାୟକୁ ସାଇବର ଠକେଇରୁ କିପରି ରକ୍ଷା କରିପାରିବେ ସେ ବିଷୟରେ ଅବଗତ କରାଯାଇଥିଲା। ଅଂଶଗ୍ରହଣକାରୀମାନଙ୍କୁ ଡିଜିଟାଲ ସେବାର ନିରାପଦ ବ୍ୟବହାର ବିଷୟରେ ମଧ୍ୟ ଶିକ୍ଷା ଦିଆଯାଇଥିଲା। 'ଡିଜିରକ୍ଷା' ଅଭିଯାନ ଅଧୀନରେ ଜିଲାର ସମସ୍ତ ବ୍ଲକ, ପଞ୍ଚାୟତ ଏବଂ ଗାଁରେ ପର୍ଯ୍ୟାୟକ୍ରମେ ଏପରି ତାଲିମ କାର୍ଯ୍ୟକ୍ରମ ଆୟୋଜନ କରାଯିବ। ଏଥିସହ ବିଦ୍ୟାଳୟ ଖୋଲିବା ପରେ ବିଦ୍ୟାଳୟ ସ୍ତରରେ ମଧ ଛାତ୍ରୀଛାତ୍ରଙ୍କୁ ସାଇବର ସୁରକ୍ଷା ବିଷୟରେ ସଚେତନ କରାଯିବ। ଏହାଦ୍ୱାରା ସେମାନେ ଡିଜିଟାଲ ଯୁଗରେ ସୁରକ୍ଷିତ ରହିପାରିବେ।

# ୨ ଅଧ୍ୟକ୍ଷଙ୍କ ସମେତ ୫ ନିଲମ୍ବିତ

ବରଗଡ଼, ୨୯।୫ (ପ୍ରେମାନନ୍ଦ ଖମାରୀ)

- ୩୩ ଶିକ୍ଷକଙ୍କୁ କାରଣ ଦର୍ଶାଅ ନୋଟିସ୍
- ସିବିଏସ୍‌ଇ ପରୀକ୍ଷା ପରିଚାଳନାରେ ଅନିୟମିତତା

ବରଗଡ଼ ଜିଲା ପଦ୍ମପୁର ଉପଖଣ୍ଡର ୨ସିବିଏସ୍‌ଇ ପରୀକ୍ଷାକେନ୍ଦ୍ରରେ ପରୀକ୍ଷା ପରିଚାଳନାରେ ଅନିୟମିତତା ହୋଇଥିବା ଦର୍ଶାଇ ଓଡ଼ିଶା ଆଦର୍ଶ ବିଦ୍ୟାଳୟ (ଓଏଭି)ର ୨ଅଧ୍ୟକ୍ଷଙ୍କ ସମେତ ୫ ଶିକ୍ଷକଙ୍କୁ ବୁଧବାର ନିଲମ୍ବିତ କରାଯାଇଛି। ସେମାନେ ହେଲେ, ବାନ୍ଧୁପାଲି ଓଏଭିର ଅଧ୍ୟକ୍ଷ ରବିରତ୍ନ ହୋତା, ଉପାଧ୍ୟକ୍ଷ ତଥା ଭାରପ୍ରାପ୍ତ ଅଧ୍ୟକ୍ଷ ରୁଦ୍ର ନାରାୟଣ ଭୋଇ, ଇଂରାଜୀ ଶିକ୍ଷକ ଲିମେଶ ଦାସ, କମ୍ପ୍ୟୁଟର ଶିକ୍ଷକ ସୁଜ୍ଞାନ୍ତ ଗଡ଼ତିଆ ଏବଂ ଫ୍ରେଜରପୁର ଓଏଭିର ଉପାଧ୍ୟକ୍ଷ ତଥା ଭାରପ୍ରାପ୍ତ ଅଧ୍ୟକ୍ଷ ଜୟନ୍ତ କୁମାର ସାହୁ। ନିଲମ୍ବନ ସମୟରେ ଜିଲା ଶିକ୍ଷା କାର୍ଯ୍ୟାଳୟରେ ନିୟମିତ ଉପସ୍ଥାନ ଦେବା ଏବଂ ବିନା ଅନୁମତିରେ ଜିଲା ମୁଖ୍ୟାଳୟ ନ ଛାଡ଼ିବା ପାଇଁ ସେମାନଙ୍କୁ ଓଡ଼ିଶା ଆଦର୍ଶ ବିଦ୍ୟାଳୟ ସଙ୍ଗଠନର ରାଜ୍ୟ ପ୍ରକଳ୍ପ ନିର୍ଦ୍ଦେଶକ (ଷ୍ଟେଟ୍ ପ୍ରୋଜେକ୍ଟ ଡାଇରେକ୍ଟର)ଙ୍କ ନିର୍ଦ୍ଦେଶ ରହିଛି। ପ୍ରକାଶଥାଉକି, ପଦ୍ମପୁର ଉପଖଣ୍ଡର ୨ସିବିଏସ୍‌ଇ ପରୀକ୍ଷାକେନ୍ଦ୍ରରେ ଦଶମ ଏବଂ ଦ୍ୱାଦଶ ଶ୍ରେଣୀ ପରୀକ୍ଷାଫଳକୁ ନେଇ ଅସନ୍ତୋଷ ଲାଗି ରହିଛି। ପ୍ରଥମେ ଉକ୍ତ ପରୀକ୍ଷାକେନ୍ଦ୍ରର ପରୀକ୍ଷାଫଳକୁ ସ୍ଥଗିତ ରଖାଯାଇଥିଲା। ଏହାର ପ୍ରତିବାଦରେ ପରୀକ୍ଷାର୍ଥି ଏବଂ ଅଭିଭାବକମାନେ ଧାରଣା, ଅନଶନକୁ ଓହ୍ଲାଇଥିଲେ। ଏହା ପରେ ଗତ ୨୭ତାରିଖ ପରୀକ୍ଷାଫଳ ପ୍ରକାଶ ପାଇଥିଲା। ତେବେ ଉକ୍ତ ପରୀକ୍ଷାକେନ୍ଦ୍ରର ସମୁଦାୟ ୧୧୮୫ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ୩୦୦ ପରୀକ୍ଷାର୍ଥୀ କୃତକାର୍ଯ୍ୟ ହୋଇଥିବା ନେଇ ପରୀକ୍ଷାଫଳ ପ୍ରକାଶ ପାଇଥିବାବେଳେ ଅନ୍ୟ ୮୮୫ ପରୀକ୍ଷାର୍ଥୀଙ୍କ ବିଭିନ୍ନ ବିଷୟର ପରୀକ୍ଷାଫଳକୁ ରଦ୍ଦ କରି ଦିଆଯାଇଛି। ପରୀକ୍ଷାଫଳ ପ୍ରକାଶ ଦିଗରେ ସିବିଏସ୍‌ଇ କର୍ତ୍ତୃପକ୍ଷଙ୍କ ଏଭଳି ଆଭିମୁଖ୍ୟ ନେଇ ଅସନ୍ତୋଷ ଦ୍ୱିଗୁଣିତ ହୋଇଛି।

# ଦେବ ନିମନ୍ତ୍ରଣ ପାଇଁ ଭୈରବ ବାବାଙ୍କ ନଗର ପରିକ୍ରମା


ଭୈରବ ବାବାଙ୍କ ନଗର ପରିକ୍ରମା।

ବରପାଲି, ୨୯।୫ (ଚିତ୍ତରଞ୍ଜନ ସାହୁ)

ବରଗଡ଼ ଜିଲା ବରପାଲିର ୧୪୮ତମ ଶୀତଳଷଷ୍ଠୀ ଯାତ୍ରାର ଗୁରୁବାର ତୃତୀୟ ଦିବସରେ ଶିବପାର୍ବତୀଙ୍କ ବିବାହ ନିମନ୍ତ୍ରଣ କଲେ ଭୈରବ ବାବା। ଆଜିର ଯାତ୍ରାକୁ 'ଭୈରୋ ବୁଲା' କୁହାଯାଏ। ସୋମବାର ତୃତୀୟା ଦିନ ଭଣ୍ଡାର ଗୃହରେ ଅବସ୍ଥାପିତ ବାବା କପିଳେଶ୍ୱର ଓ ଜଗତ ଜନନୀ ମା' ପାର୍ବତୀଙ୍କ ସ୍ନାନ ଓ ଶତ ଆରତୀ ପରେ ମଧ୍ୟାହ୍ନରେ ଅନ୍ନଭୋଗ ଲାଗି ହୋଇଥିଲା। ସନ୍ଧ୍ୟାରେ ଏକ ବିରାଟ ଶୋଭାଯାତ୍ରାରେ ବାବା ଭୈରବ ଦେବ ଦମ୍ପତିଙ୍କ ବିବାହରେ ଯୋଗ ଦେବା ପାଇଁ ସମସ୍ତ ଦେବା ଦେବୀଙ୍କୁ ନିମନ୍ତ୍ରଣ ପାଇଁ ନଗର ପରିକ୍ରମା କରନ୍ତି। ଏହି ଶୋଭାଯାତ୍ରାରେ ଦୁଲଦୁଲି ବାଜା, ଘଣ୍ଟ, ବାଦ୍ୟ ଡିଜେ ଆଦି ସାମିଲ ହୋଇଥିଲେ। ଅନ୍ୟ ପକ୍ଷରେ ବ୍ରହ୍ମାଙ୍କ ବରରେ ବଳୀୟାନ ହୋଇ ତାରକାସୁରର ନଗର ପରିକ୍ରମା କରି ସ୍ୱର୍ଗ ଉପରେ ଆକ୍ରମଣ କରି ବିଜୟ ଲାଭ କରିବା ପରେ ଗଣ୍ଡା ରାମ ଜ୍ୱେଲର୍ସ ନିକଟରେ ଥିବା ମଞ୍ଚରେ ତାଙ୍କ ରଙ୍ଗ ସଭା ଆୟୋଜନ କରିଥିଲେ। ଉକ୍ତ ରଙ୍ଗ ସଭାରେ ବିଭିନ୍ନ ପ୍ରକାର ନୃତ୍ୟଗୀତ ପରିବେଷଣ କରାଯାଇଥିଲା। ବରପାଲି ଶୀତଳ ଷଷ୍ଠୀର ସାଂସ୍କୃତିକ କାର୍ଯ୍ୟକ୍ରମର ମୁଖ୍ୟ ଆକର୍ଷଣ ଥିବା ନଟରାଜ ମହୋତ୍ସବକୁ ହାଇସ୍କୁଲ ପଡିଆରେ ଗୁରୁବାର ଉଦଘାଟିତ ହୋଇଛି। ଉଦଘାଟନୀ ଦିବସରେ ଓଡ଼ିଶାର ବିଭିନ୍ନ ସାଂସ୍କୃତିକ ଦଳ ମନୋରଞ୍ଜନ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ଏହି ଅବସରରେ ଶୀତଳ ଷଷ୍ଠୀ ଯାତ୍ରା କମିଟି ପକ୍ଷରୁ ପ୍ରକାଶିତ ହେଉଥିବା ସ୍ମରଣିକା ରୁଦ୍ରଜ୍ୟୋତିକୁ ବୁଧବାର ସନ୍ଧ୍ୟାରେ ତରକାସୁର୍ ଦରବାରରେ ବିଧାୟକ ସନତ କୁମାର ଗଡତିୟା, ବିଧାୟକ ନୀହାର ମହାନନ୍ଦ ମୁଖ୍ୟ ଅତିଥି ଭାବରେ ଯୋଗଦେଇ ଉନ୍ମୋଚନ କରିଥିଲେ। ବିଗତ ବର୍ଷପରି ଚଳିତବର୍ଷ ମଧ କିନ୍ନରଙ୍କ ର୍ୟାମ୍ପ ଶୋ' ଅନୁଷ୍ଠିତ ହୋଇ କୃତି ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ସେହିପରି ହିମାଦ୍ରୀ ନଗର ମଧ ଦିନସାରା ଚଳଚଞ୍ଚଳ ହୋଇରହିଛି। ସକାଳେ ମହିଳାମାନଙ୍କର ଏକ ବିରାଟ କଳସ ଶୋଭାଯାତ୍ରା ବାହାରିଥିଲା। ହିମାଦ୍ରୀ ନଗରଠାରେ ମଧ ବିଭିନ୍ନ ମନୋରଞ୍ଜନ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ଯାତ୍ରା କମିଟି ପକ୍ଷରୁ ସହରର ବିଭିନ୍ନ ଛକରେ ରଙ୍ଗାରଙ୍ଗ ମନୋରଞ୍ଜନ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ହାଇସ୍କୁଲ ପଡ଼ିଆରେ ମୀନାବଜାର ପାଇଁ ପ୍ରତିକୂଳ ପାଗ ଯୋଗୁଁ ଜନଗହଳି କମ ପରିଲକ୍ଷିତ ହୋଇଥିଲା। ମଧରାତ୍ରରେ ରାମେଶ୍ୱର ଶିବ ମନ୍ଦିରରେ ମହାଦୀପ ସଂସ୍ଥାପନ କରାଯାଇଥିଲା।


ଜିଲାପାଳ ଓ ଅନ୍ୟମାନେ ପତାକା ଦେଖାଇ ରଥର ଶୁଭାରମ୍ଭ କରୁଛନ୍ତି।

### ଖାଉଟି ଅଦାଲତରେ ଷ୍ଟେଟ୍‌ବ୍ୟାଙ୍କ ଦଣ୍ଡିତ

ଭବାନୀପାଟଣା, ୨୯।୫ (ଉତ୍ତମ କୁମାର ଦାଶ): ସ୍ୱାମୀଙ୍କ ଋଣ ପାଇଁ ସ୍ତ୍ରୀଙ୍କ ଜମାଖାତା ସ୍ଥଗିତ କରିଥିବାରୁ ଗୁରୁବାର ଖାଉଟି ଅଦାଲତ ଷ୍ଟେଟ ବ୍ୟାଙ୍କକୁ ଦଣ୍ଡିତ କରିଛନ୍ତି। ଏଭଳି ଘଟଣା ଦେଖିବାକୁ ମିଳିଛି କଳାହାଣ୍ଡି ଜିଲା ଭବାନୀପାଟଣା ସହରସ୍ଥିତ ଷ୍ଟେଟବ୍ୟାଙ୍କ ଶାଖାରେ। ପ୍ରକାଶ ଯେ, ଭବାନୀପାଟଣା ସହର ଦେବାନ ସାହେବ ପଡ଼ାର ସ୍ୱର୍ଗତ ଜଳେଶ୍ୱର ଧଙ୍ଗଡ଼ାମାଝୀଙ୍କ ସ୍ତ୍ରୀ ରୀତାଞ୍ଜଳି ଧଙ୍ଗଡ଼ାମାଝୀଙ୍କ ସ୍ଥାନୀୟ ଷ୍ଟେଟବ୍ୟାଙ୍କ ମୁଖ୍ୟ ଶାଖାରେ ଏକ ଜମାଖାତା ରହିଛି। ସ୍ୱାମୀଙ୍କ ଋଣକୁ କେନ୍ଦ୍ରକରି ବ୍ୟାଙ୍କ କର୍ତ୍ତୃପକ୍ଷ ରୀତାଞ୍ଜଳିଙ୍କ ଜମାଖାତାକୁ ଅସ୍ଥାୟୀ ଭାବେ ବନ୍ଦ କରିଥିଲେ। ଫଳରେ ଅଭିଯୋଗକାରୀ ରୀତାଞ୍ଜଳି ସେହି ଜମାଖାତାରୁ ପେନ୍‌ସନ ଟଙ୍କା ଉଠାଣ କରିପାରୁ ନ ଥିଲେ। ଏ ନେଇ ରୀତାଞ୍ଜଳି ଜିଲା ଖାଉଟି ଅଦାଲତଙ୍କ ଦ୍ୱାରସ୍ଥ ହୋଇଥିଲେ। ଜିଲା ଖାଉଟି ଅଦାଲତ ଉକ୍ତ ଜମାଖାତାକୁ ନିୟମିତ କରିବା ପାଇଁ ଷ୍ଟେଟ ବ୍ୟାଙ୍କ କର୍ତ୍ତୃପକ୍ଷଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଏହାସହ ଅଭିଯୋଗକାରୀଙ୍କୁ ୨୫ ହଜାର ଟଙ୍କା କ୍ଷତିପୂରଣ ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି। ୪୫ଦିନ ମଧ୍ୟରେ କ୍ଷତିପୂରଣ ରାଶି ନ ଦେଲେ ଦୈନିକ ୨ଶହ ଟଙ୍କା ସୁଧ ଦେବାକୁ ଅଦାଲତ ଉଲ୍ଲେଖ କରିଛନ୍ତି। ଖାଉଟି ଅଦାଲତ ସଭାପତି ଅଶ୍ୱିନୀ ପାତ୍ର ଓ ସଦସ୍ୟା ଜ୍ୟୋତ୍ସ୍ନାରାଣୀ ମିଶ୍ର ଏହି ମାମଲାର ଶୁଣାଣି କରିଥିଲେ।

### ଅମୁନି ବର୍ଷା, ବଢୁଛି ଚାଷୀଙ୍କ ଦୁଃଖ

ଭେଡେନ, ୨୯।୫ (ହୃଷୀକେଶ ଖମାରୀ): ବରଗଡ଼ ଜିଲାରେ ବର୍ତ୍ତମାନ ଚାଷୀମାନଙ୍କ ରବିଧାନ ଅମଳ କାର୍ଯ୍ୟ ଜୋର୍ ଧରିଛି। ସେହିପରି ଧାନ କିଣାବିକା ମଧ୍ୟ ଚାଲିଛି। ଏଭଳି ସମୟରେ କ୍ରମାଗତ ବର୍ଷା ଲାଗି ରହିଥିବା ଯୋଗୁ ଚାଷୀଙ୍କ ଦୁଃଖ ବଢ଼ିବାରେ ଲାଗିଛି। ଜିଲାର ଭେଡ଼େନ ବ୍ଲକରେ ବର୍ଷାଯୋଗୁ ଚାଷୀଙ୍କ ବ୍ୟାପକ ଧାନ କ୍ଷତିଗ୍ରସ୍ତ ହୋଇଛି। କ୍ଷେତରେ କଟାଧାନ ବର୍ଷାପାଣିରେ ଭାସୁଥିବାବେଳେ ଠିଆଧାନ ଢ଼ଳି ପଡ଼ି ପ୍ରଭାବିତ ହୋଇଛି। ବର୍ଷାପାଣିରେ କ୍ଷେତ ପୂରି ରହିଥିବା ଯୋଗୁ ଧାନପେଟାଗୁଡ଼ିକ ପଚି ନଷ୍ଟ ହୋଇଯାଇଛି।

# ବିକଶିତ କୃଷି ସଂକଳ୍ପ ଅଭିଯାନ ଶୁଭାରମ୍ଭ

ସୁନ୍ଦରଗଡ, ୨୯।୫ (ଜୟ ନାରାୟଣ ମେଣ୍ଡୁଲି)

କୃଷି ଓ କୃଷକ କଲ୍ୟାଣ ମନ୍ତ୍ରଣାଳୟ ଏବଂ ଭାରତୀୟ କୃଷି ଗବେଷଣା ପରିଷଦ (ଆଇ.ସି.ଏ.ଆର) ପକ୍ଷରୁ ଆରମ୍ଭ କରାଯାଇଥିବା ୧୫ ଦିନିଆ ବିକଶିତ କୃଷି ସଂକଳ୍ପ ଅଭିଯାନ ସୁନ୍ଦରଗଡ କୃଷି ବିଜ୍ଞାନ କେନ୍ଦ୍ର ତରଫରୁ ଗୁରୁବାରଠାରୁ ଆରମ୍ଭ ହୋଇଛି। ମେ ୨୯ରୁ ଜୁନ ୧୨ ତାରିଖ ପର୍ଯ୍ୟନ୍ତ ଏହି ଅଭିଯାନ ଚାଲିବ। ଜିଲାର ୧୭ ବ୍ଲକର ୬୦ ଗ୍ରାମରେ ୧୫ହଜାର ଚାଷୀଙ୍କୁ ପ୍ରାକ୍ ଖରିଫ କାର୍ଯ୍ୟକ୍ରମ ନିମନ୍ତେ ନୂତନ ପ୍ରଯୁକ୍ତି ବିଦ୍ୟା, ସରକାରୀ ଯୋଜନା ସମ୍ବନ୍ଧୀୟ ସୂଚନା, ଚାଷୀଙ୍କ ମତାମତ ଓ ସୃଜନଶୀଳତାର ଦସ୍ତାବିଜକରଣ କରାଯିବା ନିମନ୍ତେ କାର୍ଯ୍ୟକ୍ରମ ଗ୍ରହଣ କରାଯାଇଛି। ଗୁରୁବାର ଜିଲାପାଳଙ୍କ କାର୍ଯ୍ୟାଳୟରୁ ବିକଶିତ କୃଷି ସଂକଳ୍ପ ଅଭିଯାନ କୃଷି ରଥ ଜିଲାପାଳ ମନୋଜ ସତ୍ୟବାନ ମହାଜନଙ୍କ ଦ୍ୱାରା ଶୁଭାରମ୍ଭ କରାଯାଇଥିଲା। ଅତିରିକ୍ତ ଜିଲାପାଳ ରବିନାରାୟଣ ସାହୁ, ଜିଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ ସୁରଞ୍ଜନ ସାହୁ, ପୌରାଧ୍ୟକ୍ଷା ତନୟା ମିଶ୍ର, ମୁଖ୍ୟ ଜିଲା କୃଷି ଅଧିକାରୀ ଲାଲ ବିହାରୀ ମଲ୍ଲିକ, କୃଷି ବିଜ୍ଞାନ କେନ୍ଦ୍ରର ବରିଷ୍ଠ ବୈଜ୍ଞାନିକ ଏବଂ ମୁଖ୍ୟ ଡ.ଲକ୍ଷ୍ମିପ୍ରୀୟା ପ୍ରଧାନଙ୍କ ସମେତ ମୁଖ୍ୟ ଜିଲା ପ୍ରାଣୀ ଚିକିତ୍ସା ଅଧିକାରୀ, ଜିଲା ସମବାୟ ନିବନ୍ଧକ, ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ନନ୍ଦିନୀ ମୁଣ୍ଡାରୀ, ଉଦ୍ୟାନ କୃଷି ବିଭାଗର ଉପ ନିର୍ଦ୍ଦେଶକ, ଆଞ୍ଚଳିକ କୃଷି ଓ ଗବେଷଣା ଉପକେନ୍ଦ୍ର, କିରେଇର ମୁଖ୍ୟ ଡ. ଲକ୍ଷ୍ମୀ ପ୍ରିୟା ପ୍ରଧାନ, ସମସ୍ତ ବୈଜ୍ଞାନିକ ଏବଂ କର୍ମକର୍ତ୍ତାମାନେ ଉପସ୍ଥିତ ଥିଲେ। ଜିଲା କୃଷି ଓ କୃଷକ ସଶକ୍ତିକରଣ ବିଭାଗ ଓ କୃଷି ବିଜ୍ଞାନ କେନ୍ଦ୍ରର ମିଳିତ ଉଦ୍ୟମରେ ସ୍ଥିରୀକୃତ ଗ୍ରାମ ସଦରବ୍ଲକର ବାରଗାଡ଼ ଓ ବୁଦେଲକାନି, ଟାଙ୍ଗପାଲିବ୍ଲକର ଫୁଲଧୁଡ଼ି ଏବଂ କତ୍ରା ଗ୍ରାମରେ ପ୍ରାୟ୧୦୦ ଚାଷୀଙ୍କୁ ନେଇ ବିକଶିତ କୃଷି ସଂକଳ୍ପ ଅଭିଯାନର ସଚେତନତା କାର୍ଯ୍ୟକ୍ରମ ଭାରତୀୟ କୃଷି ଗବେଷଣା ପରିଷଦ (ଆଇ.ସି.ଏ.ଆର) ପକ୍ଷରୁ ଶୁଭାରମ୍ଭ କରାଯାଇଥିଲା। ପ୍ରାକ୍ ଖରିଫ ମୌସୁମୀର ଆଗାମୀ ସୂଚନା, ଜଳବାୟୁ ଅନୁକୂଳ ବିହନ, ରାସାୟନିକ ସାରର ଉପଲବ୍ଧତା, ବିଭିନ୍ନ ସରକାରୀ ଯୋଜନା, ଉନ୍ନତ ଜ୍ଞାନ କୌଶଳ ବ୍ୟବହାର କରି ବିଭିନ୍ନ ଫସଲର ଉତ୍ପାଦନ ଓ ଉତ୍ପାଦିକତା ବୃଦ୍ଧି ଏବଂ ମୃତ୍ତିକା ସ୍ୱାସ୍ଥ୍ୟକାର୍ଡର ବ୍ୟବହାର କରି ଠିକ୍ ପରିମାଣର ସାର ପ୍ରୟୋଗ କରିବା ଉପରେ ଗୁରୁତ୍ୱାରୋପ କରାଯାଇଥିଲା ଏବଂ ଚାଷୀମାନଙ୍କୁ ମୃତ୍ତିକା ସ୍ୱାସ୍ଥ୍ୟ କାର୍ଡ, ବିଭିନ୍ନ ସରକାରୀ ଯୋଜନାର ପତ୍ରିକା, କିସାନ ସାରଥି ପତ୍ରିକା ଏବଂ ପ୍ରାକ୍ ଖରିଫ ପରାମର୍ଶ ପତ୍ରିକା ପ୍ରଦାନ କରାଯାଇଥିଲା।

# ଧାନକେଣ୍ଡା ଧରି ଜିଲାପାଳଙ୍କ ଅଫିସରେ ପହଞ୍ଚିଲେ ଚାଷୀ

ବରଗଡ଼, ୨୯।୫ (ପ୍ରେମାନନ୍ଦ ଖମାରୀ)

- ଇନପୁଟ୍ ସବସିଡ଼ି, ବୀମା କ୍ଷତିପୂରଣ ଦାବି
- ମଣ୍ଡିରେ ଜୋର୍ ଧରିଲା କଟନୀଛଟନୀ

ବରଗଡ଼ ଜିଲାରେ ଧାନ ଅମଳ ଏବଂ ସଂଗ୍ରହ ପ୍ରକ୍ରିୟା ଜୋର୍ ଧରିଛି। ଅନ୍ୟପଟେ ଚଳିତ ସପ୍ତାହରେ ତୁହାକୁ ତୁହା ବର୍ଷା ହେଉଛି। କ୍ଷେତ, ଖଳାଠାରୁ ଆରମ୍ଭ କରି ବିଭିନ୍ନ ଖୋଲାମଣ୍ଡିରେ ରହିଥିବା ଧାନ ଏଥିରେ ପ୍ରଭାବିତ ହେଉଛି। କ୍ଷେତରେ ଧାନପେଟା ବର୍ଷାପାଣି ଘେରରେ ରହି ନଷ୍ଟ ହେଉଛି। ଅନ୍ୟପଟେ ଅମଳ ଅବସ୍ଥାରେ ରହିଥିବା ଧାନଗଛ ମଧ୍ୟ କ୍ଷେତରେ ଢ଼ଳି ପଡ଼ି ପ୍ରଭାବିତ ହୋଇଛି। ସେହିପରି କ୍ଷେତ, ଖଳା ଏବଂ ଖୋଲାମଣ୍ଡିରେ ରହିଥିବା ଧାନ ଓଦା ହେବାରୁ ତାହା ଶୁଖାଇବା ପାଇଁ ଚାଷୀଙ୍କୁ ହଇରାଣ ହରକତ ହେବାକୁ ପଡ଼ିଛି। ଧାନ ଅମଳ ସମୟରେ ଏଭଳି ବର୍ଷା ଚାଷୀଙ୍କ ମାନସିକ ସ୍ଥିତିକୁ ଦୋହଲାଇ ଦେଇଛି।

ଏହି କ୍ରମରେ ଗୁରୁବାର ଜିଲାର ବରପାଲି ତହସିଲ ଅନ୍ତର୍ଗତ କୁମ୍ଭାରୀ ପଞ୍ଚାୟତର କ୍ଷତିଗ୍ରସ୍ତ ଚାଷୀମାନେ ଜିଲାପାଳ ଆଦିତ୍ୟ ଗୋୟଲଙ୍କୁ ଫେରାଦ ହୋଇଥିଲେ। ସେମାନଙ୍କୁ ଇନପୁଟ୍ ସବସିଡ଼ି ଏବଂ ବୀମା କ୍ଷତିପୂରଣ ଯୋଗାଇବା ଦିଗରେ ବିହିତ ପଦକ୍ଷେପ ନେବା ପାଇଁ ଚାଷୀମାନେ ଜିଲାପାଳଙ୍କୁ ନିବେଦନ କରିଛନ୍ତି। ସ୍ମାରକପତ୍ରରେ ଚାଷୀମାନେ ଉଲ୍ଲେଖ କରିଛନ୍ତି, ଗତ ୨୨ରୁ ୨୭ତାରିଖ ପର୍ଯ୍ୟନ୍ତ କ୍ରମାଗତ ବର୍ଷା ହୋଇଥିଲା। ଦୀର୍ଘ ୬ଦିନ ବର୍ଷା ହେବା ଯୋଗୁ ଏହାର ପ୍ରଭାବରେ କ୍ଷେତ, ଖଳାରେ ରହିଥିବା ଧାନ ବ୍ୟାପକ କ୍ଷତି ହୋଇଛି। କ୍ଷେତରେ କଟାହୋଇ ପଡ଼ିଥିବା ଧାନପେଟାଗୁଡ଼ିକ ୭୦ପ୍ରତିଶତ ନଷ୍ଟ ହୋଇଥିବା ଚାଷୀମାନେ କହିଛନ୍ତି। ଧାନପେଟା ବର୍ଷାଜଳ ଯୋଗୁ ପଚିଯାଇଛି। ଫଳରେ ସେଥିରୁ କିଛି ଅମଳ ହେବା ଆଶା ଆଦୌ ନାହିଁ। ସେହିପରି କ୍ଷେତରେ ଠିଆ ହୋଇ ରହିଥିବା ଧାନ ମଧ୍ୟ ୫୦ପ୍ରତିଶତ ନଷ୍ଟ ହୋଇଥିବାବେଳେ ଅମଳ ହୋଇ ରହିଥିବା ବୃନ୍ଦଧାନ ୭୦ପ୍ରତିଶତ ନଷ୍ଟ ହୋଇଥିବା ଚାଷୀମାନେ ସ୍ମାରକପତ୍ରରେ ଉଲ୍ଲେଖ କରିଛନ୍ତି। କୁମ୍ଭାରୀ ପଞ୍ଚାୟତର ରାଧେଶ୍ୟାମ ନାୟକ, ଗୁଣନିଧି ପଧାନ, ଭାଗ୍ୟବନ୍ତ ପଧାନ, ପ୍ରେମାନନ୍ଦ ନାୟକ, ଡାକ୍ତର ପଧାନ, ଉପେନ୍ଦ୍ର ସାହୁ, ରବୀନ୍ଦ୍ର ନାୟକ, ବଳରାମ ନାୟକ ପ୍ରମୁଖ ସ୍ମାରକପତ୍ର ପ୍ରଦାନ ପାଇଁ ଜିଲାପାଳଙ୍କ କାର୍ଯ୍ୟାଳୟକୁ ଆସିଥିଲେ।

ପ୍ରକାଶଥାଉକି, ଗତ ୧୪ତାରିଖରୁ ଜିଲାରେ ଧାନ ସଂଗ୍ରହ ପ୍ରକ୍ରିୟା ଆରମ୍ଭ ହୋଇଛି। ଜିଲାର ୧୮୯ ମଣ୍ଡିରେ ଧାନ କିଣାବିକା ଚାଲିଛି। ତେବେ ଧାନ ଅମଳ ଏବଂ ସଂଗ୍ରହ ପ୍ରକ୍ରିୟା ଜୋର୍ ଧରିଥିବା ସମୟରେ କ୍ରମାଗତ ବର୍ଷା ଚାଷୀଙ୍କୁ ଚଡ଼କ ସଦୃଶ ହୋଇଛି। ଚାଷୀଙ୍କ ଧାନ ଅମଳ ବାଧାପ୍ରାପ୍ତ ହେବା ସହିତ ଧାନ ଉଠାଣ ପ୍ରକ୍ରିୟା ମଧ୍ୟ ଶିଥିଳ ହୋଇ ପଡ଼ିଛି। ଅପରପକ୍ଷେ ଭିତ୍ତିଭୂମି ଅଭାବରୁ ଖୋଲାମଣ୍ଡିରେ ରହିଥିବା ଧାନ ବର୍ଷାରେ ପ୍ରଭାବିତ ହେଉଥିବାବେଳେ କ୍ଷେତ, ଖଳାରେ ରହିଥିବା ଧାନ ଅଧିକ ପ୍ରଭାବିତ ହୋଇଛି।


ପଚା ଧାନକେଣ୍ଡା ଧରି ଜିଲାପାଳଙ୍କୁ ଫେରାଦ ହୋଇଥିବା କ୍ଷତିଗ୍ରସ୍ତ ଚାଷୀମାନେ।

## ସଂକ୍ଷେପରେ

## ସାଦା କାଗଜରେ ଟିପ ଚିହ୍ନ ନେଇ ନିର୍ଦ୍ଦୋଷଙ୍କ ବିରୋଧରେ ଏତଲା

**ଚୋରି ଅଭିଯୁକ୍ତଙ୍କ ମୃତ୍ୟୁ ମାମଲା**

**ମୃତକଙ୍କ ବାପାଙ୍କ ସାଂଘାତିକ ଅଭିଯୋଗ**

ସମ୍ବଲପୁର,୨୯।୫(ପ୍ରମୋଦ ବହିଦାର)

ଚୋରି କରୁଥିବାବେଳେ ଧରା ପଡ଼ିଥିବା ସମ୍ବଲପୁର ମୋତିଝରଣ ରାଜାନଗରର ମହମ୍ମଦ ଆଲମଗିର(୨୮)ଙ୍କୁ କେହି ହତ୍ୟା କରିନାହାନ୍ତି। ଅତ୍ୟଧିକ ମଦ୍ୟପାନ ଯୋଗୁ ତାଙ୍କର ମୃତ୍ୟୁ ଘଟିଛି। ଏନେଇ ଧନୁପାଲି ଥାନାରେ ମୃତକଙ୍କ ପିତା ମହମ୍ମଦ ମାଜିଦ ଲିଖିତ ଭାବେ ଜଣାଇଛନ୍ତି। ସେ କହିଛନ୍ତି, ପୁଅ ମୃତ୍ୟୁର ସରକାରୀ କ୍ଷତିପୂରଣ ମିଳିବ ବୋଲି କହି ଜଣେ ବ୍ୟକ୍ତି ତାଙ୍କୁ ଡାକି ନେଇ ଅନ୍ୟଜଣଙ୍କ ସହ ସାକ୍ଷାତ କରାଇଲେ। ଉଭୟ ତାଙ୍କୁ ପୁଅଙ୍କ ମୃତ୍ୟୁଜନିତ କ୍ଷତିପୂରଣ ବାବଦକୁ ସରକାରଙ୍କ ପକ୍ଷରୁ ୨୫ଲକ୍ଷ ଟଙ୍କା ମିଳିବ ଓ ଏଥିପାଇଁ ଆବେଦନ କରିବାକୁ ପଡ଼ିବ ବୋଲି କହି ଏକ ସାଦା କାଗଜରେ ଟିପଚିହ୍ନ ନେଇଥିଲେ। ପରେ ସେ ଏବେ ଜାଣିବାକୁ ପାଇଛନ୍ତି ଯେ, ତାଙ୍କ ଟିପଚିହ୍ନ ନେଇଥିବା ସାଦା କାଗଜରେ କ୍ଷତିପୂରଣ ରାଶି ଆବେଦନ କରିବା ବଦଳରେ ତାଙ୍କ ଅଞ୍ଚଳର କେତେକ ନିର୍ଦ୍ଦୋଷ ଯୁବକଙ୍କ ନାମରେ ପୁଅ ଆଲମଗିରଙ୍କ ହତ୍ୟାକାରୀ ଦର୍ଶାଇ ଧନୁପାଲି ଥାନାରେ ମିଥ୍ୟା ଏତଲା ଦେଇଛନ୍ତି। ଅପରପକ୍ଷରେ ଧନୁପାଲି ଥାନା ଆଇଆଇସି ଆଦିତ୍ୟ ମହାକୁଡ଼ କହିଛନ୍ତି, ମାଜିଦଙ୍କ ଅଭିଯୋଗ ହସ୍ତଗତ ହୋଇଛି। ମାତ୍ର ଏନେଇ ମାମଲା ରୁଜୁ ହୋଇ ନାହିଁ। ଏହାର ଉଚିତ୍ ତଦନ୍ତ କରାଯିବ ବୋଲି କହିଛନ୍ତି।

## ହିତାଧିକାରୀଙ୍କୁ ରାଶନ କାର୍ଡ ବାଣ୍ଟିଲେ ବିଧାୟକ

ଝାରସୁଗୁଡ଼ା,୨୯।୫(ଆଶିଷ ରଞ୍ଜନ ଦାଶ)

ଝାରସୁଗୁଡ଼ା ପୌର କାର୍ଯ୍ୟାଳୟରେ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ଯୋଜନାରେ ଗୁରୁବାର ପୂର୍ବାହ୍ନ ୧୧ଟାରେ ରାଶନ କାର୍ଡ ବଣ୍ଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ବିଧାୟକ ଟଙ୍କଧର ତ୍ରିପାଠୀ ଯୋଗଦେଇ ହିତାଧିକାରୀଙ୍କୁ ରାଶନ କାର୍ଡ ବଣ୍ଟନ କରିଥିଲେ। ଏହି ଅବସରରେ ସେ କହିଛନ୍ତି, ରାଜ୍ୟ ସରକାର ଗରିବ ଲୋକଙ୍କୁ ଖାଉଟି କାର୍ଡ ଦେବା ପାଇଁ ସଂକଳ୍ପବଦ୍ଧ। ଏହି କାର୍ଡ ପର୍ଯ୍ୟାୟକ୍ରମେ ବଣ୍ଟନ ହେବ। କୌଣସି ଗରିବ ହିତାଧିକାରୀ ଯେପରି ଏଥିରୁ ବାଦ୍ ନ ପଡିବେ ସେଥିପ୍ରତି ଧ୍ୟାନ ଦେବା ପାଇଁ ପୌର ଅଧିକାରୀଙ୍କୁ ସେ ନିର୍ଦ୍ଦେଶ ଦେଇଛନ୍ତି। ପ୍ରଥମ ପର୍ଯ୍ୟାୟରେ ପୌର ପରିଷଦ ପକ୍ଷରୁ ୭୫ ଜଣ ହିତାଧିକାରୀଙ୍କୁ ରାଶନ କାର୍ଡ ବଣ୍ଟନ କରାଯାଇଛି। ଏହି କାର୍ଯ୍ୟକ୍ରମରେ ପୌରାଧ୍ୟକ୍ଷା ରାନୀ ହାତୀ, ଉପାଧ୍ୟକ୍ଷ ବେନୁଗୋପାଳ ପାଣିଗ୍ରାହୀ, କାର୍ଯ୍ୟନିର୍ବାହୀ ଅଧିକାରୀ ମାନସ ରଞ୍ଜନ ମଲ୍ଲିକଙ୍କ ସହିତ ସମସ୍ତ କାଉନସିଲର ଓ ପୌର କର୍ମଚାରୀ ଉପସ୍ଥିତ ଥିଲେ।

## ମଦ ଜବତ: ଜଣେ ଗିରଫ

ଲୋଇସିଂହା,୨୯।୫(ସୁଶାନ୍ତ ବାରିକ)

ବଲାଙ୍ଗୀର ଜିଲା ଲୋଇସିଂହା ଥାନା ଅନ୍ତର୍ଗତ କେଉଁଟପାଲି ଗ୍ରାମରେ ପୋଲିସ ଚଢାଉ କରି ୩୩ଟି ମଦ ପାଉଚ ଜବତ କରିଥିବା ବେଳେ ଜଣକୁ ଗିରଫ କରାଯାଇଛି। ଗିରଫ ବ୍ୟକ୍ତି ଜଣକ ହେଲେ ବିପିନ ଧରୁଆ । ଜବତ ମଦ ପାଉଚ ପରିମାଣ ୬.୬ ଲିଟର ହେବ । ଏନେଇ ଲୋଇସିଂହା ଥାନା (ନଂ ୧୪୦।୨୫)ରେ ଓଡିଶା ଅବକାରୀ ଆଇନ ଦଫା(୫୨)(ଏ)ରେ ଏକ ମାମଲା ରୁଜୁ ହୋଇଛି । ପୋଲିସ ସୂଚନା ଅନୁଯାୟୀ, ଲୋଇସିଂହା ଥାନା ଅଧିକାରୀ ଯାଜ୍ଞସିନୀ ନାୟକଙ୍କ ନିର୍ଦ୍ଦେଶରେ ଏଏସଆଇ ସତ୍ୟବାନ ପଧାନଙ୍କ ନେତୃତ୍ୱରେ ଏକ ପୋଲିସ ଟିମ୍ ଥାନା ଅନ୍ତର୍ଗତ ବୁର୍ଡା, ଲୁହୁରାପାଲି, ଗୁର୍ଜିଭଟା ଓ କେଉଁଟପାଲି ଆଦି ଗ୍ରାମରେ ପାଟ୍ରୋଲିଂ କରୁଥିଲେ। ଉକ୍ତ ଟିମ୍ କେଉଁଟପାଲି ଗ୍ରାମର ବିପିନ ଧରୁଆ ଚିକେନ ସେଣ୍ଟରରେ ଯାଞ୍ଚ ବେଳେ ଏକ ଧଳା ରଙ୍ଗର ବ୍ୟାଗରେ ୩୩ଟି ମଦ ପାଉଚ ଥିବା ଦେଖିବାକୁ ପାଇ ଜବତ କରିଥିଲେ ।

# ବଡ଼ମାଲ-କୁକୁରଜଙ୍ଘା ରାସ୍ତା ବିପର୍ଯ୍ୟସ୍ତ

ଝାରସୁଗୁଡ଼ା,୨୯।୫(ଆଶିଷ ରଞ୍ଜନ ଦାଶ)



ରାସ୍ତାର ଖାଲ ସ୍ଥାନରେ ଜମି ରହିଥିବା ପାଣି।

ଝାରସୁଗୁଡ଼ା ଜିଲା ସଦର ବ୍ଲକ ଅନ୍ତର୍ଗତ ବଡ଼ମାଲ-କୁକୁରଜଙ୍ଘା ରାସ୍ତା ବିପର୍ଯ୍ୟସ୍ତ ହୋଇପଡିଛି। ମରାମତି ଅଭାବରୁ ରାସ୍ତାର ବିଭିନ୍ନ ସ୍ଥାନରୁ ପିଚୁ ଉଠିଯାଇଥିବାବେଳେ କଂକ୍ରିଟ୍ ହୋଇଥିବା ସ୍ଥାନରୁ ଗୋଡ଼ି ଉଠିଯାଇଛି। ଏପରି କି ଅନେକ ସ୍ଥାନରେ ଖାଲ ହୋଇଥିବାରୁ ବର୍ଷା ହେଲେ ସେଥିରେ ପାଣି ଜମିରହୁଛି। ତୁରନ୍ତ ଏହାର ମରାମତି ପାଇଁ ସ୍ଥାନୀୟ ଲୋକେ ଦାବି କରିଛନ୍ତି।

ସୂଚନା ଅନୁଯାୟୀ, କୁକୁରଜଙ୍ଘା, ହରେକୃଷ୍ଣପୁର, ରାଉତବନ୍ଧ, କବଡ଼ି ଆଦି ଗ୍ରାମର ଜନସାଧାରଣ ପ୍ରତିଦିନ ଏହି ରାସ୍ତା ଦେଇ ଝାରସୁଗୁଡ଼ା ସହରକୁ ଯାତାୟାତ କରୁଛନ୍ତି। ଏପରି କି ଛାତ୍ରୀଛାତ୍ର ମଧ୍ୟ ପାଠ ପଢ଼ିବା ପାଇଁ ଏହି ବାଟ ଦେଇ ଯିବାଆସିବା କରୁଛନ୍ତି। ହେଲେ ରାସ୍ତା ଖରାପ ଯୋଗୁ ସେମାନେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଅପରପକ୍ଷରେ ପଶ୍ଚିମ ଓଡ଼ିଶାର କୁକୁରଜଙ୍ଘା ଗ୍ରାମରେ ଥିବା ପୁରାତନ ଜଗନ୍ନାଥ ମନ୍ଦିରରେ ଆସନ୍ତା ଜୁନ୍ ୨୭ରେ ରଥଯାତ୍ରା ଅନୁଷ୍ଠିତ ହେବ। ପ୍ରତିବର୍ଷ ଭଳି ଚଳିତବର୍ଷ ମଧ୍ୟ ବହୁସଂଖ୍ୟକ ଲୋକଙ୍କ ସମାଗମ ହେବା ସମ୍ଭାବନା ରହିଛି। ତେଣୁ ରଥଯାତ୍ରା ପୂର୍ବରୁ ରାସ୍ତା ମରାମତି କରାଗଲେ ଜନସାଧାରଣ ଉପକୃତ ହୋଇପାରନ୍ତେ। ଏନେଇ କୁକୁରଜଙ୍ଘା ଜଗନ୍ନାଥ ମନ୍ଦିର କମିଟି ସଭ୍ୟ ତ୍ରିନାଥ ତିୱାରୀ କହିଛନ୍ତି, ରାସ୍ତା ବିପର୍ଯ୍ୟସ୍ତ ଯୋଗୁ ଅଧିକାଂଶ ସମୟରେ ଦୁର୍ଘଟଣା ଘଟୁଛି। ଅପରପକ୍ଷରେ ଗ୍ରାମ୍ୟ ଉନ୍ନୟନ ବିଭାଗର ଏସ୍‌ଡିଓ ଆଶିଷ ଲେଙ୍କା କହିଛନ୍ତି, ଏହି ରାସ୍ତା ପାଇଁ ସରକାର ଟଙ୍କା ମଞ୍ଜୁର କରିଛନ୍ତି। ଖୁବ୍‌ଶୀଘ୍ର ଏହାର ମରାମତି କାମ ଆରମ୍ଭ ହେବ।

# କାର୍ଯ୍ୟକ୍ଷମ ହେବ ମଙ୍ଗଳ ବଜାର ହସ୍ପିଟାଲ

ଝାରସୁଗୁଡ଼ା,୨୯।୫(ଆଶିଷ ରଞ୍ଜନ ଦାଶ)

ଝାରସୁଗୁଡ଼ା ସହରସ୍ଥିତ ମଙ୍ଗଳ ବଜାରଠାରେ ଥିବା ପୁରୁଣା ହସ୍ପିଟାଲକୁ ସାଟେଲାଇଟ୍ ଡିଏଚ୍‌ଏଚ୍‌ରେ ପରିଣତ କରି କାର୍ଯ୍ୟକ୍ଷମ କରିବା ପାଇଁ ପଦକ୍ଷେପ ନିଆଯାଇଛି। ଏଥିପାଇଁ ଝାରସୁଗୁଡ଼ା ବିଧାୟକ ଟଙ୍କଧର ତ୍ରିପାଠୀ ଗୁରୁବାର ଉକ୍ତ ହସ୍ପିଟାଲ ପରିଦର୍ଶନ କରି ସ୍ଥିତି ଅନୁଧ୍ୟାନ କରିଥିଲେ। ଏହି ପରିଦର୍ଶନ ସମୟରେ ଆରକ୍ଷୀ ଅଧୀକ୍ଷକ ସ୍ମିତ ପି. ପରମାର, ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ଏମ୍.ଏମ. ପଣ୍ଡା, କାର୍ଯ୍ୟନିର୍ବାହୀ ଅଧିକାରୀ ମାନସ ରଞ୍ଜନ ମଲ୍ଲିକଙ୍କ ସମେତ ସ୍ୱାସ୍ଥ୍ୟ ବିଭାଗର ଅଧିକାରୀ ଓ ଅନ୍ୟମାନେ ଉପସ୍ଥିତ ଥିଲେ। ସୂଚନାଯୋଗ୍ୟ, ଉକ୍ତ ହସ୍ପିଟାଲକୁ ସାଟେଲାଇଟ୍ ଡିଏଚ୍‌ଏଚ୍ କରିବା ପାଇଁ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ଝାରସୁଗୁଡ଼ା ଜିଲାପାଳଙ୍କୁ ଚିଠି ଲେଖାଯାଇଥିଲା।



ହସ୍ପିଟାଲର ସ୍ଥିତି ଅନୁଧ୍ୟାନ କରିବାକୁ ଆସିଥିବା ବିଧାୟକ ଓ ଅନ୍ୟମାନେ।

# କୃଷକଙ୍କ ଉନ୍ନତି ପାଇଁ ସରକାର ସର୍ବଦା ଚେଷ୍ଟିତ



ବିଧାୟକ ଟଙ୍କଧର ତ୍ରିପାଠୀ ଜଣେ ମହିଳା ଚାଷୀଙ୍କୁ ସବ୍‌ସିଡି ବାବଦ ଚେକ୍ ପ୍ରଦାନ କରୁଛନ୍ତି ।

ଝାରସୁଗୁଡ଼ା,୨୯।୫(ଆଶିଷ ରଞ୍ଜନ ଦାଶ)

**ବିକଶିତ କୃଷି ସଂକଳ୍ପ ଅଭିଯାନ**

ଝାରସୁଗୁଡ଼ା ଜିଲା ତାଳପଟିଆ ଗ୍ରାମ କଲ୍ୟାଣ ମଣ୍ଡପଠାରେ ବିକଶିତ କୃଷି ସଂକଳ୍ପ ଅଭିଯାନ ଗୁରୁବାର ସକାଳ ୮ଟାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିଧାୟକ ଟଙ୍କଧର ତ୍ରିପାଠୀ ଯୋଗଦେଇ କହିଛନ୍ତି, କେନ୍ଦ୍ର ଓ ରାଜ୍ୟ ସରକାର କୃଷି ଏବଂ କୃଷକଙ୍କ ଉନ୍ନତି ପାଇଁ ସର୍ବଦା ଚେଷ୍ଟିତ। ଏହି କ୍ରମରେ ସରକାର ଗତ ଖରିଫ ଋତୁରେ ଚାଷୀଙ୍କୁ ୮୦୦ ଟଙ୍କା ଇନ୍‌ପୁଟ୍ ସବ୍‌ସିଡି ପ୍ରଦାନ କରିଥିଲେ। ଏଥିସହ ବୁଧବାର କେନ୍ଦ୍ର କ୍ୟାବିନେଟ୍ ଚାଷୀଙ୍କ ଆୟ ବୃଦ୍ଧି ପାଇଁ ଧାନର ସର୍ବନିମ୍ନ ସହାୟକ ମୂଲ୍ୟ(ଏମ୍‌ଏସ୍‌ପି) ୬୯ ଟଙ୍କା ବୃଦ୍ଧି କରିଛନ୍ତି। କୃଷି ବୈଜ୍ଞାନିକମାନେ ମାଟି ପରୀକ୍ଷା କରି କେଉଁ ମାଟିରେ କେଉଁ ଚାଷ କରିବେ ସେ ସମ୍ପର୍କରେ କୃଷକଙ୍କୁ ଜଣାଇବା ସହିତ କେଉଁ ଚାଷରେ କେଉଁ ସାର, ଔଷଧ ଦେବେ ତାହା ଜଣାନ୍ତୁ ବୋଲି ବିଧାୟକ କହିଛନ୍ତି। ଏହି କାର୍ଯ୍ୟକ୍ରମ ୧୫ ଦିନ ଧରି ଚାଲିବ। କୃଷକଙ୍କ ସଚେତନତା ପାଇଁ କୃଷି ରଥକୁ ବିଧାୟକ ପତାକା ଦେଖାଇ ସ୍ୱାଗତ କରିଥିଲେ। ଏଥିସହ କେତେଜଣ ମହିଳା ଓ ପୁରୁଷ ଚାଷୀଙ୍କୁ କୃଷି ବିଭାଗର ସବ୍‌ସିଡି ବାବଦ ଚେକ୍ ପ୍ରଦାନ କରିଥିଲେ। ଜିଲା ମୁଖ୍ୟ କୃଷି ଅଧିକାରୀ ଜେନାମଣି ବିଭୂତି ଭୂଷଣ ରାୟଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲାପାଳ କିଶୋର ସ୍ୱାଇଁ, ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ବିଶ୍ୱରଞ୍ଜନ ମଲ୍ଲିକ, କୃଷି ବୈଜ୍ଞାନିକ ସମୀର ରଞ୍ଜନ ଦାଶ, ଭାଜପାର ପ୍ରେମସେନ ରାୟ, ଦିଲୀପ ନାଇକ, ମାଧବ ସାହୁ, ଶ୍ରୀମୟ ମହାପାତ୍ର, ଗୋବିନ୍ଦ ଶକୁନିଆ ପ୍ରମୁଖ ଉପସ୍ଥିତ ଥିଲେ।

## ତୈଳିକ ବୈଶ୍ୟ ସମାଜର ମହାସଭା ପ୍ରସ୍ତୁତି

କୁଚିଣ୍ଡା,୨୯।୫(ବିରଞ୍ଚି ଦର୍ଜୀ)

ସମ୍ବଲପୁର ଜିଲା କୁଚିଣ୍ଡା ବ୍ଲକର ପତ୍ରାପାଲିରେ ଅଖିଳ ଭାରତୀୟ ତୈଳିକ ବୈଶ୍ୟ ସାମାଜର ଆଗାମୀ ମହାସଭା ପ୍ରସ୍ତୁତି ପାଇଁ ଏକ ସାଧାରଣ ବୈଠକ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ମହାସଭାର କାର୍ଯ୍ୟକାରୀ ସଭାପତି ସୁନ୍ଦର ଲାଲ ପୃଷେଠ ସଭାପତିତ୍ୱ କରି ହେବାକୁ ଥିବା ମହାସଭାକୁ ସଫଳ କରିବାକୁ ଅନୁରୋଧ କରିଥିଲେ। ବୈଠକରେ ଉତ୍ତର ଉତ୍କଳ ତୈଳିକ ବୈଶ୍ୟ ସାମାଜ ଇତମା କେନ୍ଦ୍ର ତଥା ବାମଣ୍ଡା, ଜୟପୁର, ଗାଙ୍ଗପୁର, ବଣାଇର ସମସ୍ତ ଉପକେନ୍ଦ୍ର ଓ ସମସ୍ତ ଗ୍ରୁପ ଏଥିରେ ସାମିଲ ହୋଇ କିଭଳି ସଂଖ୍ୟା ବୃଦ୍ଧିରେ ସହାୟକ ହେବେ ସେନେଇ ଆଲୋଚନା ହୋଇଥିଲା। ଆସନ୍ତା ଜୁନ ୧୪ରେ ପତ୍ରାପାଲିଠାରେ ଏହି ମହାସମାରୋହରେ କରାଯିବାର ନିଷ୍ପତ୍ତି ହୋଇଥିବା ବେଳେ ପତ୍ରାପାଲି କେନ୍ଦ୍ରର ସମସ୍ତ କର୍ମକର୍ତ୍ତା ଆୟୋଗର ପ୍ରମୁଖ ଭୂମିକା ଗ୍ରହଣ କରିବେ ବୋଲି ନିଷ୍ପତ୍ତି ନିଆଯାଇଥିଲା। ମହାସଭାରେ ଓଡିଶାର ବିଭିନ୍ନ ଜିଲାର ଜ୍ଞାନିଗୁଣି ସାମାଜ ନେତୃବୃନ୍ଦଙ୍କୁ ଅତିଥିଭାବେ ନିମନ୍ତ୍ରଣ କରିବାକୁ ପ୍ରସ୍ତାବ ଗ୍ରହଣ କରାଯାଇଥିଲା। ବୈଠକରେ ପୂର୍ବତନ ସଭାପତି ଲଳିତ ମୋହନ ପୃଷେଠ, ଦୟାସାଗର ପୃଷେଠ, ହେମନ୍ତ ପୃଷେଠ, ରୁଦ୍ର ଚରଣ ବେହେରା, ଚତୁର୍ଭୁଜ ସାହୁ, ନୃପଲାଲ ପୃଷେଠ, ବିଶନାଥ ସାହୁ, କୁଳମଣି ପୃଷେଠ, ଗୁରୁ ଚରଣ ପୃଷେଠ, ସନ୍ତୋଷ ପୃଷେଠ, ବସନ୍ତ ପୃଷେଠ, ତରୁଣ ପୃଷେଠ, ଶିବ ନାରାୟଣ ପୃଷେଠ, ବୁଧୁରାମ ବେହେରା, ଘନଶ୍ୟାମ ସାହୁ, ଅଜୟ ସାହୁ, କୁମୁଦ ସାହୁ, କୃଷ୍ଣଚନ୍ଦ୍ର ପୃଷେଠ ପ୍ରମୁଖ ମହାସଭାର ସଫଳତା ପାଇଁ ବିଭିନ୍ନ ପ୍ରସ୍ତାବ ଆଗତ କରିଥିଲେ। ପତ୍ରାପାଲି କେନ୍ଦ୍ର ସଭାପତି ଯଦୁମଣି ପୃଷେଠ ମହାସଭାର ସୁପରିଚାଳନା ପାଇଁ ବିଭିନ୍ନ ଦିଗ ସମ୍ପର୍କରେ ଆଲୋଚନା କରିଥିଲେ।ଶେଷରେ ବିଭିନ୍ନ ବିଭାଗର ଦାୟିତ୍ୱ ବଣ୍ଟନ କରାଯାଇଥିଲା।

# ସଫଳ ଦୁଗ୍ଧ ଚାଷୀଙ୍କୁ ସରକାରୀ ସହାୟତା ଅପହଞ୍ଚ

ଲଖନପୁର,୨୯।୫(ଗୌତମ ସାହୁ)

ଝାରସୁଗୁଡ଼ା ଜିଲା ଲଖନପୁର ବ୍ଲକ ସୀମାନ୍ତ କନକତୋରା ଗ୍ରାମ ବାବୁଡେରାପଡ଼ାର ନିଶା ରାଉତ ନାମ୍ନୀ ମହିଳା ଦୁଗ୍ଧ ଉତ୍ପାଦନ କରି ନିଜକୁ ଜଣେ ସଫଳ ଚାଷୀ ଭାବେ ପ୍ରତିପାଦିତ କରିପାରିଛନ୍ତି। ଫଳରେ ସେ ଅନ୍ୟମାନଙ୍କ ପାଇଁ ଉଦାହରଣ ପାଲଟିଛନ୍ତି। ସରକାର ମହିଳାଙ୍କ ଉନ୍ନତି ପାଇଁ ଅନେକ ଯୋଜନା କରିବା ସହ ସହାୟତା ଯୋଗାଇ ଦେଉଛନ୍ତି। ହେଲେ ଏହି ସରକାରୀ ସହାୟତା ନିଶାଙ୍କ ପାଇଁ ଅପହଞ୍ଚ ହୋଇଛି। ସେ ସରକାରୀ ସହାୟତା ପାଇଲେ ଆହୁରି ଆଗକୁ ବଢିପାରନ୍ତେ ବୋଲି ସ୍ଥାନୀୟ ଅଞ୍ଚଳବାସୀ କହିଛନ୍ତି।

ସୂଚନା ଅନୁଯାୟୀ, ଛତିଶଗଡ଼ ରାଜ୍ୟ ରାଇଗଡ଼ ଜିଲା ତିଲଗା ଗ୍ରାମର ନିଶା ୨୦୦୯ରେ ବାବୁଡେରାପଡ଼ାର ମଦନ ରାଉତଙ୍କୁ ବିବାହ କରିଥିଲେ। ମଦନ ଟ୍ରକ ଚଳାଇ ପରିବାର ପ୍ରତିପୋଷଣ କରୁଛନ୍ତି। ପରିବାରର ଆର୍ଥିକ ସ୍ଥିତି ସୁଦୃଢ଼ କରିବା ପାଇଁ ନିଶା ଗୋପାଳନ କରିବା ସହ ଦୁଗ୍ଧ ଉତ୍ପାଦନ କରି ରୋଜଗାରକ୍ଷମ ହେବା ପାଇଁ ନିଷ୍ପତ୍ତି ନେଇଥିଲେ। ୨୦୨୨ରେ ସେ ସ୍ୱାମୀଙ୍କ ସହାୟତାରେ ୨୦ ହଜାର ଟଙ୍କାରେ ଦୁଇଟି ଗାଈ କିଣିଥିଲେ। ପରେ ୫ ଲିଟର କ୍ଷୀରରୁ ସେ ଦୁଗ୍ଧ ବ୍ୟବସାୟ ଆରମ୍ଭ କରିଥିଲେ। ଏବେ ନିଶାଙ୍କ ପାଖରେ ୧୨ଟି ଦୁଧିଆଳି ଗାଈ ରହିଛି। ଫଳରେ ସେ ପ୍ରତିଦିନ ୩୫ ଲିଟର ଦୁଗ୍ଧ ଉତ୍ପାଦନ କରୁଛନ୍ତି। ତାଙ୍କୁ ସରକାରୀ ସହାୟତା ନ ମିଳିବାରୁ ସେ ଦୁଇଟି ଗାଈକୁ ୬୦ ହଜାର ଟଙ୍କାରେ ବିକ୍ରି କରି ଗୁହାଳ ନିର୍ମାଣ କରିଛନ୍ତି। ନିଜେ ଗୋପାଳନ କରିବା ସହ ଆଉ ଜଣଙ୍କୁ ମାସିକ ୬



ହଜାର ଟଙ୍କାରେ ବର୍ଷତମାମ ରୋଜଗାର ଦେବାରେ ସହାୟକ ହୋଇଛନ୍ତି। ଟ୍ରକ୍ ଚଳାଉଥିବାରୁ ମଦନ ଅନେକ ସମୟ ବାହାରେ ରହୁଥିବାରୁ ନିଶା ଦୁଇ ପୁତ୍ରଙ୍କ କଥା ବୁଝିବା ସହ ଦୁଗ୍ଧ ଉତ୍ପାଦନକୁ ଗୁରୁତ୍ୱ ଦେଇ ସଫଳ ଦୁଗ୍ଧ ଚାଷୀ ଭାବେ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛନ୍ତି। ଏନେଇ ନିଶା କହିଛନ୍ତି, ନିଜ ଅଞ୍ଚଳରେ କ୍ଷୀରର ଉପଯୁକ୍ତ ମୂଲ୍ୟ ସହିତ ଠିକ୍ ସମୟରେ ପ୍ରାପ୍ୟ ନ ମିଳିବାରୁ ପଡ଼ୋଶୀ ରାଜ୍ୟରେ କ୍ଷୀର ବିକ୍ରି କରିବାକୁ ବାଧ୍ୟ ହେଉଛି। ସରକାରୀ ସହାୟତା ମିଳିଲେ ଆଗାମୀ ଦିନରେ ଦୁଗ୍ଧ ଉତ୍ପାଦନ ବୃଦ୍ଧି ଉପରେ ଗୁରୁତ୍ୱ ଦେବା ସହ ଅନେକ ଲୋକଙ୍କୁ ରୋଜଗାର ଦେବାରେ ସହାୟକ ହୋଇପାରିବି।

# ରମ୍ଭା ଦେବୀ ପୀଠରେ ସଫେଇ କାର୍ଯ୍ୟକ୍ରମ

ଦେବଗଡ଼,୨୯।୫(ଶଶାଙ୍କ ଶେଖର ଝାଙ୍କର)

ମା’ ରମ୍ଭାଦେବୀଙ୍କ ପୂଜା ଓ ଯାତ୍ରା ପ୍ରତିବର୍ଷ ଜେଷ୍ଠ ଶୁକ୍ଳପକ୍ଷ ଚତୁର୍ଦ୍ଦଶୀ ତିଥିରେ ପାଳିତ ହୋଇଥାଏ। ଦେବଗଡ଼ ଜିଲା ତିଲେଇବଣୀ ବ୍ଲକ ବାସୁଦେବପୁର ଗ୍ରାମ ଜଙ୍ଗଲପାହାଡ ପାଦଦେଶରେ ଥିବା ଏକ ଗୁମ୍ଫାରେ ଏହି ଯାତ୍ରା ଅନୁଷ୍ଠିତ ହୋଇଥାଏ। ଏହି ଯାତ୍ରା ପୂର୍ବରୁ ଦେବଗଡ଼ ମ୍ୟୁନିସିପାଲିଟିର ଭାରପ୍ରାପ୍ତ ନଗରପାଳ ପ୍ରଜିତ୍ କୁମାର ଭୋଜଙ୍କ ତତ୍ତ୍ୱାବଧାନରେ ରମ୍ଭାଦେବୀ ପୀଠରେ ଅନୁସୂଚିତ ଜାତି ମୋର୍ଚ୍ଚାର କର୍ମଚାରୀଙ୍କ ସହଯୋଗରେ ସଫେଇ କାର୍ଯ୍ୟକ୍ରମ କରାଯାଇଛି। ଏହି କାର୍ଯ୍ୟକ୍ରମରେ ମକରଧ୍ୱଜ ହସ୍ତୀ, ପଙ୍କଜ ପାତ୍ର, ରାଜେଶ ପାତ୍ର, ବଳରାମ ରଣଜିତ, ସୁମନ୍ତ ଭୋଜ, ବିଜୟ ପାତ୍ର, ଜଗ ରଣଜିତ, ଶିବା ମୁଖି, ଶତ୍ରୁଘ୍ନ ପାତ୍ର, ମହାଦେବ ନାଏକ, ଲିପନ ଶୁହୁଲା, ଦୀପକ ମୁଖିଆ ଓ ଦେବାନନ୍ଦ ନାଏକ ଉପସ୍ଥିତ ଥିଲେ।

## ଟ୍ରକ୍‌କୁ ଧକ୍କା ଦେଲା କଣ୍ଟେନର: ହେଲ୍‌ପର ମୃତ

ଲଖନପୁର,୨୯।୫(ଗୌତମ ସାହୁ)

ଝାରସୁଗୁଡ଼ା ଜିଲା ବାଘମୁଣ୍ଡା-ଲଖନପୁର ରାସ୍ତାର ନୂଆଁବନ୍ଧ ଛକ ନିକଟରେ ବୁଧବାର ବିଳମ୍ବିତ ରାତିରେ ଧାନ ବୋଝେଇ ଟ୍ରକ୍‌କୁ ପଛରୁ ଲୁହାପାଇପ୍ ବୋଝେଇ କଣ୍ଟେନର ଧକ୍କା ଦେଇଛି। ଏଥିରେ କଣ୍ଟେନର ହେଲ୍‌ପର ଝାଡ଼ଖଣ୍ଡ ବୋକାରୋ ଜିଲାର ବିଶ୍ୱଜିତ୍ ସୋରେନଙ୍କ ମୃତ୍ୟୁ ଘଟିଥିବାବେଳେ ଚାଳକ ଗୁରୁତର ହୋଇଛନ୍ତି। ସୂଚନା ଅନୁଯାୟୀ, ଝାରସୁଗୁଡ଼ା ଅଭିମୁଖେ ଟ୍ରକ୍(ନଂ.ସିଜି୧୩ଏଡି-୮୭୯୩)ଟି ଯାଉଥିବାବେଳେ ନୂଆଁବନ୍ଧ ଛକ ନିକଟରେ ଖରାପ ହେବାରୁ ରାସ୍ତାରେ ଅଟକି ରହିଥିଲା। ରାତି ପ୍ରାୟ ୨ଟାରେ ଆସୁଥିବା ଲୁହାପାଇପ୍ ବୋଝେଇ କଣ୍ଟେନର (ନଂ.ଜେଏଚ୍‌୦୯କ୍ୟୁ-୦୯୫୫) ଉକ୍ତ ଟ୍ରକ୍‌କୁ ପଛରୁ ଧକ୍କା ଦେଇଥିଲା। ଦୁର୍ଘଟଣାରେ କଣ୍ଟେନରର ସମ୍ମୁଖ ଭାଗ ଭାଙ୍ଗିରୁଜି ଯାଇଥିବାବେଳେ ଚାଳକ ଓ ହେଲ୍‌ପର ଗୁରୁତର ହୋଇଥିଲେ। ଚିକିତ୍ସା ଲାଗି ସେମାନଙ୍କୁ ଲଖନପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ସେଠାରେ ବିଶ୍ୱଜିତ୍‌ଙ୍କୁ ଡାକ୍ତର ମୃତ ଘୋଷଣା କରିଥିବାବେଳେ ଚାଳକ ଚିକିତ୍ସିତ ହେଉଛନ୍ତି। ଲଖନପୁର ପୋଲିସ ଘଟଣାସ୍ଥଳରେ ପହଞ୍ଚି ଦୁର୍ଘଟଣାଗ୍ରସ୍ତ ଗାଡ଼ି ଦୁଇଟିକୁ ଜବତ କରିବା ସହ ଏକ ମାମଲା(ନଂ.୧୧୩/୨୫) ରୁଜୁ କରି ତଦନ୍ତ ଚଳାଇଛି।



ଦୁର୍ଘଟଣାରେ କଣ୍ଟେନରର ସମ୍ମୁଖ ଭାଗ ଭାଙ୍ଗିରୁଜି ଯାଇଛି।

# ଓଡ଼ିଶାରେ କାର୍ଯ୍ୟକାରୀ ହେଉ ସାମ୍ବାଦିକ ସୁରକ୍ଷା ଆଇନ

ଝାରସୁଗୁଡ଼ା,୨୯।୫(ଆଶିଷ ରଞ୍ଜନ ଦାଶ)

ଝାରସୁଗୁଡ଼ାସ୍ଥିତ ଏକ ହୋଟେଲରେ ଓୟୁଜେର ସାଧାରଣ ପରିଷଦ ବୈଠକ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ରାଜ୍ୟରେ ଖବରଦାତାଙ୍କ ପାଇଁ ସୁରକ୍ଷା ଆଇନ କାର୍ଯ୍ୟକାରୀ କରିବା ନିମନ୍ତେ ସଂଘ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲାପାଳଙ୍କ କାର୍ଯ୍ୟାଳୟରେ ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରାଯାଇଥିଲା। ହେଲେ ଜିଲାପାଳଙ୍କ ଅନୁପସ୍ଥିତିରେ ଅତିରିକ୍ତ ଜିଲାପାଳ ବ୍ରଜବନ୍ଧୁ ଭୋଇ ଦାବିପତ୍ର ଗ୍ରହଣ କରିଥିଲେ। ବଲାଙ୍ଗୀରରେ କାର୍ଯ୍ୟରତ ଖବରଦାତା ବିଜୟ ପ୍ରଧାନଙ୍କୁ ଆକ୍ରମଣ ଘଟଣାକୁ ସଂଘ ପକ୍ଷରୁ ନିନ୍ଦା କରାଯାଇଛି। ମହାରାଷ୍ଟ୍ର ଓ ଛତିଶଗଡ଼ ରାଜ୍ୟରେ ଲାଗୁ ହୋଇଥିବା ଖବରଦାତା ସୁରକ୍ଷା ଆଇନକୁ ଓଡ଼ିଶାରେ ଯଥାଶୀଘ୍ର କାର୍ଯ୍ୟକାରୀ କରିବା, ଖବରଦାତାଙ୍କ ସ୍ୱାସ୍ଥ୍ୟବୀମା ୧୦ ଲକ୍ଷ ଟଙ୍କାକୁ ବୃଦ୍ଧି କରିବା, ୬୦ ବର୍ଷ ପରେ ଖବରଦାତାଙ୍କ ପାଇଁ ପେନ୍‌ସନ ଯୋଜନା ଲାଗୁ କରିବା ନିମନ୍ତେ ଦାବିପତ୍ରରେ ଉଲ୍ଲେଖ କରାଯାଇଛି। ଦାବିପତ୍ର ପ୍ରଦାନ ପରେ ସଂଘ ସଭାପତି ଉପେନ ଚରଣ ସାହୁଙ୍କ ଅଧ୍ୟକ୍ଷତାରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା । ଜିଲା ସାଧାରଣ ସମ୍ପାଦକ



ସଂଘ ପକ୍ଷରୁ ଅତିରିକ୍ତ ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରାଯାଉଛି ।

**ଅତିରିକ୍ତ ଜିଲାପାଳଙ୍କୁ ଦାବିପତ୍ର**

ଭରତ ପାତ୍ର ସଂଘର ବିଭିନ୍ନ କାର୍ଯ୍ୟକ୍ରମ ବିଷୟରେ ସୂଚନା ଦେଇଥିଲେ। ଏଥିରେ ଓୟୁଜେ ରାଜ୍ୟ ସାଙ୍ଗଠନିକ ସମ୍ପାଦକ ତ୍ରିଲୋଚନ ଦାଶ ଅତିଥି ଭାବରେ ଯୋଗଦେଇ ରାଜ୍ୟ ସଂଘର ବିଭିନ୍ନ କାର୍ଯ୍ୟକ୍ରମ ବିଷୟରେ କହିଥିଲେ। ଝାରସୁଗୁଡ଼ା ପ୍ରେସ୍ କ୍ଲବ ସଭାପତି ତଥା ସଂଘର ଉପଦେଷ୍ଟା ପ୍ରଶାନ୍ତ ମହାନ୍ତି, ଉପସଭାପତି ଭୁବନ କିଶୋର ତିୱାରୀ, ଉପଦେଷ୍ଟା ବସନ୍ତ ଜେନା ଓ ସୁକାନ୍ତ ସାହୁ ପ୍ରମୁଖ ମଞ୍ଚାସୀନ ଥିଲେ। ବୈଠକରେ ସଂଘର ପଞ୍ଜୀକରଣ, ସଂଘ ସଦସ୍ୟମାନଙ୍କୁ ପରିଚୟପତ୍ର ବଣ୍ଟନ କରାଯିବା ସହ ସେମାନଙ୍କ ବିଭିନ୍ନ ସମସ୍ୟା ଉପରେ ଆଲୋଚନା ହୋଇଥିଲା। ସଂଘର ବରିଷ୍ଠ ସଦସ୍ୟ କୀର୍ତ୍ତିଚନ୍ଦ୍ର ବହିଦାରଙ୍କୁ ସାମ୍ବାଦିକତା, ସାହିତ୍ୟ ଓ ସମାଜ ସେବା ପାଇଁ ଆନ୍ଧ୍ରପ୍ରଦେଶର ଇଣ୍ଡିଆନ ଚ୍ୟାରିଟି ୱେଲଫେୟାର ଫାଉଣ୍ଡେଶନ ପକ୍ଷରୁ ସମ୍ମାନଜନକ ଡକ୍ଟରେଟ୍ ପ୍ରଦାନ କରାଯାଇଥିବାରୁ ସଂଘ ପକ୍ଷରୁ ତାଙ୍କୁ ସମ୍ମାନିତ କରାଯାଇଥିଲା। ଏହି ବୈଠକରେ ସଂଘର ବରିଷ୍ଠ ସଦସ୍ୟ ଶେଖର ବିଶି, ଭୂପାଳ ଚନ୍ଦ୍ର ବେହେରା, ପ୍ୟାରେଲାଲ ଶ୍ରୀବାସ୍ତବ, ଗିତେଶ ଶର୍ମା, ବନବାସୀ ଗୌଡ଼ ପ୍ରମୁଖ ସୁଚିନ୍ତିତ ମତାମତ ଦେଇଥିଲେ।

# ସୁନ୍ଦରଗଡ଼ ଦଳ ୧୪ ଗୋଲରେ ବିଜୟୀ




ଅତିଥିମାନେ ସଫଳ ଖେଳାଳିଙ୍କୁ ପୁରସ୍କୃତ କରୁଛନ୍ତି।

**ସମ୍ବଲପୁର,୨୯।୫(ବି.ଶଙ୍କର)**

## ମୁଖ୍ୟମନ୍ତ୍ରୀ କପ୍ ଆନ୍ତଃ ଜିଲ୍ଲା ଜୋନାଲ ଫୁଟ୍‌ବଲ ଟୁର୍ଣ୍ଣାମେଣ୍ଟ

ସମ୍ବଲପୁର ଜିଲ୍ଲା କ୍ରୀଡା ସଂଘ ଆୟୋଜିତ ୧୫ ବର୍ଷରୁ କମ ଆନ୍ତଃଜିଲ୍ଲା ମୁଖ୍ୟମନ୍ତ୍ରୀ କପ ଫୁଟବଲ ଟୁର୍ଣ୍ଣାମେଣ୍ଟ ଗୁରୁବାର ମ୍ୟାଚରେ ସୁନ୍ଦରଗଡ ଦଳ ବିଜୟୀ ହୋଇ ପରବର୍ତ୍ତୀ ପର୍ଯ୍ୟାୟକୁ ଉନ୍ନିତ ହୋଇଛି। ସେହିପରି ବରଗଡ ଓ ସୁବର୍ଣ୍ଣପୁର ଦଳ ମଧ୍ୟରେ ମ୍ୟାଚ ଅମୀମାଂସିତ ରହିଥିଲା। ବୀରସୁରେନ୍ଦ୍ର ସାଏ ଷ୍ଟାଡିୟମରେ ପ୍ରଥମ ମ୍ୟାଚ ସୁନ୍ଦରଗଡ ବନାମ ବୌଦ୍ଧ ମଧ୍ୟରେ ଏକତରଫା ହୋଇଥିଲା। ସୁନ୍ଦରଗଡ ଦଳ ୧୪-୦ରେ ବିଜୟୀ ହୋଇଥିଲା। ଦ୍ୱିତୀୟ ମ୍ୟାଚ ସୁବର୍ଣ୍ଣପୁର ବନାମ ବରଗଡ ମଧ୍ୟରେ ପ୍ରଥମରୁ ଶେଷ ପର୍ଯ୍ୟନ୍ତ ସଂଘର୍ଷପୂର୍ଣ୍ଣ ହୋଇଥିଲା। ଫଳରେ ୧-୧ ଗୋଲ ସ୍କୋରରେ ମ୍ୟାଚ ଅମୀମାଂସିତ ରହିଥିଲା। ଯଦ୍ୱାରା ଉଭୟ ଗୋଟିଏ ଲେଖାଏଁ ପଏଣ୍ଟ ପାଇଥିଲେ। ମ୍ୟାଚକୁ ରେଫରୀ ଅନୀଲ ଭୋଇ, ଜୟନ୍ତ କୁମାର ପିଙ୍ଗ, ପୂର୍ଣ୍ଣଚନ୍ଦ୍ର ଭୋଇ, ରାଜକୁମାର ପାଣିଗ୍ରାହୀ, ପରେଶ ପଧାନ, ଅଜୟ କୁମାର ପଧାନ, ଜୟନ୍ତ କୁମାର ପିଙ୍ଗ , ମଳୟ ଘିବେଲା, ଜାମବନ୍ତ ମାଝି, ସୁଶାନ୍ତ କିଶାନ, ସାନିକ ତିର୍କୀ ମ୍ୟାଚ ପରିଚାଳନା କରିଥିଲେ। ନବୀନ କୁମାର ନାୟକ ମ୍ୟାଚ କମଶନର ଥିବାବେଳେ ଦୁର୍ଗାମାଧବ ନାଏକ ପର୍ଯ୍ୟବେକ୍ଷକ ଥିଲେ। ରାଜ୍ୟ କ୍ରୀଡା ବିଭାଗର ଗଙ୍ଗାଧର ବେହେରା, ଫୁଟବଲ ସମ୍ପାଦକ ଅବଦୁଲ ଗଫାର, ଭାଜପା ନେତା ଡ. ପ୍ରମୋଦ ରଥ, ଜିଲା ଓକିଲ ସଂଘର ପୂର୍ବତନ ସାଧାରଣ ସମ୍ପାଦକ ପ୍ରବୀଣ କୁମାର ସିଂଦେଓ ସମ୍ମାନୀତ ଅତିଥିଭାବେ ଯୋଗଦେଇ ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ।

# ଶିୟଳ ଭବନ ପାଇଁ ଜମି ପ୍ରଦାନ ଦାବି

**ସମ୍ବଲପୁର,୨୯।୫(ଭବାନୀ ଶଙ୍କର ଭୋଇ)**

ସମ୍ବଲପୁରଠାରେ ଶିଅଳ ଭବନ ନିମାଣ ପାଇଁ ଜମି ଯୋଗାଇ ଦେବାକୁ ଜିଲାପାଳଙ୍କ ନିକଟରେ ଦାବି ହୋଇଛି। ସମ୍ବଲପୁର ଶିୟଳ ସମାଜ ପକ୍ଷରୁ ଜିଲାପାଳ ଡ. ସିଦ୍ଧେଶ୍ୱର ବଳିରାମ ବୋନ୍ଦରଙ୍କୁ ସାକ୍ଷାତ କରି ଅଇଁଠାପାଲିଠାରେ ଦୀର୍ଘଦିନ ଧରି ଶିୟଳ ସମାଜ ଅଧୀନରେ ଥିବା ୧୫ଡେସିମିଲ ଜମିକୁ ଭବନ ନିର୍ମାଣ ପାଇଁ ଅନୁମତି ପ୍ରଦାନ କରିବାକୁ ଅନୁରୋଧ କରାଯାଇଥିଲା। ପଶ୍ଚିମ ଓଡ଼ିଶାରେ ୮ ହଜାର ଶିଅଳ ପରିବାର ରହୁଛନ୍ତି। ଅନୁସୂଚିତ ଜାତି ବର୍ଗରେ ଆସୁଥିବା ଶିୟଳ ପରିବାର ଗରିବ ଶ୍ରେଣୀର ହୋଇଥିବାରୁ ଅନେକ ସମ୍ବଳ ଅଭାବରୁ ନିଜ ପିଲାଙ୍କୁ ଉପଯୁକ୍ତ ଶିକ୍ଷା ମଧ୍ୟ ଦେଇ ପାରୁ ନାହାନ୍ତି। ଶିଅଳ ଭବନ ପାଇଁ ଜମି ଯୋଗାଇ ଦେଲେ ସମାଜର ବାର୍ଷିକ ଉତ୍ସବ, ସଭାସମିତି ତଥା ମେଧାବୀ ଛାତ୍ରୀଛାତ୍ରଙ୍କୁ ପାଠ ପଢ଼ାଇବା ବ୍ୟବସ୍ଥା କରିବୁ ବୋଲି ଦାବିପତ୍ରରେ ଉଲ୍ଲେଖ କରିଛନ୍ତି। ଶିୟଳ ସମାଜ ସଭାପତି ସୁରେଶ ଚନ୍ଦ୍ର ବେହେରା, ସାଧାରଣ ସମ୍ପାଦକ ପ୍ରଫୁଲ୍ଲ କୁମାର ବେହେରା, ସହସମ୍ପାଦକ ପୁରୀ ବେହେରା, କୋଷାଧ୍ୟକ୍ଷ ତୀର୍ଥବାସୀ ବେହେରା, ଓଁକାର ରାଉତ, ପୀତବାସ ବେହେରା, ନନ୍ଦକିଶୋର ବେହେରା, ସାଲେଗ୍ରାମ ବେହେରା ଦାବିପତ୍ର ପ୍ରଦାନ ବେଳେ ଉପସ୍ଥିତ ଥିଲେ।

# ଡ୍ରପ୍‌ଆଉଟ ତଥ୍ୟ ସଂଗ୍ରହ ଅଭିଯାନ ସରିଲା

**ସମ୍ବଲପୁର,୨୯।୫(ପ୍ରମୋଦ ବହିଦାର)**

## ଧନକଉଡ଼ା ବ୍ଲକ୍

ସମ୍ବଲପୁର ଜିଲା ଧନକଉଡ଼ା ବ୍ଲକରେ ୧୮ ବର୍ଷ ବୟସ ମଧ୍ୟରେ ଡ୍ରପ୍‌ଆଉଟ୍(ପାଠ ଛାଡ଼ିଥିବା) ପିଲାଙ୍କ ତଥ୍ୟ ସଂଗ୍ରହ ଅଭିଯାନ ଶେଷ ହୋଇଛି। ଜିଲା ଶିକ୍ଷାଧିକାରୀ ଲକ୍ଷ୍ମଣ ଭୋଇ ଓ ଧନକଉଡ଼ା ଗୋଷ୍ଠୀ ଶିକ୍ଷାଧିକାରୀ କରନ୍ ଶର୍ମାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ବ୍ଲକ୍‌ର ସମସ୍ତ ପ୍ରାଥମିକ ତଥା ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଶିକ୍ଷୟିତ୍ରୀ ଓ ଶିକ୍ଷକଙ୍କ ସହିତ ୨୨ଟି କ୍ଲଷ୍ଟରର ସମସ୍ତ ବିଆର୍‌ସିସି ଓ ସିଆର୍‌ସିସି ତଥା ଯୋଜନା ସଂଯୋଜକମାନେ ଘରକୁ ଘର ବୁଲି ପିଲାଙ୍କ ତଥ୍ୟ ସଂଗ୍ରହ କରିଛନ୍ତି। ଏଥିରେ ଧନକଉଡ଼ା ବ୍ଲକ୍ ଓ ସମ୍ବଲପୁର ମହାନଗର ନିଗମ ଅନ୍ତର୍ଗତ ମୋଟ ୭୭୨୨୦ ଘର ବୁଲି ପରିବାରଠାରୁ ପିଲାଙ୍କ ତଥ୍ୟ ସଂଗ୍ରହ କରିଛନ୍ତି। ସଂଗୃହୀତ ତଥ୍ୟକୁ ଜିଲା ଶିକ୍ଷା ବିଭାଗ କାର୍ଯ୍ୟାଳୟରେ ଦାଖଲ କରାଯାଇଛି। ପରବର୍ତ୍ତୀକାଳରେ ସମସ୍ତ ତଥ୍ୟ ହାସଲ ହେଲା ପରେ ଡ୍ରପ୍‌ଆଉଟ୍‌ଙ୍କ ସଂଖ୍ୟା ଜଣା ପଡ଼ିବ ବୋଲି ବିଭାଗ ପକ୍ଷରୁ କୁହାଯାଇଛି।



ଘରକୁ ଘର ବୁଲି ଡ୍ରପ୍‌ଆଉଟ୍ ପିଲାଙ୍କ ତଥ୍ୟ ସଂଗ୍ରହ କରୁଥିବା ଶିକ୍ଷୟିତ୍ରୀ।

# ହୃଦ୍‌ଶଲ୍ୟ ବିଭାଗ ସାମିଲ କରିବାକୁ ଦାବି

**ସମ୍ବଲପୁର,୨୯।୫(ଭବାନୀ ଶଙ୍କର ଭୋଇ):** ସାଂପ୍ରତିକ ସମୟରେ ହୃଦ୍‌ରୋଗ ଏକ ପ୍ରମୁଖ ସମସ୍ୟା। ତେବେ ସମ୍ବଲପୁର ଭିମସାରରେ ହୃଦ୍‌ରୋଗ ବିଭାଗ ଥିଲେ ହେଁ ହୃଦ୍‌ଘାତର ଅତ୍ୟାଧୁନିକ ଚିକିତ୍ସାର ସୁବିଧା ନାହିଁ ଫଳରେ ରୋଗୀ ଭୁବନେଶ୍ୱର କିମ୍ବା ବାହାର ରାଜ୍ୟ ଉପରେ ନିର୍ଭର କରିବାକୁ ବାଧ୍ୟ ହେଉଛନ୍ତି। ଶୁକ୍ରବାର ଭିମସାରରେ ନବନିର୍ମିତ ସୁପର ସ୍ପେଶିଆଲିଟି ହସ୍ପିଟାଲ ଲୋକାର୍ପଣ ହେବାକୁ ଯାଉଛି। ତେବେ ଜଟିଳ ଓ ବ୍ୟୟ ବହୁଳ ହୃଦରୋଗର ଉନ୍ନତମାନର ଚିକିତ୍ସା ବ୍ୟବସ୍ଥା ଏଥିରେ ସାମିଲ ହୋଇନାହିଁ। ଭିମସାର ସୁପର ସ୍ପେସିଆଲିଟି ହସ୍ପିଟାଲରେ ହୃଦରୋଗ ବିଭାଗରେ ଶଲ୍ୟ ଚିକିତ୍ସା ବ୍ୟବସ୍ଥା ସାମିଲ ନ ଥିବାରୁ ସେଠାରେ ବାଇପାସ ସର୍ଜରୀ, ଭାଲ୍ଭ ରିପାଏରିଙ୍ଗ, ଶିଶୁ ମାନଙ୍କ ହୃଦସମସ୍ୟା ଜନିତ ଚିକିତ୍ସା ଆଦି ବ୍ୟବସ୍ଥା ହୋଇପାରିବ ନାହିଁ। ତେଣୁ ଭିମସାରର ସୁପର ସ୍ପେଶିଆଲିଟି ହସ୍ପିଟାଲରେ ହୃଦଶଲ୍ୟ ବିଭାଗ ସାମିଲ କରିବା ପାଇଁ ସମ୍ବଲପୁରର ବିଶିଷ୍ଟ ଚିକିତ୍ସକ ତଥା ଆଇଏମଏର ପୂର୍ବତନ ଅଧ୍ୟକ୍ଷ ଡା. ଉତ୍ତମ ପାଣି ସରକାରଙ୍କୁ ଅନୁରୋଧ କରିଛନ୍ତି। ସମ୍ବଲପୁର ଏମ୍‌ପି ତଥା କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ଡ଼ ମୁକେଶ ମହାଲିଙ୍ଗ ଏବଂ ସମ୍ବଲପୁର ବିଧାୟକ ଜୟ ନାରାୟଣ ମିଶ୍ରଙ୍କୁ ପୃଥକ ଭାବେ ପତ୍ର ଲେଖି ସେ ଏନେଇ ଅନୁରୋଧ କରିଛନ୍ତି। ଏହାସହ ସୁପର ସ୍ପେଶିଆଲିଟି ହସ୍ପିଟାଲରେ ଅତ୍ୟାଧୁନିକ ଅପରେଶନ ଥିଏଟର ଓ ଆଇସିୟୁ ବ୍ୟବସ୍ଥା କରାଯିବାକୁ ଡ. ପାଣି ଦାବି କରିଛନ୍ତି।

**ଭିମସାର ସୁପର ସ୍ପେଶିଆଲିଟି ହସ୍ପିଟାଲ**



ଡ. ଉତ୍ତମ ପାଣି।


**ରିଲାଏବଲ ଇଣ୍ଡେନ୍ ରର୍ବାନ ବିତରକ** Indane

ଏତଦ୍ୱାରା (ଗଣେଶ ନଗର, କତରବଗା, ଖିଣ୍ଡା, କିଲାସମା, ଲପଙ୍ଗା, ପଧାନପାଲି, ରମ୍ପେଲା, ରେଙ୍ଗାଲି, ଶାସନ, ଠେଲକୋଲୋଇ) ଅଞ୍ଚଳର ଏଲ.ପି.ଜି. ଗ୍ରାହକମାନଙ୍କୁ ଜଣାଇ ଦିଆଯାଉଛି, ରେଙ୍ଗାଲି ଇଣ୍ଡେନ ଗ୍ରାମୀଣ ବିତରକରେ ଥିବା ଗ୍ରାହକମାନଙ୍କ ସୁବିଧା ନିମନ୍ତେ ଇଣ୍ଡେନ ଅଏଲ କମ୍ପାନୀ ଆପଣଙ୍କ ନିକଟତମ ଡିଷ୍ଟ୍ରିବ୍ୟୁଟର ରିଲାଏବଲ ଇଣ୍ଡେନ ରର୍ବାନ ବିତରକଙ୍କୁ ସ୍ଥାନାନ୍ତର କରାଯାଇଅଛି । ଆପଣମାନେ ନିକଟସ୍ଥ ରିଲାଏବଲ ଇଣ୍ଡେନ ରର୍ବାନ ବିତରକ ଅଫିସ ସହିତ ଯୋଗାଯୋଗ କରନ୍ତୁ ।

ଠିକଣା: ସପ୍ ନଂ-୧୦୩, ସହଜ ପ୍ଲାଜା କମ୍ପ୍ଲେକ୍ସ, ଗେଇଟୀ ରୋଡ, ଗୋଲବଜାର, ସମ୍ବଲପୁର-୭୬୮୦୦୧, ଫୋନ ନଂ:୦୬୬୩-୨୫୨୦୬୬୨, ମୋ:୯୯୩୮୨୯୫୫୦୦

**ମୋବାଇଲ୍ ମାଧ୍ୟମରେ ଆପଣଙ୍କ ଗ୍ୟାସ୍ ବୁକିଙ୍ଗ ନିମନ୍ତେ**

ଏଲ.ପି.ଜି. ଗ୍ୟାସ ବୁକିଙ୍ଗ ପାଇଁ ଆପଣଙ୍କ ରେଜିଷ୍ଟର ମୋବାଇଲ ନମ୍ବରରୁ ୮୪୫୪୯୫୫୫୫୫ ନମ୍ବରରେ ମିସ୍‌କଲ କରନ୍ତୁ ।

